

# ଡାକଟିକଟ ପରିଚୟ






## "ପରିବେଶ ଓ ଜଳବାୟୁ"

ଏହି ବିଷୟକ ସଂଗ୍ରହର ଗୋଟିଏ ପୃଷ୍ଠାର ଫଟୋଚିତ୍ର । ପୃଷ୍ଠାର ମାପ ୨୨ × ୨୯ ସେଣ୍ଟିମିଟର । ତଳ ଅଧର ବାମ ଚଉଠି ଏଠାରେ ନାହିଁ ।





ଇଂରାଜୀରେ ଦିଆଯାଇଥିବା ଟିପ୍ପଣୀ : ପୃଥିବୀ ମହାକାଶରେ ଗୋଟିଏ ପୋତ ସଦୃଶ । ସୂର୍ଯ୍ୟତାପ ଓ ବାୟୁମଣ୍ଡଳର ଜଳ ଉଭୟର ପାରସ୍ପରିକ ପ୍ରକ୍ରିୟା ଜଳବାୟୁ ତିଆରି କରେ ଓ ଜଳବାୟୁ ହିଁ ପୃଥିବୀରେ ଜୀବ ଓ ଉଦ୍ଭିଦର ଆକାର ଠିକ୍ କରିଥାଏ । ସୂର୍ଯ୍ୟଙ୍କ ଯୋଗୁ ଋତୁଚକ୍ର ତିଆରି ହୁଏ । ତାପ ହିଁ ଜୀବନର ପ୍ରଥମ ଆବଶ୍ୟକତା । ଜଙ୍ଗଲ ନଷ୍ଟହେଲେ ଭୂତଳ ଜଳର ସ୍ତର ତଳକୁ ଖସିଯାଏ; ବାୟୁମଣ୍ଡଳରେ ଅମ୍ଳଜାନ ଓ ଜଳୀୟବାଷ୍ପ ହ୍ରାସ ହୁଏ । ପୃଥିବୀରେ ମିନିଟକୁ ୨୦ରୁ ୫୦ ହେକ୍ଟର ଜଙ୍ଗଲ ନଷ୍ଟ ହେଉଥିବାରୁ ଜୀବନ ବିପନ୍ନ ହେଉଛି ।

# ଡାକଟିକଟ ପରିଚୟ


**ସହଦେବ ସାହୁ,**

ଭାରତୀୟ ପ୍ରଶାସନ ସେବା

ଉପସଭାପତି, ଓଡ଼ିଶା ଫିଲାଟେଲିକ ଆସୋସିଏସନ

ସଭ୍ୟ, ଫିଲାଟେଲିକ କଂଗ୍ରେସ ଅଫ୍ ଇଣ୍ଡିଆ, କାର୍ଯ୍ୟକାରୀ ସମିତି



ପ୍ରକାଶକ

ଓଡ଼ିଶା ବୁକ୍ ଷ୍ଟୋର

ବିନୋଦ ବିହାରୀ, କଟକ-୭୫୩୦୦୨

ORISSA BOOK STORE
1 Oct 1988
CUTTACK-753002

# DAK TIKATA PARICHAY (ORIYA)

**[ AN INTRODUCTION TO STAMP COLLECTING ]**

୧ମ ପ୍ରକାଶ : ୧୯୭୭
୨ୟ ପ୍ରକାଶ : ୧୯୮୮


© **S. SAHOO**

*Printed at* : **Guruprasanna Press, Cuttack-1**
*& Published by* : **G. C. Patra, Orissa Book Store**
**Cuttack-753002**

Rs 15-00

**nly**

ଡାମଣ୍ଡା କାଟ୍ ଲଗରେ ନଥିବା
ଟିକଟ




“ଏକ ପଇସା” ବଦଳରେ
“ଢନପାହ୍ନ”










ପେନବ୍ଲାକ୍ (ବିଲାତ)




ଡବଲ୍ ଗ୍ଲପା ଦୁଇଅଣା (ଭାରତ)





ଚୀନ ଟିକଟ









ଆଇନଷ୍ଟାଇନ୍




॥ ୨ ॥

Damus Petimusque Vicis sim ( ଆମେ ଦେଉ ଓ ବଦଳରେ ଆମେ ଚାହୁଁ ) । ସେବା ଯୋଗାଇବୁ ତେଣୁ ପଇସା ନେବୁ, ଏହି ଅର୍ଥରେ ସରକାର ଡାକଟିକଟ ପ୍ରଚଳନ କରନ୍ତି । ଅଗ୍ରୀମ ଦେଇ ଡାକବିଭାଗର ସେବା ଲୋକେ ପାଆନ୍ତି । ଏହି ଆଦର୍ଶକୁ ବ୍ରିଟିଶ ଗାଏନାର ଏକ ସେଣ୍ଟଟିକଟ ଉପରେ ଛପାଯାଇଛି । ( ଏହି ଟିକଟର ୧୯୮୮ ମସିହା ମୂଲ୍ୟ ହେଉଛି ୧ କୋଟି ଟଙ୍କା । )

୧୮୪୦ରେ ଗ୍ରେଟ୍‌ବ୍ରିଟେନ ଡାକ ବ୍ୟବସ୍ଥାର ସଂସ୍କାର କଲା । ଡାକରେ ଚିଠିଯିବ, ଏଥିପାଇଁ ଆଗରୁ ପଇସା ଆଦାୟ କରିବାପାଇଁ ଅଠାଦିଆ ନିଶାଣ ଲଗାଇବା ବା ନିଶାଣ ଛପାଥିବା ଲଫାପା ବ୍ୟବହାର କରିବା ଦରକାର ହେଲା । ଏହି ନିଶାଣକୁ ଆମେ ଡାକଟିକଟ କହୁ ।

**ଆଦି ସଂଗ୍ରାହକ :**

କେବେ କିଏ ପ୍ରଥମେ ଏହି ଟିକଟ ସଂଗ୍ରହ କରିବା ଆରମ୍ଭ କଲା—ଠିକ୍ କରି କହିହେବ ନାହିଁ । କାଗଜପତ୍ରରୁ ଜଣାଯାଏ ବ୍ରାସେଲସ୍ (ବେଲଜିଅମ୍)ର ଜଣେ ବହି ଦୋକାନୀ Jean Baptiste Moens ୧୮୪୮ରୁ ଟିକଟ ରଖିବା ଆରମ୍ଭ କଲେ । ୧୮୫୨ ରେ ଟିକଟ ବ୍ୟବସାୟ ଆରମ୍ଭ କଲେ । ଅନ୍ୟ ଦେଶରୁ ଟିକଟ ପ୍ରକାଶ ହେଲାକ୍ଷଣି ମଗାଇ ଆଣୁଥିଲେ । ତାଙ୍କ ଉଦ୍ୟମ ଯୋଗୁ ଆଜିକାଲି ମଧ୍ୟ ପୃଥିବୀବିଖ୍ୟାତ କେତେଗୁଡ଼ିଏ ଟିକଟ ବିଭିନ୍ନ ସଂଗ୍ରହରେ ଦେଖିବାକୁ ମିଳୁଛି । ୧୮୬୩ରେ ମଏନ୍‌ସ 'ଡାକଟିକଟ' (Le Timbre Poste) ନାମକ ଏକ ପତ୍ରିକା ମଧ୍ୟ ଚାଲୁକଲେ ।

ବିଲାତରେ ଏଡୱାର୍ଡ଼ ଷ୍ଟାନଲି ଗିବନ୍‌ସ (ଷ୍ଟାନଲି ଗିବନ୍‌ସ କମ୍ପାନୀର ପ୍ରତିଷ୍ଠାତା) ୧୬ ବର୍ଷ ବୟସରେ ୧୮୫୬ରେ ଟିକଟ ବିକ୍ରି ଆରମ୍ଭ କଲେ । ଡାକଟିକଟର ଜନ୍ମବର୍ଷ ୧୮୪୦ରେ ତାଙ୍କର ଜନ୍ମ । ପ୍ଲାଇମାଉଥ୍ ସହରରେ ବାପାଙ୍କ ଔଷଧ ଦୋକାନର ଏକ କୋଣରେ ନିଜ ସଂଗ୍ରହର ଟିକଟ ସବୁ ବିକିବା ଆରମ୍ଭ କରି ୧୮ ବର୍ଷ ବ୍ୟବସାୟରେ ସେ ବଡ଼ଲୋକ ହୋଇଗଲେ । ୧୮୭୪ ବେଳକୁ ସେ ଲଣ୍ଡନରେ ନିଜର ଟିକଟ ଦୋକାନ ଖୋଲିଲେ । ତାଙ୍କ ପ୍ରଚଳିତ S. G. କାଟ୍‌ଲଗ୍ ଟିକଟ ସଂଗ୍ରାହକମାନଙ୍କ ନିକଟରେ ଖୁବ୍ ପରିଚିତ ।

ଫିଲାଡେଲଫିଆର A C. Kline ଆମେରିକାର ପ୍ରଥମ ସଂଗ୍ରାହକ ହେଲେ ହେଁ ଆମେରିକାର ପ୍ରଥମ ସଂଗ୍ରାହକମାନଙ୍କ ମଧ୍ୟରେ ଜନ୍ ୱାଲଟର ସ୍କଟ ବିଖ୍ୟାତ । ୧୮୬୬ରେ ସେ ନିୟୁର୍କରେ ଟିକଟ ବିକ୍ରି ଆରମ୍ଭ କଲେ । ତାଙ୍କର ଲେଖାଲେଖି ଭିତରୁ ସ୍କଟ୍ କାଟ୍‌ଲଗ୍ ଏବେବି ଚଳିଆସୁଛି । ଆମେରିକା ସଂଗ୍ରାହକମାନଙ୍କ ମଧ୍ୟରେ ସ୍କଟ୍ କାଟ୍‌ଲଗ୍ ପ୍ରସିଦ୍ଧ ।

ପ୍ରଥମଟିକଟ ବାହାରିବାର ୧୧ ବର୍ଷ ଭିତରେ ପିଲାମାନେ ଟିକଟ ସଂଗ୍ରହରେ ଖୁବ୍ ଆଗ୍ରହ ଦେଖାଇଲେ । ସ୍ତ୍ରୀଲୋକମାନେ ଦ୍ୱାରବନ୍ଧରେ ଅଠାଲଗାଇ ଘର ସଜାଇବାରେ ଟିକଟ ବ୍ୟବହାର କଲେ । କ୍ରମେ କ୍ରମେ ଏତେସଂଖ୍ୟାରେ ଓ ଏତେ ରକମର ଟିକଟ ବାହାରିଲା ଯେ ଟିକଟସଂଗ୍ରହ କରିବା ଗୋଟିଏ ସଉକ (hobby) ହୋଇ ଉଠିଲା ।

ସଂଗ୍ରାହକମାନଙ୍କୁ ଦେଶ-ବିଦେଶର ଟିକଟ ଯୋଗାଇବା ପାଇଁ ଦୋକାନ ଖୋଲିଲା । ସଙ୍ଗେ ସଙ୍ଗେ ଟିକଟ ସଂଗ୍ରହ ସଉକ ବିଷୟରେ ପତ୍ରପତ୍ରିକା ଓ ବହିମାନ ଲେଖାହେଲା । ଏହି ଆଦିମ ଲେଖକମାନେ ଆଜି କୁହାଯାଉଥିବା ଡାକଟିକଟ ସଂଗ୍ରହ ସଉକ ବା hobbyର ମୂଳଦୁଆ ପକାଇଛନ୍ତି ।

**Philately ( ଫିଲଟେଲି ) :**

ସବୁ ଜିନିଷର ଗୋଟିଏ ନାଁ ଦରକାର । **M. Georges Herpin** ଏକ ପ୍ରବନ୍ଧରେ ପ୍ରଥମେ **Philatelic** ବୋଲି ନାମ ଏହି ସଉକ ପାଇଁ ପ୍ରସ୍ତାବ କଲେ । ଦୁଇଟି ଗ୍ରୀକ୍ ଶବ୍ଦ **Philos** (ବନ୍ଧୁ, ପ୍ରେମ) ଓ **telia** (ଟିକସ, ଖଜଣା), ମଝିରେ ନାହିଁ ଅର୍ଥରେ **'a'** ଲଗାଯାଇଛି—ଅର୍ଥାତ୍ କର ନ ପଡ଼ୁଥିବା ଜିନିଷ ପ୍ରତି ଆଗ୍ରହ । ଡାକମାସୁଲ ସମ୍ପର୍କୀୟ ଯେ କୌଣସି ବିଷୟ ବା ବସ୍ତୁ ପ୍ରତି ଆଗ୍ରହ ବା ସେଗୁଡ଼ିକର ଅନୁଧ୍ୟାନ ହିଁ **Philately** (ବା ଡାକଟିକଟ ସଉକ) । ଟିକଟ ଲାଗିଥିଲେ ଚିଠି ପାଇବାକୁ ଆଉ ମାସୁଲ ଦେବାକୁ ପଡ଼ିବ ନାହିଁ । ବିଶେଷ୍ୟଭାବରେ ବ୍ୟବହାର ହେଲେ ଏହାର ଉଚ୍ଚାରଣ ଫି'ଲାଟ'ଲି; କିନ୍ତୁ ବିଶେଷଣ ଭାବରେ ଉଚ୍ଚାରଣ ଫିଲା'ଟେଲି'କ; ଯଥା ଫିଲାଟେଲିଷ୍ଟ, ଫିଲାଟେଲିକ ଏଗ୍‌ଜିବିସନ୍ ।

**ସଉକର ରାଜା—ରାଜାଙ୍କ ସଉକ :**

ଟିକଟ ସଂଗ୍ରହ ଏକ ବିଶ୍ୱବ୍ୟାପୀ ସଉକ । ସଂଗ୍ରାହକମାନଙ୍କ ମଧ୍ୟରେ ବିଶ୍ୱଭ୍ରାତୃତ୍ୱ ଦେଖାଯାଏ । ବହୁତ ଲୋକ ଏ ସଉକ ରଖିଥିବାର କାରଣ ବହୁତ । ଅନ୍ୟ ସଉକ ଅପେକ୍ଷା ଖୁବ୍ କମ ଜାଗାରେ ବହୁତ ବେଶି ଟିକଟ ରଖି ହେବ । ଗୋଟିଏ ଛୋଟ ବହି ବା ଖାତା ଭିତରେ ୧୦ ହଜାର ଟିକଟ ନେଇ ହେବ, କିନ୍ତୁ ୧୦ ହଜାର ମୁଦ୍ରା ନେବା ଆଣିବା କାଠିକର ପାଠ । ବୟସ ବା ପାଠ ନିର୍ବିଶେଷରେ ସମସ୍ତଙ୍କୁ ଏ ସଉକ ଭଲ ଲାଗେ । ଏତେ ରକମର ଟିକଟ ବାହାରିଛି ଯେ କୌଣସି ବିଷୟରେ ଯେ କୌଣସି ପ୍ରକାର ଆଗ୍ରହ ପାଇଁ ଟିକଟ ମିଳିପାରିବ । ସଂଗ୍ରହ ପାଇଁ ବେଶି ଦୂର ଯିବା ଦରକାର ନାହିଁ । ନିଜ ଘର, ସାଙ୍ଗସାଥୀଙ୍କ ବା ଜଣାଶୁଣା ବ୍ୟକ୍ତିଙ୍କ ଘରେ ବା ବିଦେଶୀ ଚିଠିପତ୍ରରୁ ଟିକଟ ସଂଗ୍ରହ କରି ହେବ । ଏଣୁ ସବୁ ସଉକ ଭିତରେ ଟିକଟ ସଂଗ୍ରହ ସଉକ ରାଜା (**King of hobbies**) ବୋଲି କୁହାଯାଏ ।

ସବୁ ଟିକଟ ସଂଗ୍ରହ କରିବାକୁ ହେଲେ ବା କୌଣସି ଦେଶ ବା ବିଷୟରେ ସବୁ ଟିକଟ ରଖିବାକୁ ହେଲେ ଖୁବ୍ ଖର୍ଚ୍ଚ କରିବାକୁ ପଡ଼ିପାରେ । ପୁରୁଣା ଟିକଟ ତ ଅମୂଲ ମୂଲ । ଏଥିପାଇଁ ଟିକଟ ସଂଗ୍ରହ ସଉକକୁ ରାଜାମାନଙ୍କ ସଉକ (**hobby of Kings**) ମଧ୍ୟ କୁହାଯାଇଥାଏ ।

ଅନେକ ଲୋକ ଟିକଟ ସଂଗ୍ରହ କରନ୍ତି ପଇସା କମାଇବାକୁ । କିଣା ବିକା କରୁଥିବା ଦୋକାନୀଙ୍କ କଥା ମୁଁ କହୁ ନାହିଁ କିମ୍ବା ଟିକଟଗୁଡ଼ିକର ଦର ସମୟକ୍ରମେ ଯେ ନ ବଢ଼ୁଛି ଏକଥା ମୁଁ କହୁନାହିଁ । କିନ୍ତୁ କେତେକ ଲୋକେ ପଇସା ସଞ୍ଚୟ କରିବା ପାଇଁ ଟିକଟ କିଣି ରଖିଥାନ୍ତି । ଏମାନଙ୍କ ପାଖରେ ଟିକଟ ସଂଗ୍ରହର ସୁଖ ନାହିଁ—ଠେକ ଭିତରେ ଟଙ୍କା ରଖି କିଛିଦିନ ଅନ୍ତରରେ କେତେଟଙ୍କା ହେଲା ଏ ଭଳି ଗଣୁଥିବା କୃପଣ ଲୋକ ଭଳି ବରଂ ଚିନ୍ତା ଅଛି । ସଉକର ଅର୍ଥ ହେଲା—ଅବସର ସମୟଟିକ ଲାଭଜନକ ଉପାୟରେ ଓ ଜ୍ଞାନ ଆହରଣ ପାଇଁ କଟାଇଦେବା । ସଉକ ପାଇଁ ଡାକଟିକଟ ସଂଗ୍ରହ କରୁଥିବା ଲୋକଙ୍କୁ ଟିକଟ ଶିକ୍ଷା ଦାନ କରେ; ଦିନସାରାର ଦୁଃଖଜଞ୍ଜାଳ ମନରୁ ଲିଭାଇ ଦିଏ । ସଂଗ୍ରାହକର ସାଧାରଣଜ୍ଞାନ, ଶୃଙ୍ଖଳା ଓ ପ୍ରଫୁଲ୍ଲତା ବଢ଼ାଏ ।

ଡାକଟିକଟ ସଂଗ୍ରହ ଆଜିକାଲି ଖାଲି ସଉକ ହୋଇ ନାହିଁ । ଏହା ଗବେଷଣାର ବିଷୟ ହୋଇଗଲାଣି । ଟିକଟକୁ ପଢ଼ି ସଂଗ୍ରାହକମାନେ ବିଭିନ୍ନ ଦେଶର ନାମ, ମୁଦ୍ରାବ୍ୟବସ୍ଥା, ଭୂଗୋଳ, ଇତିହାସ, ପ୍ରାକୃତିକ ଜୀବନ ତଥା କଳା, ସଂସ୍କୃତି ଓ ବିଜ୍ଞାନ କ୍ଷେତ୍ରରେ ଉନ୍ନତି ଆଦି ବିଷୟ ଜାଣିପାରନ୍ତି । ଟିକଟ ବହି ବା ଆଲବମ୍‌ଟି ଜ୍ଞାନର ଗୋଟିଏ ଗନ୍ତାଘର ବା ଏନ୍‌ସାଇକ୍ଲୋପେଡ଼ିଆ ହୋଇପାରେ ।

**କ'ଣ କରିବା :**

ଶହେ ବର୍ଷ ତଳେ ସବୁ ଦେଶର ଟିକଟ ରଖିବା ସହଜ ହେଉଥିଲା । ବିଭିନ୍ନ ଦେଶର ଟିକଟ ଆମୂଳଚୂଳ ରଖି ହେଉଥିଲା । ଟିକଟ ସଂଗ୍ରହ ଲୋକପ୍ରିୟ ହୋଇଯିବାର ଦେଖି ବିଭିନ୍ନ ଦେଶ ନିଜର ସଂସ୍କୃତି, କଳା, ଉନ୍ନତି, ଦର୍ଶନୀୟସ୍ଥାନ ଆଦି ବିଷୟରେ ଅନେକ ଟିକଟ ପ୍ରତିବର୍ଷ ଛପାଇଲେ । ଟିକଟ ଗୁଡ଼ିକ ସେ ଦେଶର ବାର୍ତ୍ତାବହ ଭଳି କାମ କଲେ । ତିନି ଲକ୍ଷରୁ ଅଧିକ ଟିକଟ ପୃଥିବୀର ବିଭିନ୍ନ ଦେଶ ପ୍ରକାଶ କରି ସାରିଲେଣି । ପ୍ରତିବର୍ଷ ଛ'ରୁ ଦଶ ହଜାର ପର୍ଯ୍ୟନ୍ତ ନୂଆ ଡାକଟିକଟ ପ୍ରକାଶ ପାଉଛି । ତେଣୁ ବିଶ୍ୱର ସମସ୍ତ ଟିକଟ ସଂଗ୍ରହ କରିବା ଅସମ୍ଭବ ହୋଇ ପଡ଼ିଲାଣି ।

ଫଳରେ ସଂଗ୍ରାହକମାନେ କୌଣସି ଏକ ନିର୍ଦ୍ଦିଷ୍ଟ ବିଷୟରେ ବା ନିର୍ଦ୍ଦିଷ୍ଟ ଦେଶ ବା ଅଞ୍ଚଳର ଡାକଟିକଟ ସଂଗ୍ରହ କରି ସେ ସମ୍ପର୍କରେ ଯେତେ ଟିକଟ ମିଳିପାରୁଛି ସଂଗ୍ରହ କରୁଛନ୍ତି । ଗତ କେତେ-ବର୍ଷ ହେଲା ଗୃହଆଡ଼େ ଏହି ନୂଆ ଢଙ୍ଗ ଦେଖାଦେଇଛି—ବିଷୟ ମୂଳକ ସଂଗ୍ରହ । ଲୋକପ୍ରିୟ ବିଷୟ ଯଥା—ବ୍ୟୋମଡାକ, କଳା, ପକ୍ଷୀ, ପ୍ରଜାପତି, ଯୋଗାଯୋଗ, ମାଛ, ବିଖ୍ୟାତ ପୁରୁଷ ଓ ସ୍ତ୍ରୀ, ଫୁଲ, ଔଷଧ, ଚିତ୍ରକଳା, ରେଳବାଇ, ଧର୍ମ, ରକେଟ, ଖେଳକୁଦ, ଜାହାଜ ଆଦି ବହୁତ ପ୍ରକାରର ବିଷୟରେ ଟିକଟ ବାହାରିଛି । ଯେ କୌଣସି ବିଷୟ ଭାବନା କାହିଁକି ସେ ବିଷୟରେ ଡାକଟିକଟ ମିଳିବ । ଆଗ୍ରହ ଅନୁଯାୟୀ ସଂଗ୍ରାହକ ଟିକଟ ରଖିବା ଦରକାର । ପୁଣି ପ୍ରତି ବିଷୟ ମଧ୍ୟ ଛୋଟ ଛୋଟ ବିଷୟରେ ଭାଗ ହୋଇପାରେ; ଯଥା ପକ୍ଷୀ ଉପରେ ସଂଗ୍ରହଟି ସାମୁଦ୍ରିକ ପକ୍ଷୀ, ସ୍ଥଳଚର ପକ୍ଷୀ, ଶିକାରୀ ପକ୍ଷୀ, ଖାଦ୍ୟଯୋଗ୍ୟ ପକ୍ଷୀ ଆଦି ବିଭିନ୍ନ ଅନୁବିଭାଗ ହୋଇପାରେ ।

ଆଜିକାଲି ଯେଉଁମାନେ ବଡ଼ ସଂଗ୍ରାହକ ବୋଲାଉଛନ୍ତି, ସେମାନେ ପ୍ରଥମେ ପ୍ରଥମେ ସାଧାରଣ ସଂଗ୍ରହ ଆରମ୍ଭ କରିଥିଲେ । ଅନୁଭୂତି ଓ ଅଭିଜ୍ଞତା ତଥା ଜ୍ଞାନ ବଢ଼ିବାରେ ଏହି ସାଧାରଣ ଟିକଟ ସଂଗ୍ରହ ସେମାନଙ୍କୁ ସାହାଯ୍ୟ କରିଛି । ପରେ ସେମାନେ ବିଭିନ୍ନ ବିଷୟରେ ସ୍ୱତନ୍ତ୍ର ସଂଗ୍ରହ ଦିଗରେ ଉଦ୍ୟମ କରି ସଫଳ ହୋଇଛନ୍ତି । ଏବେ ଯେଉଁମାନେ ଟିକଟ ସଂଗ୍ରହ ଆରମ୍ଭ କରିବେ ବା କରୁଛନ୍ତି, ସେମାନେ ମଧ୍ୟ ସାଧାରଣ ସଂଗ୍ରହ କରିବା ଉଚିତ, କାରଣ ଏହାଠାରୁ ବଳି ଜ୍ଞାନ ବଢ଼ାଇବାର ଭଲ ଉପାୟ ଆଉ ନାହିଁ । ଜ୍ଞାନ ବଢ଼ିବା ସଙ୍ଗେ ସଙ୍ଗେ ଡାକଟିକଟ ସଂଗ୍ରହର କୌଣସି ଏକ ବା ଏକାଧିକ ବିଶେଷ ଦିଗ ବା ଅନୁବିଭାଗ ପ୍ରତି ନଜର ରଖି ସଂଗ୍ରହ ଚଳାଇବା ଉଚିତ ।

**ସଂଗ୍ରହ ଆରମ୍ଭ :**

ଟିକଟ ସଂଗ୍ରହ ପାଇଁ ତିନୋଟି ଜିନିଷ ନିହାତି ଦରକାର; କିଛି ଟିକଟ, ଟିକଟ କବଜା (hinge ବା mount) ଏବଂ ଗୋଟିଏ ସଂଗ୍ରହ ପୁସ୍ତିକା ବା ଆଲ୍‌ବମ୍ (album) ।

ଆଗେ ଟିକଟ କଥା ଦେଖାଯାଉ । ଯେତେ ଟିକଟ ମିଳିପାରୁଛି ତାକୁ ସଂଗ୍ରହ କରିବା । ପ୍ରଥମେ ଆରମ୍ଭ କରୁଥିବା ଲୋକ କୌଣସି ଟିକଟ ଦୋକାନୀଠାରୁ ବିଭିନ୍ନ ("all different") ଟିକଟର ଗୋଟିଏ ବଡ ତାଡ଼ା (ପାକେଟ) କିଣିନେବା ଉଚିତ । ପୃଥିବୀର ୧୦୦୦ଟି ବିଭିନ୍ନ ଟିକଟର ତାଡ଼ା କିଣିନେଲେ ବହୁତ ଦେଶର ଟିକଟ ମିଳିଯିବ ଏବଂ ପିଲାମାନଙ୍କର ସଂଗ୍ରହ ପୁସ୍ତିକାରେ ବେଶି ଜାଗା ଫାଙ୍କା ରହିବ ନାହିଁ । ସଂଗ୍ରହ ଆରମ୍ଭ କରିବା ପରେ ନିଜର ଭାଇବନ୍ଧୁଙ୍କୁ କହି ରଖିବା ଉଚିତ ଯେ ସେମାନେ ଯେ କୌଣସି ସ୍ଥାନରୁ ଟିକଟ ପାଇଲେ ତୁମ ନିକଟକୁ ପଠାଇଦେବେ । ଯଦି କୌଣସି ସଂଗ୍ରାହକର ବେଶି ବିଦେଶୀ ଟିକଟ ଅଛି ଓ ସେଗୁଡ଼ିକ ବଳକା ହୋଇ ପଡ଼ୁଛି, ସେ କିଛି ଦେଇପାରନ୍ତି । କୌଣସି ଅଫିସରେ ଯଦି ଦେଶବିଦେଶର ଡାକ ବେଶି ଆସୁଥାଏ ଏବଂ ସେଠାରେ ତୁମର କେହି ଚିହ୍ନା ଲୋକ ଥା'ନ୍ତି, ତାଙ୍କୁ ଅନୁରୋଧ କଲେ ସେ ଟିକଟ ଯୋଗାଇଦେଇ ପାରିବେ । ବନ୍ଧୁବାନ୍ଧବ ବା ପିତାମାତାଙ୍କୁ ପଚାରି, ଯଦି ସେ କୌଣସି ପୁରୁଣା ବା ଆଭିଜାତ୍ୟ ପରିବାର ବିଷୟରେ ଜାଣନ୍ତି, ସେଠାରୁ ପୁରୁଣା କାଗଜପତ୍ରରୁ ପୁରୁଣା ଟିକଟ ମିଳିପାରେ । କେହି ଭଦ୍ରଲୋକ ତାଙ୍କ ପିଲାଦିନୁ ଟିକଟ ସଂଗ୍ରହ କରି ଯଦି ଏବେ ବନ୍ଦ କରିଦେଇଥା'ନ୍ତି, ତାଙ୍କ ସଂଗ୍ରହତକ ନେଇ ଆସିବା ଉଚିତ । ଯଦି ସମୟ ମିଳୁଛି ଡାକଘରେ ଆସୁଥିବା ପାର୍ସଲ ବା ରେଜିଷ୍ଟାର୍ଡ଼ ଜିନିଷପତ୍ରର ପ୍ରାପ୍ତକର୍ତ୍ତାଙ୍କ ଠିକଣା ନେଇନିଅ ଓ ସେମାନଙ୍କଠାରୁ ସେହି ଜିନିଷ ଗୁଡ଼ିକ ଉପରେ ଥିବା ଟିକଟ-ସବୁ ସଂଗ୍ରହ କରିନିଅ । ଯେନତେନ ପ୍ରକାରେଣ ଟିକଟସଂଖ୍ୟା ବଢ଼ାଇବାକୁ ପଡ଼ିବ ।

**ବଛାବଛି :**

ଟିକଟଗୁଡ଼ିଏ ମିଳିଗଲେ ସେଗୁଡ଼ିକୁ ସଂଗ୍ରହ ପୁସ୍ତିକାରେ ରଖିବାର ବନ୍ଦୋବସ୍ତ କରିବାକୁ ପଡ଼ିବ । ଟିକଟକୁ ହାତରେ ବାରମ୍ବାର ଧରାଧରି କଲେ ମଇଳା ହୋଇଯାଏ, ବେଶି ଦିନ ରହେ ନାହିଁ । ଏଥିପାଇଁ ଏକପ୍ରକାର ଚିମୁଟା (tweezers) ବ୍ୟବହାର କରାଯାଏ । ଚିମୁଟାଟି ଛୋଟ; ସାଧାରଣତଃ ନିକେଲ ଲେପଦିଆ ବା କଳଙ୍କି ଲାଗୁ ନଥିବା ଏକ ଧାତୁରେ ତିଆରି; ମୁହଁ ଦୁଇଟି ଥକୁସ । ଏଭଳି ଚିମୁଟାର ଗୁଣ ଟିକଟକୁ ମଇଳା ନ କରିବା ଓ ଚିରି ନ ଦେବା ପାଇଁ ଦରକାର । ଯଦି ହାତ ସଫା ଅଛି, ଝାଳୋଉ ନାହିଁ, ତେବେ ଚିମୁଟା ବ୍ୟବହାର ନ କରି ମଧ୍ୟ ଟିକଟ ସଜାଡ଼ି ହେବ ।

ବର୍ତ୍ତମାନ ସଂଗ୍ରହ କରିଥିବା ଟିକଟଗୁଡ଼ିକୁ ୩ ଭାଗରେ କୁଡ଼ କରିବା ଦରକାର । ବ୍ୟବହାର ହୋଇଥିବା (used) ଟିକଟ, ଡାକମୋହର ବସି ନଥିବା ଟିକଟ ଏବଂ ଲଫାପା ବା କାର୍ଡ଼ ଆଦି ଉପରେ ଲାଗିଥିବା ଟିକଟ । ଡାକମୋହର ବସି ନଥିବା ଟିକଟର ପଛପଟେ ଯଦି ଅଠା ଠିକ୍ ରହିଥାଏ, ସେ ପ୍ରକାର ଟିକଟକୁ ନୂଆ ଟିକଟ ବା Mint ଟିକଟ କହନ୍ତି । ଡାକଘରୁ କିଣି ଆଣିଥିବା ଟିକଟ ଏହି ଶ୍ରେଣୀର । ଏ ପ୍ରକାର ଟିକଟ ରଖିବା ପାଇଁ ବେଶି ଯତ୍ନ ଦରକାର । ଏ ଗୁଡ଼ିକୁ ଭିନ୍ନ ଜାଗାରେ ରଖ । ଯେଉଁ ଟିକଟ୍ ଗୁଡ଼ିକ ପୂରା ଲଫାପା ବା କାର୍ଡ଼ରେ ଅଛି ସେଗୁଡ଼ିକୁ ମଧ୍ୟ ଭିନ୍ନ ଜାଗାରେ ରଖ । ଯେଉଁ ବ୍ୟବହୃତ ଟିକଟ

ଗୁଡ଼ିକର ପଛପଟେ କାଗଜ ନାହିଁ ବା ଟୁକୁରା କାଗଜ ଅଛି ଏବଂ ଯେଉଁ ଅବ୍ୟବହୃତ ଟିକଟର ପଛପଟୁ ଅଠା ଧୋଇଦେବା ଦରକାର, ସେଗୁଡ଼ିକୁ ସଂଗ୍ରହ ପୁସ୍ତିକାରେ ରଖିବା ପୂର୍ବରୁ ସଫା କରିବାକୁ ହେବ ।

**ଧୋଇବା :**

ଟିକଟ ପଛପଟ୍ ଅଠା ବା ଟୁକୁରା କାଗଜ ନ ଛଡ଼ାଇଲେ ସଂଗ୍ରହ ପୁସ୍ତିକାରେ ରଖ ନାହିଁ । କାରଣ ଏହା ଦେଖିବାକୁ ଭଲ ଲାଗେ ନାହିଁ । ପରନ୍ତୁ ପୃଷ୍ଠାରେ ଅଠା ଲାଗି ରହି ଯାଇପାରେ । ଏଥିପାଇଁ ବ୍ୟବହୃତ ଟିକଟଗୁଡ଼ିକୁ ଧୋଇବା ଦରକାର । ଗୋଟିଏ ଚଟକା ଥାଳ ବା ଅଗଭୀର ଜାଗାରେ ପାଣି ରଖି ସେଥିରେ ଟିକଟଗୁଡ଼ିକୁ ଉପର ମୁହାଁ କରି ଭଜାଇ ଦିଅ; ଯେପରି ଟିକଟ ପଛପଟେ ଥିବା କାଗଜ ପାଣିରେ ଭିଜିବ । କିଛି ସମୟ (ପ୍ରାୟ ୧୦।୧୫ ମିନଟ୍ ) ପରେ ପ୍ରତି ଟିକଟ କାଗଜ ଟୁକୁରାରୁ ପୃଥକ୍ ହୋଇଯିବ । ଯେଉଁ କେତେକ ଛୁଟି ନ ଯାଉଛି, ସେଗୁଡ଼ିକୁ ପାଣିରେ ହଲାଇଦେଲେ, ଛୁଟିଯାଇପାରେ । ତଥାପି ଯଦି ନ ଛୁଟେ, ଆଉ କିଛି ମିନଟ ପାଣିରେ ଭାସିବାକୁ ଦିଅ । ଯଦି ବାଜେ ଅଠା ଲାଗିଥାଏ, ଟିକଟକୁ ହାତରେ ଧରି ପଛପଟ କାଗଜକୁ ଅଳ୍ପଜୋର ଦେଇ ଛଡ଼ାଇବାକୁ ପଡ଼ିପାରେ । ସବୁବେଳେ ସାବଧାନ ହେବ, ଯେପରି ଟିକଟର କୌଣସି ଅଂଶ ଚିରି ନ ଯାଏ । ଟିକଟଗୁଡ଼ିକ ପୃଥକ୍ ହୋଇ ଭାସିଲେ ବା ଛୁଟିଗଲେ ବି କେତୋଟିରେ ଅଠା ଲାଗିରହିଯାଏ । ସେଗୁଡ଼ିକୁ ପାଣି ଭିତରେ ବୁଡ଼ାଇ ଧରି ଧୀରେ ଧୀରେ ବୁଢ଼ା ଅଙ୍ଗୁଳି ଟିପ ଚଳାଇ ଅଠା ଛଡ଼ାଇ ଦିଅ କିମ୍ବା ଏକ ସଫା ସରୁ ତୁଳି ଦ୍ୱାରା ଅଠା ଛଡ଼ାଇ ନିଅ । ପାଣିରେ ଟିକଟ ସବୁ ଅଲଗା ହୋଇଗଲେ ସଙ୍ଗେ ସଙ୍ଗେ ଅଠା ଛଡ଼ାଇ ଶୁଖାଇବା ଦରକାର; ନ ହେଲେ ମୋଡ଼ାମୋଡ଼ି ହୋଇଯିବ । ପାଣି ମଇଳା ହୋଇଗଲେ, ପାଣି ବଦଳାଇବ । ନଚେତ୍ ପାଣିର ମଇଳା ଟିକଟକୁ ମଇଳା କରିଦେବ ।

**ଶୁଖାଇବା :**

ବର୍ତ୍ତମାନ ଟିକଟକୁ ଶୁଖାଇବାକୁ ପଡ଼ିବ । ଓଦା ଟିକଟରେ ଫିମ୍ପି ଲାଗିଯାଏ, ଟିକଟ ନଷ୍ଟ ହୋଇଯାଏ । ଧୁଆ ହୋଇଥିବା ଟିକଟ ଗୁଡ଼ିକ ଗୋଟି ଗୋଟି କରି ଦୁଇ ବ୍ଲଟିଂ ପେପର ମଝିରେ ରଖ । ସମତଳ ଜାଗାରେ ରଖି ତା ଉପରେ ମୋଟା ବହି ବା ଓଜନିଆ ଜିନିଷ ଦେଇ ଚାପିରଖ । ଘଣ୍ଟାକ ପରେ ଟିକଟଗୁଡ଼ିକରୁ ପାଣି ବ୍ଲଟିଂପେପରକୁ ଶୋଷି ହୋଇଯାଇଥିବ ଓ ଶୁଖିଲା ଟିକଟଗୁଡ଼ିକୁ ବାହାର କରିହେବ । ସେ ଗୁଡ଼ିକୁ ବାହାରକରି ଗୋଟିଏ ଭଲ ଲଫାପା ଭିତରେ ସାଇତି ରଖ ।

**ସତର୍କତା :**

ଧୋଇବାବେଳେ କେତେଗୁଡ଼ିଏ କଥାପ୍ରତି ନଜର ରଖିବାକୁ ହେବ । କେତେଗୁଡ଼ିଏ କାଳି ପାଣି ଲାଗିଗଲେ ଧୋଇଯାଏ । ଏ ପ୍ରକାର ଧୋଇଯାଉଥିବା (fugitive) କାଳିଥିବା ଟିକଟଗୁଡ଼ିକୁ ଗୋଟି ଗୋଟି କରି ଧୋଇବା ଉଚିତ । ଅନ୍ୟଗୁଡ଼ିକ ସାଙ୍ଗରେ ଧୋଇଲେ ଛୁଟିଯାଉଥିବା କାଳି ଅନ୍ୟଟିକଟକୁ ବେରଙ୍ଗ କରିଦେବ । ସେହିପରି ଟିକଟରେ ଲାଗିଥିବା ଟୁକୁରାକାଗଜ ବା ଲଫାପା ଆଦିରେ ରଙ୍ଗ ଦିଆ ହୋଇଥିଲେ ଓ ଏ ରଙ୍ଗ ପାଣିରେ ଧୋଇଗଲେ ଅନ୍ୟ ଭଲ ଟିକଟକୁ ବି ଖରାପ କରିଦେବ । ଏସବୁ ସନ୍ଦେହ ଥିବା ଟିକଟଗୁଡ଼ିକ ଅଲଗାଭାବରେ ଗୋଟି ଗୋଟି ଧୋଇବା ଉଚିତ । ଗରମପାଣି ବ୍ୟବହାର କରନାହିଁ ।

ସଜାସଜି :

ସଫା, ଶୁଖିଲ ଟିକଟଗୁଡ଼ିକୁ ଦେଶ ଅନୁଯାୟୀ ଅଲଗା ଅଲଗା ରଖ । ଖରାପ ବା ମଇଳା ଟିକଟ ରଖନାହିଁ । ଚିରିଥିବା, କଟିଯାଇଥିବା, ଭଙ୍ଗ ହୋଇଯାଇଥିବା, କାଗଜ କୌଣସି ଜାଗାରେ ପତଳାହୋଇ ଯାଇଥିବା, କଳଙ୍କି ବା ତେଲ ଲାଗିଥିବା ବା ଅନ୍ୟ କୌଣସି ପ୍ରକାରରେ ଖରାପ ହୋଇଥିବା ଟିକଟ 'ଖରାପ' ବୋଲି ଧରିବାକୁ ହେବ । ଯଦି ଟିକଟଟି ଦୁର୍ଲଭ ହୋଇଥାଏ, ତେବେ ଖରାପ ହେଲେବି ତାକୁ ସାଇତି ରଖିବା ଉଚିତ ।

ଦେଶ ଅନୁଯାୟୀ ଟିକଟ ସଜାସଜି କଲାବେଳେ କେତେଗୁଡ଼ିଏ ଟିକଟ କେଉଁ ଦେଶର ତୁମେ ବୋଧହୁଏ ଜାଣିପାରିବ ନାହିଁ । ଏହି ବହିରେ ଶେଷରେ ଗୋଟିଏ ତାଲିକା ଦିଆଯାଇଛି; ମେଳକରି ଦେଖ କେଉଁ ଦେଶର ଟିକଟ ହୋଇପାରେ । ତଥାପି ଯଦି ସନ୍ଦେହ ରହେ, ଜଣେ ପୁରୁଣା ଟିକଟ ସଂଗ୍ରାହକଙ୍କଠାରୁ ବୁଝିନିଅ । ସେ ଖୁସିରେ ବୁଝାଇଦେବେ । ପ୍ରତି ଦେଶର ଟିକଟ ପାଇଁ ଅଲଗା ଅଲଗା ଲଫାପା ରଖ । ଏକାଥରକେ ସବୁ ଟିକଟ ସଂଗ୍ରହପୁସ୍ତିକାରେ ରଖିବା ସମ୍ଭବ ହୋଇ ନ ପାରେ । ତେଣୁ ଭିନ୍ନ ଭିନ୍ନ ଦେଶ ଅନୁଯାୟୀ ରଖିଥିଲେ ପରେ ପୁଣି ବାଛିବାକୁ ପଡ଼ିବ ନାହିଁ ।

ପ୍ରତି ଦେଶତାଡ଼ାକୁ ସମୟ ବା ଶାସନ ଅନୁଯାୟୀ ଭାଗ କରିନିଅ । ଏକାସମୟରେ ବାହାରିଥିବା ସବୁ ଟିକଟକୁ 'ସେଟ୍' (Set) କୁହାଯାଏ । ଏହିଭଳି ସେଟ୍ ସଜାଡ଼ି ରଖ । ଉଦାହରଣ ସ୍ୱରୂପ, ଭାରତର ଟିକଟସବୁକୁ ଶାସନ ଅନୁଯାୟୀ ମହାରାଣୀ ଭିକ୍ଟୋରିଆ, ୭ମ ଏଡ୍‌ୱାର୍ଡ଼, ୫ମ ଜର୍ଜ, ୬ଷ୍ଠ ଜର୍ଜ, ସ୍ୱାଧୀନତା ପରକାଳ, ସାଧାରଣତନ୍ତ୍ରଯୁଗ ଆଦି କାଳରେ ଭାଗ କରାଯାଇପାରେ । ସାଧାରଣତନ୍ତ୍ରଯୁଗର ଟିକଟଗୁଡ଼ିକରେ ବିଭିନ୍ନ ସେଟ୍ ହେଲା—ସାଧାରଣତନ୍ତ୍ର ଉଦ୍‌ଘାଟନ, ୧ମ ଏସୀୟ କ୍ରୀଡ଼ା, ଋଷି ଓ କବିମାଳା, ଟିକଟ ଶତାବ୍ଦୀ, ପଞ୍ଚବାର୍ଷିକ ଯୋଜନା, ଦଶମିକ ମୁଦ୍ରାମାଳା (ଏହି ମୁଦ୍ରାମାଳାରେ 'ତାରକାମାଳା' ଓ 'ଅଶୋକସ୍ତମ୍ଭମାଳା' ଜଳଚିହ୍ନ ଥାଇ ଦୁଇଟି ଭିନ୍ନ ସେଟ୍ ଅଛି) ଇତ୍ୟାଦି ।

ଟିକଟଗୁଡ଼ିକୁ ଏପରିଭାବରେ ପ୍ରକାଶନ-ତାରିଖ ଅନୁଯାୟୀ ବାଛିବା ପାଇଁ କାଟ୍‌ଲଗଟିଏ ଦରକାର । ଏହା ଡାକଟିକଟ ଗୁଡ଼ିକର ଗୋଟିଏ ସୂଚୀପୁସ୍ତକ । ସଂଗ୍ରହ ଖୁବ୍ ବଡ଼ ହୋଇଗଲେ ତୁମେ ଖଣ୍ଡିଏ ସୂଚୀପୁସ୍ତକ କିଣିବାକୁ ବାଧ ହେବ । ଆରମ୍ଭ ଅବସ୍ଥାରେ ଅନ୍ୟର ସାହାଯ୍ୟ ନେଇ ବା ଅନ୍ୟଠାରୁ ଏପରି ବହିଖଣ୍ଡେ ଉଧାର ନେଇ ସଂଗ୍ରହ ସଜାଇବା ଉଚିତ । ନିକଟରେ କୌଣସି ଫିଲାଟେଲିକ୍ କ୍ଲବ୍ ବା ଆସୋସିଏସନ୍ ଥିଲେ ସେଥିରେ ସଭ୍ୟ ହୋଇଯାଅ । କ୍ଲବ୍‌ର ପାଠାଗାରରୁ ସୂଚୀପୁସ୍ତକ ମିଳିପାରେ; କିମ୍ବା କ୍ଲବ୍ ସଭ୍ୟମାନେ ଚାନ୍ଦାକରି ଗୋଟିଏ-ଦୁଇଟି ସୂଚୀପୁସ୍ତକ କିଣିପାରନ୍ତି । କାଟ୍‌ଲଗ୍ ବ୍ୟବହାର କିପରି କରାଯାଏ, ସେକଥା ବହିର ଆରମ୍ଭରେ ଲେଖାଥାଏ । ଭଲଭାବେ ବୁଝି ସୂଚୀପୁସ୍ତକ ପଢ଼, ନହେଲେ ବହୁତ ସମୟ ପଢ଼ିଲାପରେ ବି କିଛି ବୁଝି-ହେବ ନାହିଁ ।

**ବଳକା ଟିକଟ :**

ଅନେକଗୁଡ଼ିଏ ଟିକଟ ଏକାପରି ଦିଶିଲେ ବି ସେମାନେ ସମାନ ହୋଇ ନ ପାରନ୍ତି । ଗୋଟିଏ ଟିକଟରୁ ଏକାଧିକ ଥିଲେ, ଅଧିକ ଟିକଟକୁ **duplicate** କହନ୍ତି । ଥରେ ଅନେଇଦେଲେ ଯେଉଁ ଦୁଇଟି ଟିକଟ ସମାନ ଦେଖାଯାନ୍ତି, ପ୍ରକୃତରେ ସେଗୁଡିକ ଭିନ୍ନ ହୋଇପାରେ । ଭଲକରି ଦେଖ । ଭାରତର ୧୫ ପଇସିଆ ବାଘଛବି ଥିବା ଟିକଟ ବା ଟଙ୍କାକିଆ 'ବୀଣା' ସଙ୍ଗୀତଯନ୍ତ୍ର ଛବିଥିବା ଟିକଟ ଦୁଇପ୍ରକାର ଛପା ହୋଇଛି । ଗୋଟିକରେ ' 5' ତଳେ ମଝିରେ "ପେ" ଇଂରାଜୀରେ 'P' ଏବଂ ଅନ୍ୟଟିରେ '1' ଡାହାଣ ପାଖରେ ମଝିରେ 'ରୁ' ଇଂରାଜୀରେ 'Re' ପଦ ଲେଖାଥାଏ, ସେଗୁଡ଼ିକ ଆଗଛପା । ପରେ ସରକାର ସ୍ଥିରକଲେ ଯେ ଟିକଟ-ଗୁଡ଼ିକରେ ମୂଲ୍ୟସବୁ କେବଳ ପଇସାରେ ଲେଖାହେବ ଏବଂ 'ପଇସା' ଶବ୍ଦ ନ ଲେଖି ସଂଖ୍ୟା ହିଁ ଲେଖାହେବ । ତେଣୁ 'ବାଘ'ରେ 15, ବୀଣାରେ 100 ( 1 ବଡ଼, 00 ଟିକେ ଛୋଟ ) ଲେଖାରହି ନୂଆ ପର୍ଯ୍ୟାୟ ଟିକଟ ଛପା ହୋଇଛି ।

ଛବି ସମାନ ଥାଇ ଲେଖା ଭିନ୍ନ ପ୍ରକାର ହୋଇଥାଇପାରେ କିମ୍ବା ଛପାହୋଇଥିବା କାଗଜ ଏକାଧିକ ପ୍ରକାର ହୋଇପାରେ (ଉଦାହରଣ ୫ ପଇସିଆ 'ପରିବାର ନିୟୋଜନ' ଟିକଟ) ଅଥବା ଜଳଚିହ୍ନରେ ପାର୍ଥକ୍ୟ ରହିପାରେ (ଉଦାହରଣ—ଅଶୋକସ୍ତମ୍ଭ ସିଧାଠିଆ, ଡାହାଣକୁ ଶୋଇଥିବା, ବା ବିଲକୁଲ ଜଳଛାପ ନ ଥିବା କାଗଜରେ ଟିକଟ ଛପା ଯାଇପାରେ; 'ପରିବାର ନିୟୋଜନ' ଟିକଟ ଭିତରୁ କେତେକରେ ଜଳଚିହ୍ନ ନାହିଁ) । ଆଉ ଗୋଟିଏ ପ୍ରକାର ପାର୍ଥକ୍ୟ ଥାଇପାରେ : ଟିକଟ ଚାରିପଟେ ଥିବା ଦାନ୍ତ ବା ଛିଦ୍ରରେ ।

**ଆଲବମ୍‌ରେ ଟିକଟ :**

ଟିକଟସବୁ କ୍ରମାନୁସାରେ ବଛାବଛି ହୋଇଗଲେ ସଂଗ୍ରହପୁସ୍ତିକାରେ ରଖିବାବେଳେ ଆସିଯାଏ । ପୁସ୍ତିକାର କୌଣସି ପୃଷ୍ଠାରେ ଟିକଟ ରଖିବା ପୂର୍ବରୁ କପରି ରଖିଲେ ଭଲ ଦେଖାଯିବ ସେଥିପାଇଁ ଟିକଟ-ଗୁଡ଼ିକୁ ପୃଷ୍ଠାଉପରେ ଥୋଇ ବିଭିନ୍ନପ୍ରକାର ବିନ୍ୟାସ ବା ସଜ୍ଜା ଦେଖ । ଯେଉଁଟି ଭଲ ଲାଗିଲା, ସେହି କ୍ରମରେ ଟିକଟରେ କବଜାଲଗାଇ ପୃଷ୍ଠାରେ ମାରିଦିଅ । ଟିକଟ ସଂଗ୍ରହ ଗୋଟିଏ ସଉକ, ତେଣୁ ବ୍ୟକ୍ତିଗତ ଖୁସି ସବୁଠୁ ବଡ଼କଥା । କପରି ସାଜସଜା ବା ବିନ୍ୟାସ କଲେ ପୃଷ୍ଠାଟି ଭଲ ଦେଖାଯିବ ସେ ବିଷୟରେ କୌଣସି କଡ଼ାକଡ଼ି ନିୟମ ନାହିଁ । କେତେକ କହନ୍ତି ପ୍ରତିପୃଷ୍ଠାରେ ସାଧାରଣତଃ ୧୦ ବା ୧୫ ଟିକଟରୁ ବେଶି ରହିଲେ ଗହଳି ଦେଖାଯିବ । ଟିକଟଆକାର ବଡ଼ଥିଲେ ସଂଖ୍ୟା କମିଯିବ । ଆଗ କାଳରେ ପୃଷ୍ଠାରେ ୫ ଧାଡ଼ିରୁ ବେଶି ଧାଡ଼ିର ଟିକଟ ନ ରଖିବା ଏବଂ ପ୍ରଥମ ଓ ଶେଷଧାଡ଼ି ଅନ୍ୟଧାଡ଼ିଗୁଡ଼ିକରୁ ଛୋଟ ହେବା ଉଚିତ ଥିଲା । କାରଣ ଦ୍ୱିତୀୟ ବା ତୃତୀୟ ଧାଡ଼ି ଉପରେ ନଜର ବେଶି ପଡ଼ିଥାଏ ବୋଲି ଏହି ଧାଡ଼ିଦୁଇଟି ସବୁଠାରୁ ବଡ଼ଧାଡ଼ି ହୋଇପାରେ । ଆଜିକାଲି ନିୟମ ହେଲାଣି ଯେ ଆଲବମ୍‌ଟି ଗୋଟିଏ ବହି ଏବଂ ପ୍ରତିପୃଷ୍ଠା ସମାନ ଭାବରେ ଗୋଟିଏ ଗୋଟିଏ ବହି ଫର୍ଦ୍ଦ ଭଳି ଟିକଟ ଓ ଲେଖାରେ ଭର୍ତ୍ତି ହୋଇଥିବା ଦରକାର । ଟିକଟ ସହିତ ଡାକଘରେ ବ୍ୟବହାର ହୋଇଥିବା ସେହି ଟିକଟ ଲଗା ଚିଠି ମଧ୍ୟ ଆଲବମ୍ ପୃଷ୍ଠାରେ ଦିଆଯିବା ଦରକାର ।

**ସଂଗ୍ରହ ପୁସ୍ତିକା :—**

ବଜାରରେ ବହୁତ ପ୍ରକାରର ସଂଗ୍ରହ ପୁସ୍ତିକା ମିଳେ । ଯେଉଁ ପୁସ୍ତିକାର ଫର୍ଦ୍ଦର ଦୁଇପାଖ ବା ପୃଷ୍ଠାରେ ଟିକଟ ରଖିବାର ଜାଗା ଥାଏ, ସେ ପ୍ରକାର ପୁସ୍ତିକା (ଆଲବମ୍ ) କିଣନାହିଁ । ଗୋଟିଏ ଫର୍ଦ୍ଦର ଦୁଇ-

ପାଖରେ ଟିକଟ ଲଗାଇଲେ ପାଖାପାଖି ଦୁଇପୃଷ୍ଠାର ଟିକଟଗୁଡ଼ିକ ପରସ୍ପର ମଧ୍ୟରେ ଛନ୍ଦି ହୋଇଯାଇପାରେ, ବେଳେବେଳେ ଟାଣିହୋଇ ଚିରିଯାଇପାରେ । ପୁଣି କିଛି ଲେଖାଲେଖି କଲେ ଗୋଟିଏ ପାଖର ଲେଖା ଅନ୍ୟ-ପାଖର ଲେଖାଉପରେ ଛପି ପକାଇପାରେ । ପ୍ରଦର୍ଶନୀରେ ଫର୍ଦ୍ଦର ଗୋଟିଏ ପାଖ ଦେଖାଯାଏ । ବିଦ୍ୟାଳୟର କଳାପଟାଭଳି ଗୋଟିଏ ଫ୍ରେମ୍ ଉପରେ ପିନ୍ ବା ଡ୍ରଇଂକଣ୍ଟା ଦ୍ୱାରା ଫର୍ଦ୍ଦଗୁଡ଼ିକ ଗୁଞ୍ଜି ରଖାଯାଏ । ଏସବୁପ୍ରକାର କାରଣରୁ ଆଲବମ୍ ଫର୍ଦ୍ଦର ଗୋଟିଏ ପାଖରେ ଟିକଟ ରଖିବା ଉଚିତ ଏବଂ ପ୍ରତି ଫର୍ଦ୍ଦ ଅନ୍ୟ ଫର୍ଦ୍ଦଠାରୁ ଭିନ୍ନ ହୋଇପାରୁଥିବା ଉଚିତ । ଏପ୍ରକାର ପୁସ୍ତିକାକୁ ଲୁଜଲିଫ୍ ବା ଖୋଲାଫର୍ଦ୍ଦ ଆଲବମ୍ କୁହାଯାଏ ।

ସଂଗ୍ରହ ପୁସ୍ତିକାର ଫର୍ଦ୍ଦଗୁଡ଼ିକ କାର୍ଟ୍ରିଜ୍ (cartridge) କାଗଜରେ ତିଆରି ହୋଇଥିଲେ ବେଶିଦିନ ଯାଏ । ପ୍ରତି ଫର୍ଦ୍ଦର ଗୋଟିଏ ପାଖରେ ଫିକା କାଳିରେ ଉପରୁ ତଳ ଓ ବାମରୁ ଡାହାଣକୁ ପାଖ ପାଖ ହୋଇ ରେଖା ଟଣାହୋଇଥାଏ; ଠିକ୍ ସ୍କୁଲ କଲେଜରେ ଗ୍ରାଫ୍ କାଗଜ ଭଳି । ଫିକା କାଳିଯୋଗୁ ରେଖା-ଗୁଡ଼ିକ ଈଷତ୍‌ସ୍ପଷ୍ଟ; ତେଣୁ ଟିକଟକୁ ସିଧା ସଳଖ ଭାବରେ ବସାଇବାରେ ଆମକୁ ସାହାଯ୍ୟ ମିଳେ, ଅଥଚ ଟିକଟର ରଙ୍ଗ ଏହି ଫିକା ରେଖାଗୁଡ଼ିକ ଯୋଗୁଁ ଖରାପ ଦିଶେ ନାହିଁ । ତୁମ ପାଖରେ ପୁରା ସେଟ୍‌ର ଟିକଟ ନ ଥାଇପାରେ, କିନ୍ତୁ ପୁରାସେଟ୍ ପାଇଁ ପୃଷ୍ଠାରେ ସାଜସଜ୍ଜା କିପରି ହେବା ଉଚିତ ତାର ଗୋଟିଏ ଯୋଜନା କର । ଯେଉଁ ଟିକଟଟି ନାହିଁ; ତାହା ପାଇ ନିର୍ଦ୍ଦିଷ୍ଟ ସ୍ଥାନଟି ଫାଙ୍କା ରଖ । ପରେ ମିଳିଲେ ଲଗାଇଦେବ ।

**ସଂକ୍ଷିପ୍ତ ବିବରଣୀ :**

ପ୍ରତି ଟିକଟତଳେ ବା ପ୍ରତି ସେଟ୍ ପାଇଁ କିଛି କିଛି ଲେଖିବାକୁ ହୁଏ । ଏହାକୁ ଟିପ୍ପଣୀ ବା ରାଇଟ୍ ଅପ୍ (write-up) କୁହାଯାଏ । ଟିକଟ ଲଗାଇସାରି ଟିପ୍ପଣୀ ଲେଖିଲେ କାଳି ଲାଗିଯାଇ ବା ହାତରୁ ମଇଳା ଲାଗି ଟିକଟଗୁଡ଼ିକ ଖରାପ ହୋଇଯାଇ.ପାରେ । ଟିକଟରେ କବଜା ଲଗାଇବା ପୂର୍ବରୁ ପ୍ରଥମେ ପେନ୍‌ସିଲରେ ଚିହ୍ନ ଦିଅ । ତାପରେ ଲେଖିଲେ ଭଲ ହେବ । ଲେଖିବାପରେ ଟିକଟ ଲଗାଅ ।

ଟ୍ରେଟ ଟ୍ରେଟ ବର୍ଗାକାର ଘର ଗୁଡ଼ିକୁ ଗଣି ପୃଷ୍ଠାର ଉପରୁ ତଳକୁ, ତଳୁ ଉପରକୁ, ବାମରୁ ଡାହାଣକୁ ଓ ଡାହାଣରୁ ବାମକୁ ଦୂରତା ଠିକ୍ କରି ହେବ ଏବଂ ଟିକଟ ଗୁଡ଼ିକୁ ସମାନ ଦୂରରେ ସଜାଇବା ସୁବିଧା ହେବ । ଲେଖା ମଧ୍ୟ ସେହିପରି ଦୁଇ ପାଖରୁ ସମାନ ଦୂରରେ ରହିଲେ ଏବଂ ପୃଷ୍ଠାଯାକ ଗୋଟିଏ ପ୍ରକାରର ଅକ୍ଷର ହେଲେ ଭଲ ଦେଖାଯିବ । ହାତଲେଖା ଭଲ ଥିଲେ ହାତରେ ଲେଖ, ନହେଲେ ଦୂରତା ଠିକ୍ ରଖି ଟାଇପ୍ ଯନ୍ତ୍ରରେ ଲେଖିନିଅ । କିମ୍ବା ସୁବିଧା ଥିଲେ ବଜାରରେ ମିଳୁଥିବା ଷ୍ଟେନ୍‌ସିଲ କଲମ ଓ କାଳି ବ୍ୟବହାର କରି ନିର୍ଦ୍ଦିଷ୍ଟ ଆକାର ଓ ପ୍ରକାରର ଅକ୍ଷର ଲେଖିପାର । ଅସଲ କଥା ହେଲା, ପୃଷ୍ଠାଟିଯାକ ସଫାସୁତୁରା, ସମାନ ଢଙ୍ଗରେ ଦିଶିବା ଭଲ ।

ଟିକଟ ପାଇଁ ଟିପ୍ପଣୀ କ'ଣ ଲେଖିବା ବୋଲି ଅନେକେ ପଚାରନ୍ତି । ସାଧାରଣତଃ ଟିକଟରେ ଯାହା ଲେଖା ନ ଥାଏ, ଯଥା — ପ୍ରକାଶ ତାରିଖ, ପ୍ରକାଶନର କାରଣ, ଜଳଚିହ୍ନ, ଛିଦ୍ରସଂଖ୍ୟା, କଳାକାରର ନାମ, ମୁଦ୍ରଣାଳୟର ନାମ, ବ୍ୟବହାର ହୋଇଥିବା କାଗଜର ପ୍ରକାର, ପ୍ରତି ଟିକଟ ଛପା ଫର୍ଦ୍ଦ ବା

sheetରେ କେତେ ଟିକଟ ଥାଏ; ମୋଟରେ କେତେ ସଂଖ୍ୟାରେ ସେ ଟିକଟ ଛପା ହୋଇଛି ଇତ୍ୟାଦି ଟିପ୍ପଣିରେ ଲେଖାଯାଇ ପାରେ । ବେଶି ପୁରୁଣା ଟିକଟ ହୋଇଥିଲେ ବିବରଣୀରେ ଏସବୁ ଲେଖିବା ବେଶି ଦରକାର । ଯଦି କୌଣସି ବିଷୟକୁ ଘେନି ସଂଗ୍ରହଟି ଗଢ଼ାଯାଇଥାଏ, ସେହି ବିଷୟକୁ ଆଧାର କରି ଟିପ୍ପଣୀରେ ଐତିହାସିକ, ଭୌଗୋଳିକ ବା ବୈଜ୍ଞାନିକ ଅଥବା ଅନ୍ୟପ୍ରକାରର ତଥ୍ୟ ଲେଖାଯାଇ ପାରେ । ଏଭଳି ଟିପ୍ପଣିର ପ୍ରତ୍ୟେକ ଅଂଶ ସଂପୃକ୍ତ ଟିକଟର ତଳେ ବା ପାର୍ଶ୍ୱରେ ଲେଖା ହେବ । ଅକ୍ଷରଗୁଡ଼ିକ ଏକାପ୍ରକାରର ହେବ । ମନେରଖ, ଟିପ୍ପଣି ଯେପରି ଟିକଟକୁ ଲୁଚାଇ ନ ଦିଏ ବା ଟିକଟର ଗୁରୁତ୍ୱ କମାଇ ନ ଦିଏ କିମ୍ବା ପୃଷ୍ଠାଟିର ସୌନ୍ଦର୍ଯ୍ୟ ନଷ୍ଟ ନ କରେ । ପୃଷ୍ଠାଟି ଗହଳିଆ ନ ଦିଶିଲେ ଏ ସବୁ ଆପେ ଆପେ ହୋଇଯିବ । ଯଦି ବେଶି କିଛି ଲେଖିବାର ଥାଏ ଓ ଏହାଦ୍ୱାରା ପୃଷ୍ଠାଟି ଟିକଟର ନ ହୋଇ ପ୍ରବନ୍ଧ ପୃଷ୍ଠା ଭଳି ଦେଖାଯାଏ, ତେବେ ଏ ପ୍ରକାର ବିବରଣୀ ଗୋଟିଏ ସ୍ୱତନ୍ତ୍ର ପୃଷ୍ଠାରେ ଲେଖି ଟିକଟ ପୃଷ୍ଠା ପରେ ଯୋଖି ରଖ ।


ପୁଣି ଥରେ କହି ରଖୁଛି; ଟିକଟ ଗୁଡ଼ିକର ଅବସ୍ଥିତି ଓ ବିବରଣୀର ସ୍ଥାନ ତଥା ଲେଖାଶୈଳୀ ଠିକ୍ କରି ଖୁବ୍ ଧୀରେ ପେନ୍‌ସିଲରେ ଚିହ୍ନିତ କର; ବିବରଣୀଟି ପ୍ରଥମେ ଲେଖ, କାଳି ଶୁଖିଗଲେ ରବରରେ ପେନ୍‌ସିଲ ଚିହ୍ନ ସବୁ ଲିଭାଇ ଦିଅ । ଏସବୁ କାମ ପରିଷ୍କାର ପରିଚ୍ଛନ୍ନ ରୂପେ କରାଯିବା ଉଚିତ । ଯେଉଁ କାଳି ଚରିଯାଏ, ତାହା ବ୍ୟବହାର କର ନାହିଁ । ବିଭିନ୍ନ ରଙ୍ଗ ବ୍ୟବହାର କରି ପୃଷ୍ଠାଟିକୁ ଇନ୍ଦ୍ରଧନୁ କରି ଥୋଇବା ବି ଦରକାର ନାହିଁ । କଳା କାଳି, ସ୍ପଷ୍ଟ ଅକ୍ଷର, ଅଳପ ଲେଖା, କମ ଟିକଟ—ଏତିକି ହେଲେ ପୃଷ୍ଠାଟି ଭଲ ଦିଶିବ ନିଶ୍ଚୟ । ଲେଖା ଲେଖି ହୋଇ ସର୍ଦ୍ଧଟି ଠିକ୍ ହେଲାପରେ ଟିକଟ ଲଗାଇବା ବେଳ ଆସିଯାଏ ।

**ଟିକଟ ଲଗାଇବା :**

ପୃଷ୍ଠାରେ ଟିକଟ ଲଗାଇବା ପୂର୍ବରୁ ଦୁଇଟି ଜିନିଷ ଥିବା ଦରକାର—ଗୋଟିଏ ଚିମ୍ଟାଳିଙ୍କ ଚିମୁଟା ଓ ତାଡ଼ାଏ ଟିକଟ କବଜା । କେବେ ବଜାରର ଅଠା ବା ହାତ ତିଆରି ଅଠା କିମ୍ବା ଅଠାଲଗା କାଗଜ (tape) ବ୍ୟବହାର କର ନାହିଁ—ସେଗୁଡ଼ିକ ଟିକଟକୁ ନଷ୍ଟ କରିଦିଏ । ଏଥିପାଇଁ ଟିକଟ କବ୍‌ଜା ବା ହିଞ୍ଜ (hinges)ର ଗୋଟିଏ ତାଡ଼ା ଦରକାର । ଏ କବଜାଗୁଡ଼ିକ ଏକପ୍ରକାର ସ୍ୱତନ୍ତ୍ର ପତଳା କାଗଜର ଆୟତାକାର ଟୁକୁରା । ପତଳା ହେଲେ ବି ସହଜରେ ଚିରିଯାଏ ନାହିଁ । ଏହାର ଏକ ପାର୍ଶ୍ୱରେ ଦୁଇପ୍ରସ୍ଥ ଲେଖାଏଁ ଅଠା ଦିଆ ହୋଇଥାଏ । ଅଠାର ସ୍ୱତନ୍ତ୍ର ଗୁଣ ହେଉଛି ଯେ ଟିକଟ ଦେହରେ କବଜାଟି ଲାଗି ଶୁଖିଯିବାର କିଛି ସମୟ ପରେ ଟିକଟ ଦେହରୁ କବଜାଟି ଟାଣି ବାହାର କରିହେବ – ଟିକଟ କି କବଜା କୌଣସିଟି ଚିରିବ ନାହିଁ— କେବଳ ଟିକଟ ପଛଆଡ଼େ ଯେଉଁଠି କବଜା ଅଂଶ ଲାଗିଥିବ, ସେହିଠାରେ ଅଠାର କିଛି ଅଂଶ ଲାଗି ରହିଯିବ । ଆଲବମ୍ ପୃଷ୍ଠାରେ ମଧ୍ୟ ଏହିପରି ଲାଗିପାରେ, କିନ୍ତୁ ପୃଷ୍ଠା ବା ଟିକଟ ଚିରିଯିବ ନାହିଁ । କାଗଜ ବା ଟିକଟ ଦେହରୁ ସହଜରେ ଛୁଟି ଯାଉଥିବା ଗୁଣଥିବା କବଜାକୁ peelable hinges (ପିଲେବ୍‌ଲ ହିଞ୍ଜେସ୍) କହନ୍ତି ।

ଆଜିକାଲି କବ୍‌ଜା ବଦଳରେ ପ୍ଲାଷ୍ଟିକର ମାଉଣ୍ଟ ମିଳୁଛି । ତଳପାଖ କଳା, ଉପରପାଖ କାଚଭଳି ସ୍ୱଚ୍ଛ, ଗୋଟିଏ ଖୋଳଭଳି ଏହି ମାଉଣ୍ଟ ଭିତରେ ଟିକଟ ବା ଶିଟ୍ ରଖିହେବ । କଳାପାଖ ତଳେ ଅଠାଥାଏ;


ତାକୁ କାଗଜ ଫର୍ଦ୍ଦରେ ଲଗାଇ ହେବ । ଟିକଟ ବା ଶିଟରେ କିଛି ଅଠା ଲଗେନାହିଁ, ତେଣୁ ନୂଆ ଟିକଟ ଓ ଦାମିକା ଟିକଟ ବା ସାମଗ୍ରୀ ରଖିବାକୁ ଏହା ବେଶୀ ଦରକାର ।



କବଜାକୁ କପର ଭାଙ୍ଗ କରାଯାଏ ।


ହିଞ୍ଜ୍ ବା କବଜା ଲଗାଇବା ପ୍ରଣାଳୀ ଜାଣିବା ଦରକାର :

ଟିକଟ କବଜା ଦୁଇ ପ୍ରକାରର—ମୋଡ଼ା ଓ ସିଧା । ମୋଡ଼ା ନ ହୋଇଥିଲେ, କବଜାର ଅଠାଲଗା ପାଖ ଉପରକୁ ରଖି ଭାଙ୍ଗ କର, ଯେପରି ଗୋଟିଏ ଭାଙ୍ଗ ୩ ଭାଗର ଦୁଇଭାଗ କିମ୍ବା ୪ ଭାଗରୁ ୩ ଭାଗ ରହିବ ଏବଂ ଅଠାପାଖ ଭାଙ୍ଗର ବାହାରେ ରହିବ । ଛୋଟ ଭାଗଟିରେ ଅଳ୍ପ ପାଣି ଲଗାଇ ଟିକଟର ପଛ-ପଟେ ଲଗାଅ । ବେଶି ଲଗାଇଲେ ଅଠା ବୋହିଯିବ, ଟିକଟ ଲାଗିବ ନାହିଁ । ଭାଙ୍ଗଟି ଟିକଟ ଉପର ଧାରର ପ୍ରାୟ ୨ ବା ୩ ମିଲିମିଟର ତଳକୁ ରହିବ । ଟିକଟଟିକୁ ଏହି ଭାଙ୍ଗରୁ ଓଲଟାଇ ପଛପଟ ଦେଖିହୁଏ ବୋଲି, ଏହାର ନାମ କବଜା ବା ହିଞ୍ଜ । ପଛପଟେ ଜଳଚିହ୍ନ, କାଗଜର ପ୍ରକାର ବା ଅନ୍ୟ ଚିହ୍ନ ଦେଖିବା ସହଜ । ଟିକଟ ଧାରରେ ଥିବା ଛିଦ୍ରଗୁଡ଼ିକର ଟିକେ ତଳକୁ କବଜାଟି ଲଗାଇଲେ ଯଥେଷ୍ଟ ହେବ ।




ଟିକଟ ପଛପଟେ କବଜା କପର ଲଗାଯାଏ ।

ଏ ତ ଗଲା କବଜାର ଛୋଟ ଭାଗର କଥା । ବଡ଼ ଭାଗର ତଳକୁ ବା ଶେଷଆଡ଼କୁ ସେହିଭଳି ପାଣି ଲଗାଅ । ଟିକଟ ସହିତ ଲାଗିଥିବା କବଜାର ଛୋଟ ଭାଗକୁ ଚିମୁଟାରେ ଚିପିଧର ଏବଂ ବଡ଼ ଭାଗର ଓଦା ହୋଇଥିବା ଅଠାଅଂଶ ଯେପରି ଆଲବମ ପୃଷ୍ଠାର ନିର୍ଦ୍ଦିଷ୍ଟ ଜାଗାରେ ରହେ ସେପରି ଲକ୍ଷ୍ୟ ରଖି ଟିକଟ ସହ କବଜା ଭାଙ୍ଗକୁ ଚିପିରଖ । ଟିକଟକୁ କବଜା ସହ ଥରେ ଚିପିଦେଇ ପୃଷ୍ଠା ଉପରେ ଛାଡ଼ିଦେଲେ, ଯଥାସ୍ଥାନରେ ଲାଗି ରହିବ । ସାବଧାନ, ଯେପରି ଟିକଟଟି ବଙ୍କାଟଙ୍କା ବସି ନଯାଏ ।



ବଡ଼ ଭାଙ୍ଗଟି ପାଣି ଲଗାଇବା ପାଇଁ ପ୍ରସ୍ତୁତ ।

ଯଦି ଭୁଲ ଟିକଟଟିଏ ଲଗାଇଛ ବା ଭୁଲ ଜାଗାରେ ଲଗାଇଛ; ଛଡ଼ାଇବାକୁ ତରତର ହୁଅନାହିଁ । କବଜାଟି ପୂରା ଶୁଖି ନ ଥିଲେ, ଛଡ଼ାଇବା ବେଳେ ଟିକଟ ବା ଆଲବମ ପୃଷ୍ଠା ଛିଡ଼ିଯିବ । ପୂରା ଶୁଖିଗଲେ ଟିକଟ ଧୀରେ ଟାଣିଆଣ, ଟିକଟଟି ଆଲବମ ପୃଷ୍ଠାରୁ ବାହାରି ଆସିବ । କବଜାର ଅବସ୍ଥା ଯେନ ଅଠା ଚିହ୍ନ ଟିକଟରେ ବା ପୃଷ୍ଠାରେ ରହିଯିବ ।



ଟିକଟ ପଛରେ ଥିବା କବଜା କପର ଦେଖାଯିବ, ଭଙ୍ଗା ଭଙ୍ଗା ରେଖାଦ୍ୱାରା ଦେଖାଯାଇଛି ।

ଆଲବମ୍ ପୃଷ୍ଠା

ଏକାପରି ଦେଖାଯାଉଥିବା ଟିକଟରୁ ଗୋଟିଏ ଗୁଡ଼ି ଆଉ ସବୁକୁ ଆମେ ବଳକା ବା ଡୁପ୍ଲିକେଟ୍ (duplicate) ଟିକଟ କହୁଁ । ହଠାତ୍ ଦେଖିଦେଲେ ଯାହା ବଳକା ଟିକଟ, ତାହା ପ୍ରକୃତରେ ଗୋଟିଏ ସ୍ୱତନ୍ତ୍ର ବା ଭିନ୍ନପ୍ରକାର ଟିକଟ ହୋଇପାରେ । ପ୍ରଭେଦ ବାରିବା ପାଇଁ ଆମେ ଟିକଟ ତିଆରିର ବିଭିନ୍ନ ଢଗ ଜାଣିବା ଦରକାର । ପ୍ରଥମ ହେଉଛି ଛାପାଖାନାରେ ଛାପିବାର ପ୍ରଣାଳୀ । ଏ ବିଷୟ ଜାଣିବା ପୂର୍ବରୁ ଛାପିବା କାଗଜ ବିଷୟରେ କିଛି ଶୁଣ । ଡାକଘରୁ ଟିକଟ କିଣିବାକୁ ପଡ଼େ । ଟିକଟର ବଜାର ମୂଲ୍ୟଥିବାରୁ ଠକଲୋକେ ନିଜେ ଟିକଟ ତିଆରି କରି ବିକିପାରନ୍ତି, ଫଳରେ ସରକାର ବିନା ପଇସାରେ ଡାକବିଭାଗର ସେବା ଯୋଗାଇବାକୁ ବାଧ୍ୟ ହୋଇପାରେ । ଏଥିପାଇଁ କେତେଗୁଡ଼ିଏ ସତର୍କତା ବ୍ୟବସ୍ଥା ଦରକାର । କାଗଜର ଗୁଣ ଏ ପ୍ରକାର ସତର୍କତାର ଗୋଟିଏ ଢଗ । କାଗଜ ତିଆରି ବେଳେ ଏ ସବୁ ସତର୍କତା ଗ୍ରହଣ କରାଯାଇଥାଏ ।

**କାଗଜର ପ୍ରକାର ଭେଦ :**

ଟିକଟ ଛାପା ହୋଇଥିବା କାଗଜ ବିଭିନ୍ନ ଶ୍ରେଣୀର ଥାଏ । ଖାଲିଆଖିରେ ଏ ବିଭିନ୍ନ କାଗଜରେ ଥିବା ପାର୍ଥକ୍ୟ ଅଳ୍ପବହୁତ ଦେଖାଯାଏ । ବୈଜ୍ଞାନିକ ଦୃଷ୍ଟିକୋଣରୁ ଚାରୋଟି କାରଣରୁ କାଗଜର ପ୍ରକାରଭେଦ କରାଯାଏ, ଯଥା—ଗଠନପ୍ରଣାଳୀ (ବୟନ), ପଦାର୍ଥସାର, ଉପାଦାନ ଓ ଯାନ୍ତ୍ରିକ ପାର୍ଥକ୍ୟ ବା ମସୃଣତା ।

**Laid Paper (ଗାରବନ୍ଧା କାଗଜ) :**

ହାତତିଆରି କାଗଜ ଛାଞ୍ଚରେ ସମାନ୍ତରାଳ ଭାବରେ ତାରଗୁଡ଼ିକ ଥାଏ । ସମକୋଣ କରି ଆଉଗୁଡ଼ିଏ ତାର ବନ୍ଧା ହୋଇଥାଏ । ଏହି ଜାଲ ଭିତରେ କାଗଜମଣ୍ଡ ଢାଳିଲେ ଆୟତାକାର ଘରଗୁଡ଼ିକରେ ବେଶିବେଶି ମଣ୍ଡ ରହିଯାଏ; କାଗଜ ତିଆରି ହୋଇଗଲେ ଗୋଟିଏ ଗୁଡ଼ି ଗୋଟିଏ ଧଳା ଓ ମଇଳା ଗାର ଦେଖାଯାଏ । ଏହି ଗାରଗୁଡ଼ିକୁ ବିଚ୍ଛାଯାଇଥିବା ବା ଲେଡ଼୍ (Laid) ରେଖା କହନ୍ତି । ଆଜିକାଲି ଏହି ଲେଡ଼୍ ପେପର ଯାନ୍ତ୍ରିକ ଉପାୟରେ ତିଆରି ହେଉଛି । ଗାରଗୁଡ଼ିକ ଏକପ୍ରକାର ବେସରକାରୀ ଜଳଚିହ୍ନ ।

**Wove Paper (ସମତଳ କାଗଜ) :**

ତାରଜାଲ ନ ଥାଇ ଚାଦର ଉପରେ କାଗଜମଣ୍ଡ ଢାଳିଲେ କାଗଜର ପ୍ରତ୍ୟେକ କଣିକା ସମାନ ହୁଏ । ଆଲୋକ ଆଗରେ ଦେଖିଲେ କାଗଜର ସବୁ ଅଂଶ ସମାନ ଦେଖାଯାଏ । ଏ ବହିରେ ଏହି କାଗଜ ବ୍ୟବହାର ହୋଇଛି ।

ଉପର ଦୁଇପ୍ରକାର ଗଠନପ୍ରଣାଳୀ ଯୋଗୁଁ ହୋଇଥାଏ । କାଗଜର ଓଜନ ବା ପଦାର୍ଥସାର ଯୋଗୁଁ ଦୁଇପ୍ରକାର କାଗଜ ମିଳିଥାଏ ।

**Pelure Paper (ଝିଲ୍ଲୀ କାଗଜ) :**

ଫରାସୀ ଭାଷାରେ 'ପେଲଓର'ର ଅର୍ଥ ହେଉଛି ପିଆଜପାଖୁଡ଼ା । ଏ ପ୍ରକାର କାଗଜ ଅତି ପତଳା, ମସ୍‌ମସ୍, ମସୃଣ, ପ୍ରାୟସ୍ୱଚ୍ଛ; ପୁରୁଣା ହେଲେ ଟୁକୁର ଟୁକୁର ହୋଇଯାଇଥାଏ; ବାମଣ୍ଡା ଟିକଟରୁ କେତେକ ଏ ପ୍ରକାର କାଗଜରେ ତିଆରି ।

**ମୋଟାକାଗଜ :**

ଆମ ଦେଶର ପୁରୁଣାରାଜୁଡ଼ା 'ଝିନ୍ଦ୍' ରାଜ୍ୟ ୧୮୭୬ରେ କାର୍ଡ଼ଭଳି ମୋଟା କାଗଜରେ ଟିକଟ ଛାପିଥିଲା । ବୋଧହୁଏ ଖୁଚୁରା ଅଭାବବେଳେ ଏ ପ୍ରକାର ଟିକଟ ମୁଦ୍ରା ଅଭାବ ମେଣ୍ଟାଉଥିଲା ।

ପେଲଓର ଓ କାର୍ଡ଼ ମଝିମଝିକିଆ କେତେପ୍ରକାରର ମୋଟା ଓ ପତଳା କାଗଜ ଅଛି । ଉପାଦାନ ଅନୁସାରେ କାଗଜ ଏକାଧିକ ପ୍ରକାରର; ଯଥା—ଗ୍ରାନାଇଟ୍ କାଗଜ, ସିଲକ କାଗଜ । କାଗଜ ତିଆରି ହେଲାବେଳେ ସୂକ୍ଷ୍ମ ସିଲ୍‌କ ସୂତାଗୁଡ଼ିଏ ଖଣ୍ଡ ଖଣ୍ଡ କରି ଦିଆଯାଇଥାଏ । ଫଳରେ କାଗଜରେ ଗୁଡ଼ିଏ ସିଲ୍‌କ ତନ୍ତୁ ଦେଖାଯାଏ । ଦୂରତା ସମାନ କରି କେତେକ କାଗଜରେ ଅଳ୍ପ ସିଲ୍‌କ ତନ୍ତୁ ଦିଆଯାଇଥାଏ ଯେପରି ପ୍ରତି ଟିକଟରେ ୪।୫ଟି ସୂତା ରହିବ । ଟିକଟ ପଛପାଖରେ ଏହା ସହଜରେ ଦେଖିହେବ । ଅନିୟମିତ ଭାବରେ ସୂତା ଦିଆଯାଇଥିଲେ, ସେ ପ୍ରକାର ମଧ୍ୟ ଦେଖାଯିବ ।

କେତେଗୁଡ଼ିଏ ଟିକଟ ବା ଲଫାପା ଛାପା ହେବାପାଇଁ କାଗଜରେ ଇଚ୍ଛାକରି ସମାନ ସମାନ ଦୂରରେ ସିଲ୍‌କ ସୂତା ଦିଆଯାଇଥାଏ, ଯେପରି ପ୍ରତି ଟିକଟ ବା ଲଫାପାରେ ମାତ୍ର ଗୋଟିଏ ସୂତା ନିର୍ଦ୍ଦିଷ୍ଟ ସ୍ଥାନରେ ଦେଖାଯିବ । ( ଆମ ଦେଶର ୧୦ ଟଙ୍କିଆ, ୧୦୦ ଟଙ୍କିଆ ନୋଟ୍‌ରେ ଏପରି କାଗଜ ବ୍ୟବହାର ହେଉଛି ) ।

ରଙ୍ଗ ଅନୁଯାୟୀ କାଗଜର ମଧ୍ୟ ପ୍ରକାରଭେଦ ହୁଏ । ଯଥା — ପୂରାରଙ୍ଗିନ, କେବଳ ପୃଷ୍ଠଦେଶ ରଙ୍ଗିନ୍ ଏବଂ ଅକସ୍ମାତ୍ ରଙ୍ଗିନ୍ ହୋଇଥିବା । କାଗଜମଣ୍ଡରେ ରଙ୍ଗ ଦିଆହୋଇଥିଲେ କାଗଜ ରଙ୍ଗିନ ହୋଇ ବାହାରିବ । ଛାପାବେଳେ ରଙ୍ଗ ଦିଆଗଲେ, କେବଳ ପୃଷ୍ଠଭାଗ ରଙ୍ଗିନ ହେବ । ଏ ପ୍ରକାର ଟିକଟଟି ଚିରିଗଲେ କାଗଜଭିତର ଅଂଶ ଧଳା ଦେଖାଯିବ । କାଳର ଗୁଣଯୋଗୁ, ବା ବ୍ୟବହୃତ ଅଠାର ପ୍ରଭାବରୁ ବା କାଗଜଟି ପାଣିପାଗ ପ୍ରଭାବରୁ ରଙ୍ଗୀନ୍ ବା ବେରଙ୍ଗ ହୋଇଯାଇପାରେ ।

କାଗଜ ପୃଷ୍ଠଦେଶର ମସୃଣତା ଯାନ୍ତ୍ରିକ ଉପାୟରେ ନିର୍ଦ୍ଦିଷ୍ଟ କରାଯାଇପାରେ । ଟିକଟ ଛପାହେବା ପୂର୍ବରୁ କାଗଜଉପରେ ଖଡ଼ିଗୁଣ୍ଡ (chalk)ର ଆବରଣ ଦିଆଯାଇପାରେ; ଏ ପ୍ରକାର ଚକ୍ (chalk) କାଗଜରେ ଥରେ ଛାପାହୋଇ ଡାକମୋହର ବସିଲେ ଲିଭାଇବା ଅସମ୍ଭବ; ଲିଭାଇଲେ ଛାପା ଉଠିଯିବ । ଟିକଟ ଛାପା ପୂର୍ବରୁ କାଗଜ ଉପରେ ଖୁବ୍ ମସୃଣକାରୀ ଦ୍ରବ୍ୟ ଦିଆଯାଇ ପାରେ — ଏହାକୁ ଏନାମେଲ୍ କାଗଜ କହନ୍ତି । କେତେକ କାଗଜରେ ବାର୍ଣ୍ଣିସ୍ ଦିଆଯାଏ; ଏଗୁଡ଼ିକ ଧୋଇଲେ ବାର୍ଣ୍ଣିସ୍ ଲାଗିଥିବା ଜାଗାରୁ କାଳି ଉଠିଯାଏ ।

**ଜଳ ଚିହ୍ନ :**

କାଗଜ ତିଆରି ପାଇଁ ଯେତେବେଳେ କାଗଜମଣ୍ଡ (Pulp) ରୋଲର ଭିତର ଦେଇ ଚଳାଯାଏ, ଏହି ରୋଲର ଦେହରେ ଥିବା ନକ୍‌ସା ଅନୁଯାୟୀ କାଗଜ ଦେହରେ ଛାପ ରହିଯାଏ । ଛାପଥିବା ଜାଗା ଗୁଡ଼ିକ କାଗଜର ଅନ୍ୟ ଅଂଶଠାରୁ ଈଷତ୍ ପତଳା । ଆଖି ଓ ଆଲୁଅ ମଝିରେ କାଗଜଟି ଧରିଲେ ନକ୍‌ସାଟି ଦେଖାଯାଏ । ପାଣିରେ ଟିକଟ ଓଦା ହୋଇଗଲେ ପଛଆଡ଼ୁ ନକ୍‌ସା ଦିଶିଯାଏ । ପାଣିଭିତରେ ଚିହ୍ନ

ଦେଖାଯାଏ ବୋଲି ଏହାକୁ ଜଳ ଚିହ୍ନ ବା ଓ୍ୱାଟରମାର୍କ (Watermark) କହନ୍ତି । ନିର୍ଦ୍ଦିଷ୍ଟ ଜଳଚିହ୍ନ ଥିବା ଯୋଗୁ ଟିକଟ ବା ନୋଟକୁ ଜାଲ କରିହୁଏ ନାହିଁ । ସବୁ ସରକାରୀ କାଗଜରେ ନିର୍ଦ୍ଦିଷ୍ଟ ଧରଣର ଜଳଚିହ୍ନ ଥାଏ । ଭାରତ ସରକାରଙ୍କ କାଗଜରେ "ଅଶୋକ ସ୍ତମ୍ଭ" ଜଳଚିହ୍ନ ଏବେ ଚାଲୁଛି । ଶୁଖିଲା ଟିକଟକୁ ତଳମୁହାଁ କରି ଗୋଟିଏ କଳାପଟି ଉପରେ ଥୋଇଲେ ବି ଜଳଚିହ୍ନ ଦିଶେ । ଏ ବହିର ଶେଷରେ ଏମିତି ଗୋଟିଏ ପଟା ଦିଆଯାଇଛି ।

ଭାରତରେ ୧୮୫୪ର ପ୍ରଥମ ଟିକଟଗୁଡ଼ିକ "STAMP OFFICE" ଜଳଚିହ୍ନ ଥିବା କାଗଜରେ ଛପା ହୋଇଥିଲା । ମହାରାଣୀ ଭିକ୍ଟୋରିଆ ୧୮୫୮ ନଭେମ୍ବର ପହିଲାରେ ଇଷ୍ଟ ଇଣ୍ଡିଆ କମ୍ପାନୀଠାରୁ ଶାସନଭାର ଗ୍ରହଣ କଲେ । ୧୮୬୦ ପରଠାରୁ ହାତୀମୁଣ୍ଡ ଜଳଚିହ୍ନ ଥିବା କାଗଜରେ ଡାକଟିକଟ ଛପାଗଲା । ୧୮୭୭ରେ ଭିକ୍ଟୋରିଆ ଭାରତ ସାମ୍ରାଜ୍ଞୀ ଆଖ୍ୟା ଗ୍ରହଣ କଲେ ଏବଂ ଟିକଟ ଗୁଡ଼ିକରେ ତା'ପରଠାରୁ East India ଲେଖା ନ ହୋଇ କେବଳ India ଲେଖା ହେଲା । ୧୮୮୨ରେ ଓ ପରେ ପ୍ରକାଶିତ ଟିକଟ ଗୁଡ଼ିକ ଗୋଟିକିଆ ତାରକା ଜଳଚିହ୍ନ ଥିବା କାଗଜରେ ଛପା ହୋଇଛି । ୧୯୨୬ରୁ ବର୍ତ୍ତମାନର ମହାରାଷ୍ଟ୍ରର ନାସିକଠାରେ ଥିବା "ଭାରତ ସୁରକ୍ଷା ମୁଦ୍ରଣାଳୟ" ବା India Security Pressରେ ଟିକଟ ଛପା ହେଲା । ବହୁ ତାରକା ଜଳଚିହ୍ନ ଥିବା କାଗଜ ବ୍ୟବହୃତ ହେଲା । ଏହା ୧୯୫୮ ପର୍ଯ୍ୟନ୍ତ ଚାଲିଲା । ବ୍ରିଟିଶ ରାଜତ୍ୱର ସବୁ ଚିହ୍ନ ଉଠାଇ ଦିଆଯାଉଥିବା ବେଳେ ଏ ବି ଉଠିଗଲା । ୧୯୫୫ରେ ଅଶୋକସ୍ତମ୍ଭ ଜଳଚିହ୍ନ ଥିବା କାଗଜର ବ୍ୟବହାର ଆରମ୍ଭ ହେଲା । ୧୯୭୪ ଅଗଷ୍ଟରୁ ଆଉ ଗୋଟିଏ ପ୍ରକାର ଜଳଚିହ୍ନ ମଧ୍ୟ ବ୍ୟବହାର ହେଲା । ଏଥିରେ ବଡ଼ ବଡ଼ ତାରା ନକ୍ସା ଓ INDIA GOVT ଲେଖାଅଛି । ପ୍ରାୟ ସବୁ ନିରୂପିତ ପ୍ରକାଶନ (definitive issues) ଜଳଚିହ୍ନ ଥିବା କାଗଜରେ ଛପା ହୋଇଛି । ଯଦି ଏପରି କୌଣସି ଟିକଟରେ ଜଳଚିହ୍ନ ନ ଥାଏ, ତାହା ଏକ ଭୁଲ ବୋଲି ଧରିବାକୁ ହେବ । ଜଳଚିହ୍ନ ଟିକଟର ସମ୍ମୁଖ ଭାଗରୁ ଦେଖିଲେ ଯେପରି ଦେଖାଯିବ, ତାହା ସରକାରୀ ଅନୁମୋଦିତ ଜଳଚିହ୍ନ ସହିତ ସମାନ ହେବା ଉଚିତ, ଯଦି ମୁଣ୍ଡ ତଳକୁ ଆସିଥାଏ ତାକୁ ବିପରୀତ ବା ଇନ୍‌ଭର୍ଟେଡ୍ (inverted) ଜଳଚିହ୍ନ ଏବଂ ବାମଟି ଡାହାଣକୁ ଆସିଥିଲେ, ତାକୁ ପାର୍ଶ୍ୱାନ୍ତର ବା ରିଭର୍ସଡ଼ (reversed) ଜଳଚିହ୍ନ କୁହାଯାଏ ।

## ଜଳଚିହ୍ନର ପ୍ରକାର ଭେଦ—

**ଏକକ ଜଳଚିହ୍ନ :**

କାଗଜରେ ଜଳଚିହ୍ନ ଏପରି ଭାବରେ ଖଞ୍ଜା ଯାଇଥାଏ ଯେପରି ପ୍ରତି ଟିକଟ ପାଇଁ ଗୋଟିଏ ନକ୍ସା ଉଠିବ । ଭାରତର ସପ୍ତମ ଏଡ୍‌ୱାର୍ଡ଼ର ସବୁ ଟିକଟ ଏହାର ଉଦାହରଣ । ମୁଦ୍ରଣ ଯନ୍ତ୍ରରେ କାଗଜଟି ଠିକ୍ ଭାବରେ ଖଞ୍ଜାଯାଇ ନ ଥିଲେ ଟିକଟର ଠିକ୍ କେନ୍ଦ୍ରରେ ଜଳଚିହ୍ନର ନକ୍ସାଟି ଉଠି ନ ପାରେ । ବେଳେ ବେଳେ ଖଣ୍ଡିଆ ଜଳଚିହ୍ନ ମଧ୍ୟ ଉଠେ ।

**ବହୁଜଳଚିହ୍ନ :**

ଏକକ ଜଳଚିହ୍ନ ଥିବା କାଗଜର ଏହି ଅସୁବିଧା ଏଡ଼ାଇବା ପାଇଁ ପାଖ ପାଖ କରି ବହୁତ ଗୁଡ଼ାଏ ଚିହ୍ନ ଦିଆଯାଇଥାଏ; ଫଳରେ ଛପାଖାନାରେ ଯେ କୌଣସି ଅବସ୍ଥାରେ କାଗଜ ରଖିଲେ ମଧ୍ୟ ପ୍ରତି ଟିକଟରେ ଏକାଧିକ ଜଳଚିହ୍ନ ପୂରା ବା ଖଣ୍ଡିଆ ହୋଇ ରହିବା ନିଶ୍ଚିତ । ଆମର ଅଶୋକସ୍ତମ୍ଭ ଜଳଚିହ୍ନ ଏହି ପ୍ରକାରର ।

**ପୁନରାବୃତ୍ତି ଜଳଚିହ୍ନ :**

ବହୁ ଜଳଚିହ୍ନ ବ୍ୟବସ୍ଥାରେ ପ୍ରତି ନକ୍‌ସା ଅନ୍ୟ ନକ୍‌ସାଠାରୁ ସମାନ ଦୂରରେ ଥାଏ । କିନ୍ତୁ ବାମ ଓ ଡାହାଣ ଧାଡ଼ି ଜଳଚିହ୍ନ ମଧ୍ୟରେ ବା ଉପର ଧାଡ଼ି ଓ ତଳ ଧାଡ଼ି ଜଳଚିହ୍ନ ମଧ୍ୟରେ ଦୂରତା ସବୁ ଧାଡ଼ି ମଧ୍ୟରେ ସମାନ ହୋଇଥିଲେ, ତାକୁ ପୁନରାବୃତ୍ତି (Repeated) ଜଳଚିହ୍ନ କହନ୍ତି । ବ୍ରିଟେନର ୧୯୧୨-୧୩ର ଟିକଟ ସବୁ ଏ ପ୍ରକାରର ।

**ଅବିଚ୍ଛିନ୍ନ ଜଳଚିହ୍ନ :**

ଜଳଚିହ୍ନର ନକ୍‌ସା ଲଗ ଲଗ ହୋଇ ଧାଡ଼ି ହୋଇଥିଲେ (ଯଥା ଜାଲ ଭଳି, ଲଜେଞ୍ଜ, ତରଙ୍ଗାୟିତ ରେଖା) ସେ ପ୍ରକାରର ବ୍ୟବସ୍ଥାକୁ ଅବିଚ୍ଛିନ୍ନ (continuous) ଜଳଚିହ୍ନ କୁହାଯାଏ ।

**ଫର୍ଦ୍ଦ ଜଳଚିହ୍ନ :**

ପୂରା କାଗଜ ଫର୍ଦ୍ଦରେ ଗୋଟିଏ ମାତ୍ର ବଡ଼ ନକ୍‌ସାର ଜଳଚିହ୍ନ ଥିଲେ ଏହି ନାମ ଦିଆଯାଏ । ପ୍ରତି ଟିକଟରେ ଏହି ନକ୍‌ସାର ଛୋଟ ଛୋଟ ଅଂଶ ରହିଥାଏ । ଭାରତର ୧୮୫୪ର ଟିକଟରେ ପୃଷ୍ଠା ନମ୍ବର (ଯଥା No 4 ବା No. 3) ଓ STAMP OFFICE ସହିତ ଇଂରେଜ ସରକାରଙ୍କ ସଙ୍କେତ (ଗୋଟିଏ ଢାଲ ଦୁଇପଟେ ଦୁଇଟି ପତାକାଧାରୀ ସିଂହ) ଥିବା ଜଳଚିହ୍ନର ଖଣ୍ଡ ଖଣ୍ଡ ଅଂଶ ଦେଖାଯାଏ ।

**ବେସରକାରୀ ଜଳଚିହ୍ନ :**

କାଗଜ ଉତ୍ପାଦନକାରୀ କାଗଜ ତିଆରି କଲାବେଳେ କେବେ କେବେ ନିଜର ନାମ ବା ସଙ୍କେତ ଜଳଚିହ୍ନ ଆକାରରେ ଦେଇଥାଏ (ଯଥା ହାତୀମାର୍କା କାଗଜରେ ବା "ଜେ. କେ. ବଣ୍ଡ ପେପର"ରେ) । ସାଧାରଣତଃ ଏ ପ୍ରକାର କାଗଜରେ ଟିକଟ ଛପାଯାଏ ନାହିଁ । କିନ୍ତୁ ଡାକଘରେ ମିଳୁଥିବା ଲଫାପା ଆଦିରେ ଏ ପ୍ରକାର ଜଳଚିହ୍ନ ଦେଖିବାକୁ ମିଳେ ।

**ଅଠା :**

ଟିକଟ ତିଆରିରେ ଆଉ ଗୋଟିଏ ଜିନିଷ ହେଉଛି ଅଠା । ପୂର୍ବକାଳରେ ଟିକଟ ଛପା ହୋଇ ସାରିବା ପରେ ଅଠା ଲଗା ହେଉଥିଲା; ଅଠାଲଗା ପରେ ଛିଦ୍ର କରାହେଉଥିଲା । ଆଜିକାଲି ପ୍ରଥମେ ଅଠାଲଗା ହୋଇଥିବା କାଗଜ ମୁଦ୍ରଣ ଯନ୍ତ୍ରରେ ପୂରାଯାଏ, ଅର୍ଥାତ୍ ଅଠା ଆଗେ ଲଗାହୁଏ ଓ ପରେ ଛପା ହୁଏ ଓ ତା'ପରେ ଛିଦ୍ର କରାହୁଏ । ଆଜିକାଲି ଆମେରିକାନ ସଂଗ୍ରାହକମାନଙ୍କ ମଧ୍ୟରେ ଅବ୍ୟବହୃତ ଓ ମୂଳ ଅଠା (Original gum) ଥିବା ଟିକଟ ପ୍ରତି ଆଗ୍ରହ ବେଶି ଦେଖାଯାଉଛି । ଫଳରେ ଅବ୍ୟବହୃତ ଅଠା ଥିବା ଟିକଟ (mint with original gum ସଂକ୍ଷେପରେ o.g ) ଅନ୍ୟାନ୍ୟ ସମାନ ପ୍ରକାର ଟିକଟଠାରୁ ବେଶି ଦରରେ ବିକ୍ରି ହୁଏ ।

**ଅଠା ନ ଥିବା ଟିକଟ :**

ଟିକଟ ଛପାଇବାବେଳେ କେତେକ ଦେଶ ଅଠା ଦେଇ ନ'ଥାନ୍ତି, ଯଥା ୧୯୦୮ ପୂର୍ବରୁ ଆଫଗାନିସ୍ତାନ । ଆମ ଦେଶରେ ଏବେ ସରକାରୀ (Service) ଟିକଟଗୁଡ଼ିକ ବିନା ଅଠାରେ ଛପା ଯାଉଛି ।

**ହାତଲଗା ଅଠା :**

ଆଜକାଲି ଟିକଟ ଫର୍ଦ୍ଦରେ ଯନ୍ତ୍ର ଦ୍ୱାରା ଅଠା ଲଗାଯାଉଛି । ପୂର୍ବକାଳରେ ହାତରେ ବା ବ୍ରସ୍ ଲଗାଇ ଅଠା ଦିଆଯାଉଥିଲା । ହାତରେ ଅଠା ଲଗାଇଲେ ସମାନ ଭାବରେ ସମତଳ ହୁଏ ନାହିଁ । ବେଳେ ବେଳେ ବ୍ରସ୍‌ର ବାଳ ମଧ୍ୟ ଅଠା ସହିତ ଲାଗି ରହିଥାଏ ।

**ଯାନ୍ତ୍ରିକ ଅଠାଲଗା :**

ଟିକଟ ଛାପା ସରିବା ପୂର୍ବରୁ ହେଉ ବା ପରେ ହେଉ, ଫର୍ଦ୍ଦଟି ଗୋଟିଏ ଘୂରୁଥିବା ରୋଲର ଉପରେ ଚଲାଇ ଦିଆଯାଏ । ଏହି ଘୂରୁଥିବା ରୋଲର ଗୋଟିଏ ଅଠା ଥାଳି ଭିତରେ ଦରବୁଡ଼ା ହୋଇ ଘୂରୁଥାଏ । ଯନ୍ତ୍ର ଦ୍ୱାରା ଅଠାଲଗା ଖୁବ୍ ମସୃଣ ହୁଏ ।

**ବିଭିନ୍ନ ପ୍ରକାରର ଅଠା :**

ରଙ୍ଗ ଅନୁଯାୟୀ ଅଠା ସାଧା, ମାଟିଆ ବା ଅନ୍ୟ ରଙ୍ଗର ହୋଇପାରେ । ସାଧା ଅଠା ସାଧାରଣତଃ ବର୍ଣ୍ଣହୀନ । ଟିଠାଗଡ଼ କାଗଜ କଳର କାଗଜରେ ଭାରତର ୨ ପଇସିଆ ଓ ୫ ପଇସିଆ ଟିକଟ ଛାପା ହୋଇଛି । ଏହି ଟିକଟ ଦୁଇଟିରେ ବେଶୀ ଅଠା ବ୍ୟବହାର କରାଯାଇଛି । ୨ ପଇସିଆ ଟିକଟରେ ମାଟିଆ ରଙ୍ଗର ଅଠା ଓ ୫ ପଇସିଆ ଟିକଟରେ ଧଳା ଅଠା ବ୍ୟବହାର ହୋଇଛି । ତେବେ ଡାକଘରୁ ଟିକଟ କିଣିବା ବେଳେ ପଛ ପାଖ ଦେଖିଲେ ଅଠାର ପ୍ରକାର ଜାଣିହେବ ।

ଈଷତ୍ ଧଳା ବା ମାଟିଆ ରଙ୍ଗର ଅଠା ବନସ୍ପତି ଅଠା (Vegetable gum) । ଏହାକୁ ଗମ୍ ଆରବିକ୍ (Gum Arabic) କୁହାଯାଏ । ୫ ପଇସିଆ (ପରିବାର ନିୟୋଜନ) ଟିକଟର ୯୦ ସଂଖ୍ୟାର ଫର୍ଦ୍ଦରେ ପ୍ଲେଟ୍ ନମ୍ବର A-୪୦ରୁ ଛପା ହୋଇଥିବା ଟିକଟ ପଛରେ ଏହି ଅଠା ଲଗା ହୋଇଛି । ଏହି ୯୦ ସଂଖ୍ୟା ଟିକଟର ଫର୍ଦ୍ଦରେ ପ୍ଲେଟ୍ ନମ୍ବର A-୪୧ରୁ A-୪୩ ରହିଥିବା ଫର୍ଦ୍ଦରେ ରସାୟନିକ ଅଠା PVA ପଲିଭିନାଇଲ୍ ଆଲ୍‌କୋହଲ (Polyvinylalcohol)ଲଗା ଯାଇଛି—ଏହା ଦେଖିବାକୁ ସ୍ୱଚ୍ଛ ଧଳା । ଲୋକେ ଅଠାକୁ ଜିଭ ଲଗାଇ ଓଦା କରିଥାନ୍ତି ବୋଲି ବନସ୍ପତି ଅଠା ଆମ ଦେଶରେ ବେଶି ବ୍ୟବହାର ହୁଏ । ଏହି ଅଠା ବର୍ଷାଋତୁରେ ଓ ବାୟୁରୁ ଜଳୀୟ ଅଂଶ ଟାଣିଆଣେ ନାହିଁ ବୋଲି ଆମର ମୌସୁମୀ ଅଞ୍ଚଳ ପାଇଁ ବେଶ୍ ଉପଯୁକ୍ତ ।

**ଛିଦ୍ର ସଂଖ୍ୟା :**

ପ୍ରଥମେ ପ୍ରଥମେ ଯେତେବେଳେ ଟିକଟ ପ୍ରକାଶ ପାଇଲା, ଛାପା ପୃଷ୍ଠାରୁ ଗୋଟି ଗୋଟି କରି କାଟି ଟିକଟ କାଢ଼ିବାକୁ ହେଉଥିଲା । କଇଞ୍ଚି ଚଲାଇବା ପାଇଁ ଦୁଇଧାଡ଼ି ଟିକଟ ମଝିରେ ଗୋଟିଏ ଗାର ଟଣା ଯାଉଥିଲା । ବିଲାତରେ ହେନରି ଆର୍‌ଚରଙ୍କ ପ୍ରସ୍ତାବ ଅନୁଯାୟୀ ୧୮୫୩ରେ ଛିଦ୍ରକାଟା ଯନ୍ତ୍ର ବ୍ୟବହୃତ ହେଲା । ଦୁଇଧାଡ଼ି ଟିକଟ ମଝିରେ ଛୋଟ ଛୋଟ ଛିଦ୍ର କରିଦେଲେ ଟିକଟଗୁଡ଼ିକୁ ଗୋଟି ଗୋଟି କରି ଛଡ଼ାଇବାକୁ ସୁବିଧା ହୁଏ । ଛିଦ୍ର ନ ହୋଇ ମଧ୍ୟ ଟିକଟ ପୃଥକ୍ କରିବା ବ୍ୟବସ୍ଥା ଅଛି—ଏ ପ୍ରକାର ବ୍ୟବସ୍ଥାକୁ **roulette** (ରୁଲେଟ୍) କହନ୍ତି । ଟିକଟର କାଗଜ ଉପରେ ଟିକଟ ଧାଡ଼ି ମଝିରେ ଗୋଟିଏ ରେଖାରେ ଯନ୍ତ୍ର ଦ୍ୱାରା

କଟା କଟା ଦାଗ କରାଯାଇଥାଏ, ଏହି ଦାଗଗୁଡ଼ିକ ଉପରେ କାଗଜଟି ଦୁର୍ବଳ ଥିବାରୁ ସେହି ଜାଗାରୁ ଚିରିବା ସହଜ ହୁଏ ।

କାଗଜରେ କଣା କରିବାକୁ ଛିଦ୍ରକଯନ୍ତ୍ର ବ୍ୟବହାର ହୁଏ, ଏହା ଧାଡ଼ି ଧାଡ଼ି କଣା କରେ । ଦୁଇକଣା ମଝିରେ ଦାନ୍ତଥାଏ । ପ୍ରତି ଦୁଇ ସେଣ୍ଟିମିଟର ଦୂରତାରେ ଯେତୋଟି ଦାନ୍ତ ଅଛି ସେହି ଟିକଟର ଛିଦ୍ର ସଂଖ୍ୟା ବା ପର୍ଫୋରେସନ୍ (Perforation) ସେତିକ ବୋଲି କୁହାଯାଏ । ତୁମକୁ ଏହି ମାପରେ ସାହାଯ୍ୟ କରିବାକୁ ଏହି ବହିର ଶେଷରେ ଗୋଟିଏ ଛିଦ୍ର-ମାପକ (Perforationgauge) ଦିଆଯାଇଛି । ଟିକଟଟି ଏହା ଉପରେ ଥୋଇ ଛିଦ୍ର ସଂଖ୍ୟା ମାପି ହେବ ।

ବାଘମୁଣ୍ଡ ଛବିଥିବା ୧୫ ପଇସିଆ ଟିକଟଟିଏ ନିଅ । ଛିଦ୍ର ମାପକର, ଡାହାଣ ପାର୍ଶ୍ୱରେ ଥିବା ଅଂଶରେ ଅଗଧାର ବା ଉପର ଧାଡ଼ିଟିକୁ ରଖି ତଳ ଉପର ଚଳାଅ ଯେପରି ବଛେଇ ହୋଇ ପଡ଼ିଥିବା ଗାର ଗୁଡ଼ିକରୁ ପ୍ରତ୍ୟେକଟି ଟିକଟ ଛିଦ୍ରର ଦାନ୍ତ ସହିତ ମେଳଖାଏ; ଦେଖିବ ୧୪ ଓ ୧୫ର ଠିକ୍ ମଝିରେ ବା ଅଧାରେ ଦାନ୍ତ ଗୁଡ଼ିକ ରେଖାଗୁଡ଼ିକ ସହ ଖାପ ଖାଇବ । ଏଣୁ ଟିକଟର ଅଗ ଭାଗର ଛିଦ୍ର ସଂଖ୍ୟା ୧୪½, ଇଂରାଜୀରେ Perf. $14\frac{1}{2}$ ।ଠିକ୍ ହେଲା କି ନାହିଁ ଦେଖିବା ପାଇଁ ଟିକଟଟିକୁ ଛିଦ୍ର ମାପକର ବାମ ପାର୍ଶ୍ୱରେ ଥିବା ବିନ୍ଦୁ ବିନ୍ଦୁ ଛବି ଉପରେ ରଖି ଚଳାଅ; ଦେଖିବ ୧୪½ ଲେଖାଥିବା ଧାଡ଼ି ଉପରେ ଥିବା ବିନ୍ଦୁଗୁଡ଼ିକ ଉପରେ କଣାଗାତ ଗୁଡ଼ିକ ଠିକ୍ ମେଳ ଖାଇଯିବ । ସେହିପରି ଟିକଟର ପାର୍ଶ୍ୱଧାର ମାପିଲେ ଛିଦ୍ର ସଂଖ୍ୟା ୧୪ (Perf 14) ହେବ । ପ୍ରତି ଦୁଇ ସେଣ୍ଟିମିଟରରେ ଅନୁପ୍ରସ୍ଥ ବା ଟିକଟର ଉପର ତଳ ଛିଦ୍ର ସଂଖ୍ୟା ୧୪½ ଏବଂ ଉଲମ୍ବ ବା ଦୁଇପାଖର ଛିଦ୍ର ୧୪ ହୋଇଥିବାରୁ ଏହି ଟିକଟର ଛିଦ୍ର ୧୪½ × ୧୪ (Perf, $14\frac{1}{2} \times 14$) ।

ଗୋଟିଏ ଟିକଟ ଭିନ୍ନ ଭିନ୍ନ ସମୟରେ ଛପା ହୋଇଥିଲେ ବେଳେ ବେଳେ ଭିନ୍ନ ଭିନ୍ନ ଛିଦ୍ରସଂଖ୍ୟା ରହିପାରେ । ତୁମର ଯଦି, ଯେଉଁଥିରେ ସ୍ତ୍ରୀଲୋକଟିଏ ରବରଗଛରୁ କ୍ଷୀର ସଂଗ୍ରହ କରୁଥିବା ଏବଂ ଷଷ୍ଠଜର୍ଜର ଛବି ଥିବା ଶ୍ରୀଲଙ୍କାର ୨ ସେଣ୍ଟ ଟିକଟ କିଛି ସଂଖ୍ୟାରେ ଥାଏ, ପରୀକ୍ଷା କରି ଦେଖ ସେ ପ୍ରକାର ଟିକଟରେ ୫ ରକମର ଛିଦ୍ରସଂଖ୍ୟା ୧୧ × ୧୧½ଠାରୁ ଆରମ୍ଭ କରି ୧୦½ × ୧୩ପର୍ଯ୍ୟନ୍ତ ଥିବ । ଛିଦ୍ରସଂଖ୍ୟା ଭିନ୍ନ ହେଲେ ଟିକଟଗୁଡ଼ିକ ବଳକା ନୁହେଁ; ତାକୁ ଏକ ସ୍ୱତନ୍ତ୍ର ଟିକଟଭଳି ସଂଗ୍ରହ କରି ରଖ ।

## ଛିଦ୍ରର ପ୍ରକାର ଭେଦ :

### ରେଖାଛିଦ୍ର :

ଏକ ଘୂର୍ଣ୍ଣନଛିଦ୍ରକ (Rotary Perforator) ବ୍ୟବହାର ଫଳରେ ଏହା ଘଟେ । ଛପା ରୋଲର-ଭଳି ଗୋଟିଏ ରୋଲର୍‌ରେ ଗୁଞ୍ଜାଏ ପିନ୍ ଧାଡ଼ିକରି ଠିଆ ହୋଇଥାଏ ଏବଂ ଅନ୍ୟ ଏକ ରୋଲର୍‌ରେ ସମାନ-ଭାବରେ ଧାଡ଼ିଏ ଗାତ ଥାଏ, ଯେପରି ପିନ୍ ମୁନଗୁଡ଼ିକ ଗାତଗୁଡ଼ିକ ଭିତରେ ପଶିଯିବ । ଦୁଇରୋଲର ବୁଲିବା-ବେଳେ ମଝିରେ ଥିବା କାଗଜରେ ପିନ୍‌ଥିବା ସ୍ଥାନଗୁଡ଼ିକରେ କଣା ହୋଇଯିବ । ଏଥିରେ ସ୍କ୍ରୁ-ପ୍ରଣାଳୀ ଲଗାହୋଇଥିବାରୁ ରୋଲରକୁ ବୁଲାଇ ବାମରୁ ଡାହାଣ ବା ଉପରୁ ତଳଆଡ଼ ଧାଡ଼ିରେ କଣା କରାଯାଇ ପାରେ ।

**ବଦାଛିଦ୍ରକ :**

ଗୃଷକାମରେ ବଦା ଯେପରି କାମ କରେ, ବଦାଛିଦ୍ରକ ପୁରା ଟିକଟ ଫର୍ଦ୍ଦଟିକୁ ସେହିପରି ଏକାଥରକେ ଦରକାର ଅନୁଯାୟୀ ଛିଦ୍ର କରିଦିଏ ।

**ପାଳଆ ଛିଦ୍ରକ :**

ରେଖା ଓ ବଦା ଛିଦ୍ରକର ମଝିମଝିକିଆ । ଗୋଟିଏ ଧାଡ଼ିର ଟିକଟକୁ ପୁରା ଛିଦ୍ର କରିବାପାଇଁ ଏଥିରେ ଲମ୍ବ ଦୁଇଧାଡ଼ିର ପିନ୍ ଓ ଟିକଟ ଆକାର ଅନୁଯାୟୀ ସମକୋଣରେ ଅଣଓସାରିଆ ପିନ୍ ଧାଡ଼ି ଥାଏ । ଦଶଧାଡ଼ିଆ ୧୦୦ଟି ଟିକଟଥିବା ଫର୍ଦ୍ଦକୁ ଏହା ୧୧ଥର ଚଳାଇ ପୁରାଛିଦ୍ର କରିପାରେ । କିନ୍ତୁ ଥରେ ଯନ୍ତ୍ର ଚଳାଇ ବହୁତଗୁଡ଼ିଏ ଫର୍ଦ୍ଦ ଏକା ସାଙ୍ଗରେ କଣା କରାଯାଇପାରେ ।

ଟିକଟ ଦେହରୁ ଏ ତିନପ୍ରକାର ଛିଦ୍ର କପରି ଜାଣିବ ?

| | ରେଖାଛିଦ୍ର | ପାଳଆ ଛିଦ୍ର | ବଦାଛିଦ୍ର |
|---|---|---|---|
| ଗୋଟିକିଆ ଟିକଟ | କୋଣଗୁଡ଼ିକ ସାଧାରଣତଃ ଅନିୟମିତ | ଦୁଇକୋଣ ନିୟମିତ; ବିପରୀତ କୋଣଗୁଡ଼ିକ ଅନିୟମିତ । | ଚୁରୋଟିଯାକ କୋଣ ନିୟମିତ |
| ଏଠିଟିକଟରେ ତଳକା | ଉପରତଳ ଛିଦ୍ରରେଖା ଓ ବାମ ଡାହାଣ ଛିଦ୍ରରେଖା ସାଧାରଣତଃ ଗୋଟିଏ କଣାରେ ପରସ୍ପରକୁ ଛେଦ କରେନାହିଁ | ଭୂଲମ୍ବ ଓ ଅନୁପ୍ରସ୍ଥ ରେଖା ଦୁଇଟି ପରସ୍ପରର ଉପରେ ଚଢ଼ିନଥାନ୍ତି । ଟିକଟ ଫର୍ଦ୍ଦରେ ଦୁଇ ବା ୩ପାଖ ବିନାଛିଦ୍ରରେ ରହିଥାଏ । | ସବୁ ଛିଦ୍ରଗୁଡ଼ିକ ସମାନ ଦୂରରେ ଥାଏ । ଫର୍ଦ୍ଦର ଧାରରେ ଛିଦ୍ର ନ ଥାଏ । |

**ସ୍ଥୁଳ ଛିଦ୍ର :**

ଯଦି ପିନ୍ ମୁନ ଦାନ୍ତର ହୋଇଥାଏ ବା ପିନ୍ ପଶୁଥିବା କଣାଟି ବନ୍ଦ ହୋଇଯାଏ, ତେବେ ଟିକଟ ଫର୍ଦ୍ଦରେ ଛିଦ୍ରଗୁଡ଼ିକ ଅସମାନ ହୁଏ ।

**ଅନ୍ଧ ଛିଦ୍ର :**

ଯଦି ରୋଲର ଦୁଇଟି ଠିକ୍ ସଜା ହୋଇ ନ ଥାଏ, ପିନ୍ ମୁନ ଅନ୍ୟ ରୋଲରର କଣା ଭିତରେ ପଶିବା ଅବସ୍ଥାରେ ଠିକ୍ ନଥାଏ, ତେବେ କାଗଜରେ ଚିହ୍ନ ହେଲେହେଁ କଣାରୁ କାଗଜ ଟୁକୁରା ଖସିଯାଏ ନାହିଁ । ଏ ପ୍ରକାର ଚିହ୍ନକୁ ଅନ୍ଧ ଛିଦ୍ର କହନ୍ତି ।

**ଯୋଡ଼ ଛିଦ୍ର :**

ଯଦି ଯନ୍ତ୍ରଟି ଟିକଟ ଫର୍ଦ୍ଦ ଉପରେ ଭୁଲବଶତଃ ଦୁଇଥର ବାଡ଼େଇ ଦିଏ, ପାଖାପାଖି ଦୁଇଧାଡ଼ିର ଛିଦ୍ର ଦେଖା ଯାଇଥାଏ ।

**ଛିଦ୍ରହୀନ ଧାର ("Fantails") :**

ବଡ଼ା ଛିଦ୍ରକ ବ୍ୟତୀତ ଅନ୍ୟ ଯେ କୌଣସି ଛିଦ୍ରକ ଯନ୍ତ୍ର ଦ୍ୱାରା ଛିଦ୍ର କରିବା ବେଳେ ଟିକଟ ଫର୍ଦ୍ଦର ଶେଷ ଧାଡ଼ି ଟିକଟର ବାହାର ଛିଦ୍ରହୀନ (**imperforate margin**) ରହିଯାଇ ପାରେ । ଏ ଭୁଲକୁ ଫାନ୍‌ଟେଲ୍ (ଫଙ୍ଗାନଞ୍ଜି) କହନ୍ତି ।

**କିମ୍ଭୂତ ବା ଜଙ୍ଗଲ ଛିଦ୍ର :**

ବେଳେ ବେଳେ ଟିକଟ ଫର୍ଦ୍ଦର ଗୋଟିଏ କଣ ଭୁଲରେ ଭାଙ୍ଗି ହୋଇ ରହିଯାଏ, ଯନ୍ତ୍ର କିମ୍ବା ଠିକ୍ ଭାବେ ଫର୍ଦ୍ଦଟିକୁ ଯନ୍ତ୍ର ଭିତରେ ନ ପୁରାଇ ଥିଲେ, ଛିଦ୍ରଧାଡ଼ି ଅନସୂମିତ ବା ବଙ୍କା ଟଙ୍କା ଉଠିଥାଏ । ଏ ପ୍ରକାର ଫର୍ଦ୍ଦ ସବୁ ସରକାର ନଷ୍ଟ କରି ଦିଅନ୍ତି । ବେଳେ ବେଳେ ଅସାବଧାନତା ଯୋଗୁ କେତେକ କିମ୍ଭୂତ ଛିଦ୍ରରେଖା ଥିବା ଟିକଟ ଫର୍ଦ୍ଦ ବଜାରକୁ ଚାଲିଆସେ ।

**ମିଶ୍ରିତ ଛିଦ୍ର :**

ଟିକଟର ଚାରି ପାଖର ଛିଦ୍ର ବିଭିନ୍ନ ପ୍ରକାର ହୋଇଥିଲେ ଏହାକୁ ମିଶ୍ରିତ ଛିଦ୍ର କହନ୍ତି । ସାଧାରଣତଃ ଚାରୋଟି ପାଖର ଛିଦ୍ର ମାପ ସମାନ ଥାଏ, କିମ୍ବା ଉପର ତଳ ସହିତ ସମାନ ଏବଂ ଦୁଇପାଖ ସମାନ ଥାଏ ।

ଗୋଟିଏ ପ୍ରକାର ଦିଶୁଥିବା ଟିକଟରେ ଛିଦ୍ରମାପ ଏଭଳି ଭିନ୍ନ ଭିନ୍ନ ହେଲେ ଟିକଟଗୁଡ଼ିକ ଅଲଗା ବୋଲି ଧରି ନାହିଁ; ପ୍ରତ୍ୟେକ ଗୋଟିଏ ଗୋଟିଏ ଭିନ୍ନ ଟିକଟ ।

॥ ୪ ॥

ଡାକ ଟିକଟ କିପରି ଛପା ହୁଏ ଜାଣିବା ପୂର୍ବରୁ ଟିକଟର ଆକାର ଏପରି କାହିଁକି ବା କିପରି ହେଲା ଓ ଟିକଟର ନକ୍ସା କିପରି ତିଆରି କରାଯାଏ ଜାଣିବା ଦରକାର ।

**ପ୍ରାଚୀନ ଡାକ ବ୍ୟବସ୍ଥା :**

ମଣିଷ ଇତିହାସରେ ଆଦିମ କାଳରେ ଆଜିକାଲି ପରି ଡାକ ବ୍ୟବସ୍ଥା ନ ଥିଲା । ରାଜ୍ୟ ରାଜ୍ୟ ଭିତରେ ରାଜଦୂତ ବାର୍ତ୍ତାବିନିମୟ କରୁଥିଲା । ସାଧାରଣ ଲୋକଙ୍କୁ ଏ ସୁବିଧା ମିଳୁ ନ ଥିଲା । ବାର୍ତ୍ତାବହକୁ ଚିହ୍ନିବାର ଉପାୟ ମଧ୍ୟ ନ ଥିଲା । ପ୍ରାଚୀନ କାଳରେ ରୋମ, ଭାରତ ଓ ଚୀନରେ ଡାକଫାଣ୍ଡି ଭଳି ସ୍ଥାନେ ସ୍ଥାନେ ବାର୍ତ୍ତାବହମାନଙ୍କ ରହଣିସ୍ଥାନ କରାଯାଇଥିଲା । ପରେ ବାର୍ତ୍ତାବହମାନଙ୍କୁ ଚିହ୍ନିବା ନିଶାଣ ଦିଆଗଲା ଓ ବାଟରେ ଘୋଡ଼ା ବଦଳାଇବାର ସୁବିଧା ଦିଆଗଲା । ପରେ ପରେ ବଣିକମାନେ ଏହି ବ୍ୟବସ୍ଥାର ସୁବିଧା ପାଇଲେ । ବିଭିନ୍ନ ଡାକ ବିଭିନ୍ନ ଚିହ୍ନଦ୍ୱାରା ନିର୍ଦ୍ଦିଷ୍ଟ ହେଉଥିଲା ।

ୟୁରୋପରେ **Thurn ଓ Taxis** ପରିବାର ବଂଶାନୁକ୍ରମେ ୧୨୯୦ ଖ୍ରୀଷ୍ଟାବ୍ଦରୁ ଡାକ ବ୍ୟବସ୍ଥା ଚଳାଇ ଆସୁଥିଲେ । ଆରମ୍ଭରେ ସେମାନେ ଇଟାଲି ଓ ଅଷ୍ଟ୍ରିଆ ରାଜ୍ୟରେ ରାଜାଙ୍କ ଡାକ ନେବା ଆଣିବା କରୁଥିଲେ । ୧୫୦୬ରେ ଅଷ୍ଟ୍ରିଆ ରାଜା ପ୍ରଥମ ଫିଲିପ୍ ଫ୍ରାନ୍ସିସ୍‌ଭନ ଟାକ୍ସିସ୍‌ଙ୍କ ସହ ବୁଝାମଣା ରକ୍ଷା ନ କରିବାରୁ ଟାକ୍ସିସ୍ ପରିବାର ସର୍ବସାଧାରଣଙ୍କ ଡାକ ମଧ୍ୟ ଗ୍ରହଣ କଲେ, ଅବଶ୍ୟ ଏଥିପାଇଁ ସେମାନେ ଆବଶ୍ୟକ ପରିମାଣର ମାସୁଲ ନେଉଥିଲେ । ଏହି ପରିବାରର ସେବାକୁ ତତ୍କାଳୀନ ରାଜକୀୟ ମହଲରେ ଖୁବ୍ ପସନ୍ଦ କରାଯାଉଥିଲା ଏବଂ ପ୍ରଶଂସା ସ୍ୱରୂପ ଡାକବାହକଙ୍କୁ ଏକ ସାଜୁଆ ପୋଷାକ ଦିଆଯାଉଥିଲା । ଏ ପୋଷାକରେ ଗୋଟିଏ ତାର ଗୁଡ଼ାଇ ହୋଇଥିବା ଏକ ସ୍ୱର୍ଣ୍ଣତୂରୀ ମଧ୍ୟ ଥିଲା । ୟୁରୋପର ସବୁ ଡାକବ୍ୟବସ୍ଥାରେ ଏହି ତାର ଗୁଡ଼ାଇ ହୋଇଥିବା ତୂରୀ (Post-horn) ଡାକସେବାର ଏକ ଆଦର୍ଶ ସଙ୍କେତ ରୂପେ ଗ୍ରହଣ କରାଯାଇଛି ।




ସୁଇଡେନ୍

**ଭାରତରେ ଡାକ ଇତିହାସ :**

ଭାରତରେ ପ୍ରାଚୀନ କାଳରେ ବାର୍ତ୍ତାବହ, ରାଜଦୂତ ବା ଅନ୍ୟ ଯାହାକିଛି ପ୍ରଥା ଥିଲା, ତାହା ସାଧାରଣ ଲୋକଙ୍କ ବ୍ୟବହାରରେ ଆସୁ ନ ଥିଲା । ୧୨୯୬ ଖ୍ରୀଷ୍ଟାବ୍ଦ ପରଠାରୁ ଆଲ୍ଲାଉଦ୍ଦିନ ଖିଲିଜି

ଘୋଡ଼ାସବାର ଓ ପଦଗୃଷ୍ଣ ଡାକବାହକ ପ୍ରଥା ଆରମ୍ଭ କଲେ । ଉଦ୍ଦେଶ୍ୟ ଥିଲା, ସୈନ୍ୟବାହିନୀର ଚଳାଚଳ ଖବର ରଖିବା । ମାତ୍ର ପଞ୍ଚବର୍ଷ (୧୫୪୧-୧୫୪୫ ଖ୍ରୀଷ୍ଟାବ୍ଦ) ରାଜୁତି କରିଥିଲେହେଁ ଶେରଶାହ ତାଙ୍କ ସାମ୍ରାଜ୍ୟସାରା ଡାକସବାର ବ୍ୟବସ୍ଥା ଚାଲୁକଲେ । ସିନ୍ଧୁ ପ୍ରଦେଶରୁ ବଙ୍ଗ ପର୍ଯ୍ୟନ୍ତ ପ୍ରାୟ ୩୫୦୦ କିଲୋମିଟର ରାସ୍ତା ଗଢ଼ିଥିଲେ । ରାସ୍ତା କଡ଼ରେ "ସରାଇ" (ଅତିଥିଶାଳା) ମାନ ତିଆରି କରିଥିଲେ । ପ୍ରତି ସରାଇରେ ଦୁଇଟି ଲେଖାଏଁ ଘୋଡ଼ା ରହୁଥିଲେ, ଡାକ ଚଳାଚଳ କରିବା ପାଇଁ । ଆକବର (୧୫୫୬ ରୁ ୧୬୦୫) ସଡ଼କ ଛଡ଼ା କେନାଲ ବାଟେ ମଧ୍ୟ ଡାକବହନର ସୁବିଧା କଲେ । ୧୬୮୮ ବେଳକୁ ଇଷ୍ଟଇଣ୍ଡିଆ କମ୍ପାନୀ ମାନ୍ଦ୍ରାଜ, କଲିକତା ଓ ବମ୍ବେରେ ନିଜର କାର୍ଯ୍ୟକଳାପ ବଢ଼ାଇ ସାରିଥିଲେ; ସେଥିପାଇଁ ଏହି ତିନି ସହର ମଧ୍ୟରେ ଡାକ ଚଳାଚଳ ବ୍ୟବସ୍ଥା ସେମାନଙ୍କ ଲକ୍ଷ୍ୟ ଥିଲା । ଲର୍ଡ଼କ୍ଲାଇଭ ୧୭୬୬ରେ ଏହି ବ୍ୟବସ୍ଥାର ସଂସ୍କାର କରିଥିଲେ ଏବଂ ୧୭୭୪ ଠାରୁ ସାଧାରଣ ଲୋକେ ମଧ୍ୟ ଡାକ ବ୍ୟବସ୍ଥାର ସୁବିଧା ପାଇଲେ । ସେହି ସମୟରେ 'ଗଞ୍ଜାମ'ରେ ଗୋଟିଏ ଡାକଘର ବସାଗଲା । ସେତେବେଳେ ପ୍ରତି ଶହେ ମାଇଲ୍ ଦୂର ପାଇଁ ଡାକଖର୍ଚ୍ଚ ଦୁଇଅଣା ପଡ଼ୁଥିଲା । ସରକାରୀ ମୁଦ୍ରାଶାଳା ଏଥିପାଇଁ ଦୁଇଅଣିଆ ତମ୍ବା ମୁଦ୍ରା ତିଆରି କରିଥିଲା । ଡାକଘରେ ଚିଠି ପକାଇଲାବେଳେ ମାସୁଲ ଦେବାକୁ ପଡ଼ୁଥିଲା । ପଇସା ପାଇ ଡାକଘରେ ଚିଠି ଉପରେ Post-paid ବା ତଦନୁରୂପ ଶବ୍ଦ ଲେଖା ହେଉଥିଲା । ଯେଉଁ ଚିଠି ମାସୁଲ ନ ଦିଆହୋଇ ଡାକଘରେ ପଡ଼ୁଥିଲା ସେଥିରେ UNPAID ବା BEARING ବା Post Not Paid ଲେଖାଥିବା ମୋହର ବସୁଥିଲା । ଏ କ୍ଷେତ୍ରରେ ପ୍ରାପ୍ତକର୍ତ୍ତାଙ୍କ ଠାରୁ ମାସୁଲ ଆଦାୟ କରାଯାଉଥିଲା ।

ଏ ପର୍ଯ୍ୟନ୍ତ ଘରୋଇ ସଂସ୍ଥାମାନେ ମଧ୍ୟ ଡାକଚଳାଚଳ କରୁଥିଲେ । ୧୮୩୭ରେ Act XVII ବା Post Office Act (ଡାକଘର ଆଇନ) ଗୃହୀତ ହେଲା ଏବଂ ସେହି ବର୍ଷଠାରୁ ଘରୋଇ ଡାକବ୍ୟବସ୍ଥା ପୁରାପୁରି ବନ୍ଦ କରି ଦିଆଗଲା ।




ମାସୁଲ ମିଳିଛି ବୋଲି ମୋହର

**ଡାକଟିକଟର ଜନ୍ମ :**

ଆଗେ ଯେତେ ଦୂର ତେତେ ବେଶି ମାସୁଲ ପଡ଼ୁଥିଲା । ପଠାଇବାବାଲା ମାସୁଲ ନ ଦେଇଥିଲେ ପାଇବାବାଲା ମାସୁଲ ଦେଇ ଚିଠି ନେବ । ଏ ବିକଳ୍ପ ବ୍ୟବସ୍ଥା ଥିବାରୁ ପ୍ରେରକ କିଛି ଖର୍ଚ୍ଚ ନ କରି ଚିଠି ପଠାଉଥିଲା । କେତେକ ଲୋକ ଠାରୁ ବାରି ଚିଠିରେ ଶୁଭ କି ଅଶୁଭ ଖବର ଅଛି, ଜଣାଇ ପାରୁଥିଲେ । ଲଫାପା ଭଳି ଜିନିଷ ନ ଥିଲା । ପ୍ରେରକ ଚିଠି ଲେଖା କାଗଜକୁ ଭାଙ୍ଗିକରି ନିଜର ମୋହର ବସାଇ ପଠାଉଥିଲା । ପ୍ରାପ୍ତକର୍ତ୍ତା କାଗଜର ରଙ୍ଗରୁ ବା ଭାଙ୍ଗରୁ କିମ୍ବା ଉପରେ ଥିବା ହଳଦି ବା କଳା ରଙ୍ଗରୁ ଶୁଭ ବା ଅଶୁଭ ଖବର ଜାଣିପାରୁ ଥିଲା । ତେଣୁ ଚିଠି ନେଉ ନଥିଲା କି ମାସୁଲ ଦେଉ ନଥିଲା । ଫଳରେ ସରକାରଙ୍କ କ୍ଷତି ହେଉଥିଲା । ଡାକବ୍ୟବସ୍ଥାର ଏମିତି ଅଭାବ ଅସୁବିଧା ଦେଖାଇ ବିଲାତର ରୋଲାଣ୍ଡହିଲ୍ ୧୮୩୭ରେ ଡାକଘର ସଂସ୍କାର ("Post Office Reform") ନାମରେ ଖଣ୍ଡିଏ ପତ୍ର ଲେଖିଲେ । ୧୮୪୦ ଜାନୁଆରୀ ୧୦ ରେ ବିଲାତ ସରକାର ହିଲ୍‌ଙ୍କ ଉପଦେଶ ଗ୍ରହଣ କରି ଗୋଟିଏ ସର୍ବସାଧାରଣ ଡାକ ମାସୁଲ ହାର ଠିକ୍ କଲେ ଏବଂ ଚିଠି-ପତ୍ର ପଠାଇବା ସୁବିଧା ପାଇଁ ମାସୁଲ ସୂଚକ ଛବି ଥିବା ଲଫାପା ଚଳାଇଲେ । ଡାକଟିକଟ କପରି ହେବା

ଉଚିତ, ସେ ବିଷୟରେ ବିଲାତ ସରକାର ଗୋଟିଏ ପ୍ରତିଯୋଗିତା କଲେ; କିପରି ଟିକଟ କଲେ ନିମ୍ନ ପ୍ରକାର ସର୍ତ୍ତ ପୂରଣ ହେବ ।

(୧) ଟିକଟ ବ୍ୟବହାର କରିବା ସହଜ ଓ ସୁବିଧା ହେବ ।

(୨) ଏହାକୁ ଯେପରି ଜାଲ କରିହେବ ନାହିଁ ।

(୩) ଡାକଘରେ ସହଜରେ ଓ ଶୀଘ୍ର ପରୀକ୍ଷା କରି ମାସୁଲ ଦିଆ ହୋଇଥିବା ଜାଣିହେବ ।

(୪) ସେ ପ୍ରକାର ଟିକଟର ଉତ୍ପାଦନ ତଥା ପ୍ରସାର ଖର୍ଚ୍ଚ କେତେହେବ ।

**ପୃଥିବୀର ପ୍ରଥମ ଟିକଟ—ପେନବ୍ଲାକ :**

୨୬୦୦ଟି ପ୍ରତିଯୋଗୀଙ୍କଠାରୁ ଉତ୍ତର ମିଳିଲା । ବିଲାତ ସରକାର ୧୦୦ ପାଉଣ୍ଡ ଲେଖାଏଁ ୪ଟି ପୁରସ୍କାର ଦେଲେ, କିନ୍ତୁ ସେମାନଙ୍କ ନମୁନା ଗ୍ରହଣ କରି ନ ଥିଲେ । ମୁଦ୍ରକ ମେସର୍ସ ପର୍କିନ୍ସ, ବେକନ ଆଣ୍ଡ କୋଃଙ୍କ ସହଯୋଗରେ ରୋଲାଣ୍ଡ ହିଲ୍ ଦେଇଥିବା ପ୍ରସ୍ତାବ ବିଲାତ ସରକାର ଗ୍ରହଣ କଲେ । ୧୮୪୦ ମେ ୬ ତାରିଖରେ ପୃଥିବୀର ପ୍ରଥମ ଟିକଟ "ପେନବ୍ଲାକ୍" (ମହାରାଣୀ ଭିକ୍ଟୋରିଆ ମୁଣ୍ଡ ଛବି ଥିବା ଏକ ପେନି ମୂଲ୍ୟର କଳାରଙ୍ଗର ଟିକଟ) ପ୍ରକାଶ ପାଇଲା । ବିଲାତ ସରକାରଙ୍କ ସଫଳତା ଅନ୍ୟ ରାଷ୍ଟ୍ରମାନଙ୍କୁ ଉତ୍ସାହ ଦେଲା । ୧୮୪୩ରେ ଟିକଟ ପ୍ରକାଶ କରି ବ୍ରାଜିଲ ଦ୍ୱିତୀୟ ରାଷ୍ଟ୍ର ହେଲା । ସେହିବର୍ଷ ଜୁରିଚ୍ ଓ ଜେନେଭା (ସୁଇଜରଲାଣ୍ଡର ଦୁଇଟି କାଣ୍ଟନ ବା ପ୍ରଦେଶ) ଟିକଟ ପ୍ରକାଶ କଲେ; ୧୮୪୫ ରେ ବାସେଲ କାଣ୍ଟନ ଟିକଟ ପ୍ରକାଶ କଲା । ଯୁକ୍ତରାଷ୍ଟ୍ର ଆମେରିକା, ଟ୍ରିନିଦାଦ୍ ଓ ମରିସସ୍ ୧୮୪୭ରେ ନିଜ ନିଜର ଟିକଟ ପ୍ରକାଶ କଲେ । ୧୮୫୦ ଠାରୁ ଡାକ ଟିକଟ ଚଳାଇବା ଦେଶସଂଖ୍ୟା ବଢ଼ିଗଲା ।

**ଭାରତରେ ଡାକ ଟିକଟର ଜନ୍ମ :**

ସିନ୍ଧୁ ପ୍ରଦେଶର (ବର୍ତ୍ତମାନ ପାକିସ୍ଥାନରେ) ତତ୍କାଳୀନ କମିଶନର ଶ୍ରୀ ବାର୍ଟଲ ଫ୍ରେର (Bartle Frere) ୧୮୫୨ ରେ ସିନ୍ଧୁ ପ୍ରଦେଶରେ ପ୍ରଚଳନ ପାଇଁ କାଗଜ ଟିକଟ ପ୍ରକାଶ କଲେ । ଏହି ଟିକଟ ଲାଗି ନ ଥିଲେ ଡାକରେ ଚିଠି ଯାଇପାରିବ ନାହିଁ ବୋଲି ତାଙ୍କର ଆଦେଶ ହେଲା । ଏହି ଟିକେଟଗୁଡ଼ିକୁ "ସିନ୍ଧଡାକ" (Scinde Dawks) କୁହାଯାଏ । ସମଗ୍ର ଏସିଆରେ ଏହା ସର୍ବପ୍ରଥମ ଡାକଟିକଟ । ଇଷ୍ଟଇଣ୍ଡିଆ କମ୍ପାନୀର ସଂକେତ "ପ୍ରଶସ୍ତ ତୀର" ନକ୍ସା ଥାଇ ବିଭିନ୍ନ ରଙ୍ଗରେ ଉନ୍ମୁଦ୍ରିତ (ଚୁପଦେଇ ଉଚ୍ଚମୁଦ୍ରିତ ଛପା) ହୋଇଥିଲା । ପ୍ରଥମେ ସିନ୍ଦୂର ରଙ୍ଗରେ ଛପା ହୋଇଥିଲା । ଫମ୍ପକା କାଗଜରେ ଉନ୍ମୁଦ୍ରିତ ହୋଇଥିବାରୁ ଏହା କ୍ଷଣସ୍ଥାୟୀ ହେଲା । ପରେ ବିନା ରଙ୍ଗରେ ବା ସାଧା ଉନ୍ମୁଦ୍ରିତ କରାଗଲା, ମାତ୍ର ସାଧା କାଗଜରେ ଛବି ଅସ୍ପଷ୍ଟ ହେଲା । ଶେଷରେ ନୀଳ ରଙ୍ଗରେ ଧଳା କାଗଜରେ 'ସିନ୍ଧ ଡାକ' ଟିକଟ ଉନ୍ମୁଦ୍ରିତ ହୋଇଥିଲା । ଏ ଟିକଟଗୁଡ଼ିକର ବର୍ତ୍ତମାନ ଦାମ୍ ଏତେ ବେଶି ଯେ ବଜାରରେ ଜାଲ 'ସିନ୍ଧ ଡାକ' ମିଳୁଛି ।

୧୮୫୪ ଖ୍ରୀଷ୍ଟାବ୍ଦ :

ସାରା ଭାରତରେ ପ୍ରଚଳନ ପାଇଁ କଲିକତା ମୁଦ୍ରାଶାଳାର କର୍ଣ୍ଣେଲ ଫର୍ବେସ "ସିଂହ ଓ ତାଳଗଛ" ଛବି ଥାଇ ଗୋଟିଏ ନକ୍ସା ଦେଇଥିଲେ । କିନ୍ତୁ ଯଥେଷ୍ଟ ପରିମାଣରେ ଯୋଗାଇପାରିବେ ନାହିଁ ବୋଲି ତାଙ୍କ ନକ୍ସା ବ୍ୟବହାର ହେଲା ନାହିଁ । ତତ୍କାଳୀନ ଉପ-ମହାଭୂମାପକ (Deputy Surveyor General) କ୍ୟାପ୍‌ଟେନ ଥୁଇଲିୟର ଶିଳାମୁଦ୍ରଣ (lithography) ପ୍ରଣାଳୀରେ ମହାରାଣୀ ଭିକ୍ଟୋରିଆଙ୍କ ମୁଣ୍ଡ ଛବି ଥିବା ଟିକଟ ଛପାଇଲେ; ୧୯୫୪ ସେପ୍‌ଟେମ୍ବରରୁ ଏହା ସାରା ଭାରତରେ ସର୍ବସାଧାରଣ ବ୍ୟବହାର ହେଲା । ପ୍ରଥମେ ଅଧଅଣା, ପରେ ଏକ, ଦୁଇ ଓ ଚାରିଅଣା ଟିକଟ ମଧ୍ୟ ପ୍ରକାଶ ପାଇଲା ।

**ବାମଣ୍ଡାର ଅବଦାନ :**

ବାମଣ୍ଡା ଓଡ଼ିଶାର ଏକ ପୂର୍ବତନ ଗଡ଼ଜାତ । ଏବେ ସମ୍ବଲପୁର ଜିଲ୍ଲାର କୁଚିଣ୍ଡା ଓ ଦେବଗଡ଼ ନାମକ ଦୁଇଟି ସବ୍‌ଡିଭିଜନ । ବାସୁଦେବ ସୁଡ଼ଳ ଦେବ ଏଠାକାର ରାଜା ଥିଲାବେଳେ ୧୮୮୮ରେ ବାମଣ୍ଡା ରାଜ୍ୟପାଇଁ ସ୍ୱତନ୍ତ୍ର ଡାକଟିକଟ ପ୍ରଚଳନ କରିଥିଲେ । ୧୮୮୮ର ପ୍ରଥମ ପର୍ଯ୍ୟାୟରୁ ସବୁ ଟିକଟରେ ମୂଲ୍ୟ ଟ° ୩, ଟ° ୬, ଟ°/, ଟ°~, ଟ° । ଓ ଟ°୧ ରୂପରେ ଲେଖା ଥିଲା ଏବଂ "ମାସୁଲ" ଓଡ଼ିଆ ଶବ୍ଦ ଉଲ୍ଲେଖ ଥିଲା । ୧୮୯୦ରେ ଆଉ ଏକ ପର୍ଯ୍ୟାୟ ଟିକଟ ସୁଡ଼ଳଦେବ ପ୍ରକାଶ କରିଥିଲେ—ତହିଁରେ ମୂଲ୍ୟସବୁ ଓଡ଼ିଆ ଅକ୍ଷରରେ ଲେଖା ଥିଲା, ମାତ୍ର ଇଂରାଜୀରେ ପୋଷ୍ଟେଜ ଲେଖା ଥିଲା । ବ୍ରିଟିଶ୍ ସରକାରଙ୍କ ଆଦେଶ ବଳରେ ୧୮୯୫ ଜାନୁଆରୀ ୧ ରୁ ଏହି ଟିକଟ ଅଚଳ ହୋଇଗଲା ।

॥ ୪ ॥

କି କି ଟିକଟ ବାହାରିଛି ଜାଣିବା ପୂର୍ବରୁ ଟିକଟ କିପରି ଛପାଯାଏ, ତାହା ଜାଣିବା ଦରକାର ।

**ଡାକ ଟିକଟର ଛାପ :**

ପ୍ରତି ଟିକଟର ଛବିରେ ଦୁଇଟି ଅଂଶ ଥାଏ, ଗୋଟିଏ କେନ୍ଦ୍ରର ନକ୍ସା ଓ ଅନ୍ୟଟି ଚାରିକଡ଼ର ଅଳଙ୍କାର ତଥା ଲେଖା । କେନ୍ଦ୍ର ନକ୍ସା (ଇଂରାଜୀରେ vignette) ସାଧାରଣତଃ ଜଣାଶୁଣା କଳାକାର-ମାନଙ୍କ ଦ୍ୱାରା କରାହୋଇଥିବା ଚିତ୍ରରୁ ନିଆଯାଇଥାଏ । ଟିକଟ ପାଇଁ କୌଣସି ଚିତ୍ର ବା ଫଟୋ ଅନୁମୋଦିତ ହେଲେ ତାର ଗୋଟିଏ ଛାଞ୍ଚ ତିଆରି କରାଯାଏ । ଦୁଇ ବା ତତୋଽଧିକ ଖୋଦକ (engraver) ଛାଞ୍ଚ ତିଆରି କରିବାରେ ଲାଗନ୍ତି, ଜଣେ କେନ୍ଦ୍ର ନକ୍ସା ବା ଛବିଟି କରେ, ଅନ୍ୟଜଣେ ଚାରିପଟର ଅଳଙ୍କାର ବା ଲେଖାଟି କରେ । ଛାଞ୍ଚର ଖୋଦେଇ କିପରି ହେବ ତାହା ଛାପିବାର ପ୍ରଣାଳୀ ଉପରେ ନିର୍ଭର କରେ । ଛବିକୁ ଦେଖି ଛାଞ୍ଚ କରାଯାଉଥିବାରୁ ଟିକଟରେ ଭୁଲ ରହିଲେ ସେଥିପାଇଁ ଖୋଦକ ଦାୟୀ ନୁହେଁ ।

ଏକା ରକମର ଟିକଟ କିନ୍ତୁ ମୂଲ୍ୟ ଭିନ୍ନ ହେଲେ, କେତୋଟି ଗୌଣ ଛାଞ୍ଚ ତିଆରି ହୁଏ । ମୌଳିକ ଛାଞ୍ଚ ତିଆରିପରେ ମୂଲ୍ୟାଙ୍କନ କରାଯାଏ । ଯଦି କେବେ ଛପା ହୋଇଥିବା ଟିକଟରେ ସାମାନ୍ୟ ଭୁଲ ବାହାରେ ବା ଭଲ ଦିଶେନାହିଁ, ମୂଳ ଛାଞ୍ଚରେ ସାମାନ୍ୟ ପରିବର୍ତ୍ତନ କରିବାକୁ ପଡ଼ିପାରେ ବା କେତେକ ଜାଗାରେ ପୁନର୍ବାର ଖୋଦାଇ ଦରକାର ହୁଏ । ଏହାକୁ ପୁନଃଖୋଦାଇ ବା ପୁନଃସ୍ପର୍ଶ (re-touch) କହନ୍ତି । ବେଳେ ବେଳେ ମୁଦ୍ରଣକାରୀମାନେ ସରକାରଙ୍କଠାରୁ ଠିକା ନେବା ଉଦ୍ଦେଶ୍ୟରେ ନିର୍ଦ୍ଦିଷ୍ଟ ଛାଞ୍ଚଟିଏ କରି ତହିଁରୁ ଟିକଟ ଛାପି ସରକାରୀ ଅନୁମୋଦନ ପାଇଁ ପଠାନ୍ତି । ଏଗୁଡ଼ିକ ଯଦି ଅନୁମୋଦନ ନ ପାଏ, ଅଥଚ ଅନ୍ୟ ମୁଦ୍ରଣାଳୟରୁ ବା ଅନ୍ୟ ରଙ୍ଗରେ ଏକା ନକ୍ସାର ଟିକଟ ପ୍ରଚଳନ ହୁଏ, ସେ ପ୍ରକାର ଛାଞ୍ଚ ବା ଟିକଟକୁ ଉଦ୍ୟମ (Essay) କହନ୍ତି ।

### ପ୍ରାମାଣିକ ଟିକଟ (Proof) :

ଛାଞ୍ଚ ତିଆରି ହୋଇଗଲେ ଅନୁମୋଦନ ପାଇଁ କେତୋଟି ଛାପ ଉଠାଯାଏ, ଏହାକୁ ପ୍ରାମାଣିକ ଟିକଟ ବା **proof** କହନ୍ତି । ଏହା କେତେଗୁଡ଼ିଏ ରଙ୍ଗରେ ଗୋଟି ଗୋଟି କରି ଉଠା ଯାଇଥାଏ, କେଉଁ ରଙ୍ଗଟି ଭଲ ହେଉଛି ବାଛିବା ପାଇଁ । ଏଗୁଡ଼ିକୁ ରଙ୍ଗ ପ୍ରମାଣ (Colour Trial) କହନ୍ତି । ଯେଉଁ ରଙ୍ଗଟି ବଛାହୁଏ ସେ ରଙ୍ଗର ଟିକଟକୁ ରଙ୍ଗ ପ୍ରମାଣ ନ କହି, ନମୁନା ଟିକଟ (Specimen) କହନ୍ତି । ସାଧାରଣତଃ ଉକ୍ତ ଟିକଟଗୁଡ଼ିକରେ SPECIMEN ଶବ୍ଦଟି ଛପା ଯାଇଥାଏ ।

ଛାଞ୍ଚଗୁଡ଼ିକୁ ମିଶାଇ ଗୋଟିଏ ପ୍ଲେଟ (Plate) ବା ଛପାଥାଳ କରାଯାଏ, ଏହି ଛପାଥାଳଟି ପୂରା ଟିକଟ ଫର୍ଦ୍ଦ ଆକାରର । ଛପାଥାଳ ତିଆରି ହେବା ପୂର୍ବରୁ ଗୋଟିଏ ଛାଞ୍ଚରୁ ଯେଉଁ ପ୍ରମାଣ-ଟିକଟ ସରକାରୀ ସ୍ୱୀକୃତି ପାଇବାପାଇଁ ଉଠାଯାଇଥାଏ ତାକୁ ପ୍ରକାଶ-ପୂର୍ବ ପ୍ରମାଣ (Pree-issue proof) କହନ୍ତି । ଏପରି ଟିକଟ ଛଅ ସାତଟି ଉଠାଯାଉଥିବାରୁ ଏଗୁଡ଼ିକ ଖୁବ୍ ବିରଳ । ସରକାରୀ ନଥି ଓ କେତେକ ସରକାରୀ ଅଧିକାରୀଙ୍କ ବ୍ୟବହାର ପାଇଁ ଏହା ରହେ । ବହୁତ ଦିନ ଛପା କାମ ହେଲାପରେ ଛାଞ୍ଚର ଅବସ୍ଥା କପରି ଅଛି ଜାଣିବା ପାଇଁ ବେଳେ ବେଳେ ପୁରୁଣା ଛାଞ୍ଚରୁ କେତୋଟି ଛପା ଟିକଟ ନିଆହୁଏ । ଏହା ଦେଖି ଠିକ୍ କରାଯାଏ, ଛାଞ୍ଚଟିରେ ପୁନର୍ବାର ଖୋଦାଇ ବା ପୁନଃସ୍ପର୍ଶ ବା ଅନ୍ୟକିଛି କାମ କରିବାକୁ ପଡ଼ିବ କି ନାହିଁ । ଏପ୍ରକାର ଟିକଟକୁ ପ୍ରକାଶ ପର ପ୍ରମାଣ (Post Issue Proof) କହନ୍ତି । ପୁଣି ବେଳେ ବେଳେ ଦେଶବିଦେଶର ବିଶିଷ୍ଟ ଅତିଥିମାନଙ୍କୁ ଚର୍ଚ୍ଚା କରିବାପାଇଁ ପୂରା-ସେଟ୍‌ର ଟିକଟ ଉପହାର ଦେବାକୁ ପଡ଼େ । ଏଥିପାଇଁ ଛାଞ୍ଚରୁ ଟିକଟ ଉଠାଇବାକୁ ପଡ଼ିଥାଏ । ଏ ପ୍ରକାର ଟିକଟକୁ ପୁନଃମୁଦ୍ରଣ (Re-print) କହନ୍ତି । ବାମଣ୍ଡାର ଏବେ ମିଳୁଥିବା ଅଧିକାଂଶ ଟିକଟ ଏହି ପ୍ରକାର "ରିପ୍ରିଣ୍ଟ" ।

ଛାଞ୍ଚଗୁଡ଼ିକ ବ୍ୟବହାର ହୋଇଗଲାପରେ ବେଳେ ବେଳେ ବେସରକାରୀ ବ୍ୟକ୍ତିମାନଙ୍କ ହାତରେ ପଡ଼େ ଓ ସେମାନେ ଛବି ଉଠାଇଥାନ୍ତି । ଏ ପ୍ରକାର ଟିକଟର ରଙ୍ଗ ଓ କାଗଜ ଭିନ୍ନ ପ୍ରକାରର—ସରକାରୀ ଅନୁମୋଦିତ ଜିନିଷ ଠାରୁ ଭିନ୍ନ । ଏଗୁଡ଼ିକ ବେସରକାରୀ ପ୍ରମାଣ ଟିକଟ (Private Proofs) କହନ୍ତି ।

### ମୁଦ୍ରଣର ପ୍ରକାର ଭେଦ :

ଟିକଟ ଛପିବା ଚାରୋଟି ଭାଗରେ ବିଭକ୍ତ ।

### ମୁଦ୍ରାକ୍ଷର ଛାପା (Typography) :

ଛପାହେବା ନକ୍ସାଟି ମୁଦ୍ରଣାଳୟର ମୁଦ୍ରଣଥାଳରେ ଉଚ୍ଚ ହୋଇ ଛିଡ଼ା ହୋଇଥାଏ, ଛପା ନ ହେବା ଅଂଶଗୁଡ଼ିକ ନିମ୍ନତର ହୋଇଥାଏ । ଯେପରି ଆମର ରବରଷ୍ଟାମ୍ପରେ ଆମେ ଠିକଣା ଲେଖୁ, ସେହିପରି ଏହି ମୁଦ୍ରଣଥାଳରେ କାଳି ଲଗାଇଲେ ଉଚ୍ଚ ହୋଇଥିବା ଅଂଶ ବା ନକ୍ସାରେ କାଳି ଲାଗିରହେ, ଛାପା-ବେଳେ କାଗଜରେ ତାହାହିଁ ଉଠେ । ଭାରତର ସବୁ ଷଷ୍ଠଜର୍ଜଙ୍କ ଛବି ଥିବା ଟିକଟ (୧୯୪୭ 'ବିଜୟ' ବ୍ୟତୀତ) ଏହି ପ୍ରଣାଳୀରେ ମୁଦ୍ରିତ ।

**ଶିଳାଲେଖ ଛାପ (Lithography) :**

ଖଣ୍ଡିଏ କାଗଜରେ ମୋଟା କାଳିରେ ତୁମ ନାମ ଲେଖି ଧଳା ରବରରେ ଚୁପି କାଳି ଉଠାଇନେଇଥିବ ଓ ସଙ୍ଗେ ସଙ୍ଗେ ଆଉ ଖଣ୍ଡିଏ କାଗଜ ଉପରେ ରବରଟିକୁ ଚୁପି ଧରିଥିବ, କିଛିକ୍ଷଣ ପରେ କାଗଜରେ ତୁମ ନାମ ଉଠିଥିବା ଦେଖିଥିବ । ପେନ୍‌ସିଲ ଲିଭା ରବରରେ ତୁମ ନାମ ଓଲଟା ଉଠିଥିବ । ଏହି ଓଲଟା ଅକ୍ଷରର କାଳିରୁ ପୁଣି ସିଧା ଅକ୍ଷର ଉଠିଛି । ଛାପାଖାନାରେ ଦସ୍ତା ବା ଆଲୁମିନିଅମ ଧାତୁରେ ମୁଦ୍ରଣ ଥାଳି (Plate) କରାଯାଏ; ସାଧାରଣତଃ ଫଟୋଗ୍ରାଫିକ ପ୍ରଣାଳୀରେ ଏହି ଥାଳିରୁ ସିଧାସଳଖ ଛପାଯାଏ ନାହିଁ । ମୁଦ୍ରଣଯନ୍ତ୍ରର ଗୋଟିଏ ରବର ନଳରେ ଏହି ଥାଳିରୁ କାଳି ନେଇନିଆହୁଏ ଓ କାଗଜକୁ ଉଠାଇ ଦିଆହୁଏ । ଏ ପ୍ରକାର ମୁଦ୍ରଣ ପ୍ରଣାଳୀକୁ ପରୋକ୍ଷ ବା ପାସଙ୍ଗ-ଶିଳାଲେଖ (Offset Lithography) କୁହାଯାଏ । ଏଥିରେ ମୁଦ୍ରଣଥାଳିର ନକ୍‌ସାରୁ କାଗଜକୁ ଛବି ଉଠାଇବାକୁ ଏକ ତୃତୀୟ ବସ୍ତୁ (ରବର ନଳ) ଦରକାର ହୁଏ । ଯଦି ମୁଦ୍ରଣ ଥାଳିରେ ଓଲଟା ନକ୍‌ସା ତିଆରି କରି କାଗଜରେ ସିଧାସଳଖ ଛବି ଉଠାଯାଏ ତାକୁ ପ୍ରତ୍ୟକ୍ଷ ଶିଳାଲେଖ (Direct Lithography) କହନ୍ତି ।

ଭାରତର ପ୍ରତ୍ନତତ୍ତ୍ୱ ଟିକଟମାଳା (୧୯୪୯ ଅଗଷ୍ଟ ୧୫ରେ ପ୍ରକାଶିତ) ଭିତରୁ ୩ ପାଇରୁ ୧୨ ଅଣା ପର୍ଯ୍ୟନ୍ତ ସବୁ ଟିକଟ ମୁଦ୍ରାକ୍ଷର ଛାପ ପ୍ରଣାଳୀରେ ଏବଂ ଏକ ଟଙ୍କାରୁ ୧୫ ଟଙ୍କା ପର୍ଯ୍ୟନ୍ତ ଟିକଟସବୁ ପାସଙ୍ଗ-ଶିଳାଲେଖ ବା ପରୋକ୍ଷ ଶିଳାଲେଖ ପ୍ରଣାଳୀରେ ଛପା ହୋଇଛି । ୧୯୪୭ରୁ ୧୯୫୧ ପର୍ଯ୍ୟନ୍ତ (୧୯୪୮ର ୪ଟି ଗାନ୍ଧୀ ଟିକଟ ବ୍ୟତୀତ) ସବୁ ଭାରତୀୟ ଟିକଟ ପରୋକ୍ଷ-ଶିଳାଲେଖରେ ଛପା ହୋଇଛି ।

**ଖୋଦେଇ ଛାପା :**

ଗୋଟିଏ ଆଳୁକୁ ଦୁଇ ଫାଳ କରି, ଫାଳକରେ ତୁମର ନାମ ଖୋଳିଦିଅ । ଗାତ ହୋଇଥିବା ଅଂଶକୁ ମୋଟା କାଳିରେ ଭର୍ତ୍ତିକର । ସମତଳ ଅଂଶରୁ କାଳି ପୋଛିଦିଅ । ଏବେ ଖଣ୍ଡିଏ ବ୍ଲଟିଙ୍ଗ କାଗଜ ବା କପଡ଼ା ଉପରେ ଆଳୁଫାଳଟିକୁ ଚୁପି ଦିଅ; ଦେଖିବ ତୁମର ନାମ ଓଲଟା ହୋଇ ଉଚ ଉଚ ଅକ୍ଷରରେ ଦେଖାଯିବ । ଆଳୁରେ ଓଲଟା ଅକ୍ଷର ଲେଖିଥିଲେ, ଉଚ ଉଚ ଅକ୍ଷରଗୁଡ଼ିକ ସିଧା ହୋଇଥାନ୍ତା । ଏହି ଖୋଦାଇ ପ୍ରଣାଳୀ ବା ଏନ୍‌ଗ୍ରେଭିଙ୍ଗ୍ (Engraving) ରେ ମୁଦ୍ରଣ କ୍ରିୟାକୁ ଇନ୍‌ଟାଗ୍‌ଲିଓ (Intaglio) ମଧ୍ୟ କହନ୍ତି । ଦଶ ଟଙ୍କିଆ ବା ଶହେ ଟଙ୍କିଆ ନୋଟ ଖଣ୍ଡେ ଖଣ୍ଡେ ଦେଖ; ଛବି ହାତକୁ ଉଚ ନୀଚ ଲାଗୁଛି । ଏହି ନୋଟସବୁ ଇଣ୍ଟାଗ୍ଲିଓ ପ୍ରଣାଳରେ ଛପା ହୋଇଛି ।

**ଆଲୋକ ଖୋଦାଇ ପ୍ରଣାଳୀ (Photogravure) :**

ହାତରେ ଖୋଦାଇ ନ କରି; ନକ୍‌ସାର ଫଟୋ ଉଠାଇ ନେଇ ଏକ ପ୍ରକାର ସୂକ୍ଷ୍ମ ପରଦା ଜରିଆରେ ଟିକିଟିକି ବିନ୍ଦୁରେ ଫଟୋଟିକୁ ଭାଗଭାଗ କରି ନିଆଯାଏ । ଯାନ୍ତ୍ରିକ ଉପାୟରେ ତମ୍ବାପାତ୍ରରେ ଏହି କ୍ଷୁଦ୍ରବିନ୍ଦୁଗୁଡ଼ିକୁ ଖୋଦାଇ କରାଯାଏ; ଏଥିପାଇଁ ରାସାୟନିକ ପଦାର୍ଥ ବ୍ୟବହୃତ ହୁଏ । ବିନ୍ଦୁଗୁଡ଼ିକ ସ୍ଥାନରେ ହୋଇଥିବା ଗାତଗୁଡ଼ିକ କାଳି ଧରି ରଖେ ଓ କାଗଜରେ ତଦ୍ରୂପ ଛାପ ପକାଏ ।

୧୯୫୭ ର ଋଷି ଓ କବି ଟିକଟମାଳାଠାରୁ ଆରମ୍ଭ କରି ଭାରତର ସବୁ ଟିକଟ ନାସିକସ୍ଥ ସୁରକ୍ଷା ମୁଦ୍ରଣାଳୟରେ ଆଲୋକ ଖୋଦାଇ ପ୍ରଣାଳୀରେ ଛପାହୋଇ ଆସୁଛି । ୧୯୪୮ ଅଗଷ୍ଟ ୧୫ରେ ପ୍ରକାଶିତ ୪ଟି ଗାନ୍ଧୀଟିକଟ ସୁଇଜରଲାଣ୍ଡରେ ଏହି ଉପାୟରେ ଛପା ହୋଇଥିଲା ।

ଏହି ଗ୍ରେଭୋର ମୁଦ୍ରଣ ପ୍ରଣାଳୀ ବ୍ୟତୀତ ଅନ୍ୟ ଦୁଇପ୍ରକାର ବ୍ୟବସ୍ଥା ସମୟେ ସମୟେ ଟିକଟ ଛପାଇବାରେ ଲାଗିଥାଏ ।

**ରେଖା ଖୋଦାଇ ଛାପ (Recess Printing) :**

ମୁଦ୍ରଣ ଥାଳରେ ଛବି ବା ନକ୍‌ସାଟିକୁ ଓଲଟାକରି କେତେଗୁଡ଼ିଏ ରେଖାଦ୍ୱାରା ହାତରେ ଖୋଦାଇ କରି ଉଠାଯାଏ, କାଗଜରେ ଛବି ଉଠାଇଲେ ସିଧା ଛବି ଉଠେ; ଏହି ସବୁ ଲେଖାଗୁଡ଼ିକ ଟିକେ ଟିକେ ଉଚ୍ଚ ହୋଇ ଛପି ହୋଇଯାଏ । ଟିକଟ ଉପରେ ହାତ ଚଳାଇଲେ ରେଖାଗୁଡ଼ିକ ଉଚ୍ଚ ଉଚ୍ଚ ଲାଗେ ।

**ଉନ୍ମୁଦ୍ରଣ (Embossing :**

ଆଉ ଗୋଟିଏ ଛାପିବା ଉପାୟ ହେଉଛି ଉନ୍ମୁଦ୍ରଣ । ଏହାଦ୍ୱାରା ନକ୍‌ସାଟିକୁ ଓଲଟା ଭାବେ ଛାଞ୍ଚରେ ଖୋଳାଯାଏ, ଯେପରି ଆମର ଜଉମୁଦ କରିବା ମୋହର । ଛାଞ୍ଚଟିରେ କାଳି ଦିଆହେଉ ବା ନ ହେଉ, କାଗଜ ଉପରେ ଛପି ଦିଆହୁଏ । ଭଲ ଛବି ଉଠିବା ପାଇଁ କାଗଜତଳେ ଆଉ ଗୋଟିଏ ଛାଞ୍ଚ ଥାଏ, ଏହାର ଖାଲ ଅଂଶସବୁ ଉପର ଛାଞ୍ଚର ଉଚ୍ଚ ଅଂଶ ସହିତ ଖାପ ଖାଉଥାଏ । ରଙ୍ଗ ନ ଥାଇ ଉନ୍ମୁଦ୍ରଣ ହେଲେ ତାହାକୁ ସାଧା ବା ଆଲ୍‌ବିନୋ (albino) କୁହାଯାଏ ।

ଟିକଟ ଉପରେ ପୁନର୍ମୁଦ୍ରଣ (ଯଥା, ଦେଶର ନୂଆ ନାମ ବା ଘଟଣା ନାମ) ପାଇଁ ମୁଦ୍ରାକ୍ଷର ପ୍ରଣାଳୀ ଏବେ ବି ବ୍ୟବହାର ହୁଏ । ବେଶି ରଙ୍ଗର ଛବି ପାଇଁ ପରୋକ୍ଷ ଶିଳାଲେଖ ପ୍ରଣାଳୀ ବ୍ୟବହୃତ ହୁଏ । ଯଦି ଭଲ ଛବି ଦରକାର, କିନ୍ତୁ ସୂକ୍ଷ୍ମରେଖାଗୁଡ଼ିକୁ ସ୍ପଷ୍ଟ କରିବା ଦରକାର ନାହିଁ; ତେବେ ଆଲୋକ ଖୋଦାଇ ପ୍ରଣାଳୀ ଖୁବ୍ ଭଲ । ଆଜିକାଲି ବ୍ୟବସାୟିକ ମୁଦ୍ରଣଗୁଡ଼ିକ ସବୁ ପ୍ରଣାଳୀର ସମ୍ମିଶ୍ରଣରେ ଛାପାକାର୍ଯ୍ୟ କରି ଉତ୍ତମ ଧରଣର ଟିକଟ ଛପାଉଛନ୍ତି ।

## ॥ ୭ ॥

ଆମ ଦେଶରେ କେବେ ଡାକଟିକଟ ଛାପା ହୋଇଛି ସେ ବିଷୟରେ କିଛି ଜାଣିବା ଦରକାର । ଆଗରୁ ଉଲ୍ଲିଖିତ ସିନ୍ଧୁ ଜିଲ୍ଲା ଡାକ ଓ କ୍ୟାପଟେନ ଥୁଇଲିଅର (Thuillier)ଙ୍କ ଶିଳାଲେଖ ଛପା ଟିକଟ କଥା କହିଛି । ୧୮୫୪ ଅପ୍ରେଲରୁ ଅକ୍ଟୋବର ମଧ୍ୟରେ ରାଣୀ ଭିକ୍ଟୋରିଆଙ୍କ ମୁଣ୍ଡଛବି ଥାଇ ଅଧଅଣା, ଏକଅଣା, ଦୁଇଅଣା ଓ ଚାରିଅଣା ମୂଲ୍ୟର ଟିକଟ ଛାପା ହୋଇଥିଲା । ଅଧଅଣା ଟିକଟ ନୀଳ ରଙ୍ଗରେ ଛପା ହେବା ପୂର୍ବରୁ ୯୦୦ ଫର୍ଦ୍ଦ ସିନ୍ଦୂର ରଙ୍ଗରେ ଛପା ହୋଇଥିଲା—ଏହି ଟିକଟର ଆଲଙ୍କାରିକ ଧାଡ଼ିରେ ସାଢ଼େ ନଅଟି ଖିଲାଣ (9½ Arches) ଥିଲା । ବହୁତ ଟିକଟ ଛପା ହେବାପାଇଁ ଯଥେଷ୍ଟ କାଳି ନ ଥିବାରୁ; ଏହି ରଙ୍ଗର ଟିକଟ ଡାକଘରେ ବ୍ୟବହାର ହେଲା ନାହିଁ ଏବଂ ଟିକଟଗୁଡ଼ିକୁ ନଷ୍ଟ କରିଦିଆଗଲା । ରାଷ୍ଟ୍ରୀୟ ଡାକଟିକଟ ଯାଦୁଘରେ ଏହାର ଏକ ନମୁନା ଅଛି ।

୧୮୫୬ରୁ ୧୯୨୬ ପର୍ଯ୍ୟନ୍ତ ଭାରତର ଟିକଟ ସବୁ ଲଣ୍ଡନର 'ଟମାସ୍ ଡି'ଲା ରୁ ଆଣ୍ଡ କୋମ୍ପାନୀ' ଦ୍ୱାରା ଛପା ହୋଇଥିଲା । ବିଲାତ ରାଜା ବା ରାଣୀଙ୍କ ରାଜୁତି ବଦଳିଲେ ଟିକଟରେ ନକ୍ସା ବଦଳୁଥିଲା; ତେଣୁ ରାଣୀ ଭିକ୍ଟୋରିଆ ପରେ ସପ୍ତମ ଏଡ଼ୱାର୍ଡ଼ ଓ ତାଙ୍କ ପରେ ପଞ୍ଚମ ଜର୍ଜଙ୍କ ମୁଣ୍ଡର ଛବି ରହିଲା । କେତେଗୁଡ଼ିଏ ବେଢ଼ଙ୍ଗିଆ ମୂଲ୍ୟର ଟିକଟ ଏହି ସମୟରେ ପ୍ରକାଶ ହୋଇଛି । ୧୮୬୦ରେ ୮ ପାଇ ଟିକଟ ପ୍ରଚଳନ ହୋଇଥିଲା । ବିଲାତକୁ ମାର୍ସେଲେ ବାଟେ ଡାକ ପଠାଇବାକୁ ଆଉନ୍ସ ପ୍ରତି ୬ ଅଣା ୮ ପାଇ ଲାଗୁଥିବାରୁ ଏହି ମୂଲ୍ୟର ଟିକଟ ୧୮୬୬ରେ ପ୍ରଚଳନ ହେଲା କିନ୍ତୁ ୧୮୭୪ରେ ଉଠାଇ ଦିଆଗଲା । ୧୮୭୪ରୁ ୧୮୭୬ ମଧ୍ୟରେ ୮ ପାଇ, ୯ ପାଇ; ୬ଅଣା ଆଠ ପାଇ, ଆଠଅଣା, ୧୨ ଅଣା ଓ ଏକଟଙ୍କା ମୂଲ୍ୟର ଟିକଟ ମଧ୍ୟ ଯୋଡ଼ାଗଲା । ୧୮୮୨ ପର୍ଯ୍ୟନ୍ତ ଟିକଟଗୁଡ଼ିକରେ (East India Postage) ଲେଖା ରହିଥିଲା । ଶାସନଭାର ଇଷ୍ଟଇଣ୍ଡିଆ କମ୍ପାନୀ ହାତରୁ ବିଲାତ ସରକାରଙ୍କୁ ଚାଲିଯିବାରୁ ଟିକଟର ଛାଞ୍ଚରେ ପରିବର୍ତ୍ତନ କରାଯାଇ INDIA POSTAGE କରାଗଲା । ଛପା ହେବାଲାଗି ହାତୀମୁଣ୍ଡ ପରିବର୍ତ୍ତେ ୫କୋଣିଆ ତାରକା ଜଳଛବି ଥିବା ଧଳା କାଗଜ ବ୍ୟବହୃତ ହେଲା । ବିଲାତକୁ ଚିଠି ମାସୁଲ ବଦଳିବାରୁ ୪୳ ଅଣାର ନୂଆ ଟିକଟ ମଧ୍ୟ ପ୍ରକାଶ ପାଇଲା ।

୧୮୯୧ରେ ବିଲାତକୁ ଡାକମାସୁଲ କମିଯିବାରୁ ୨୳ ଅଣିଆ ଟିକଟ ପ୍ରକାଶ ପାଇଲା; କିନ୍ତୁ ଏହା ପ୍ରକାଶ ପାଇବା ପର୍ଯ୍ୟନ୍ତ ପ୍ରଚଳିତ ୪୳ଅଣିଆ ଟିକଟ ଉପରେ "୨୳ଅଣା" ବୋଲି ନୂଆ ମୂଲ୍ୟ ଛପାଇ ବ୍ୟବହାର

କରାଗଲା । ଏହା ଭାରତର ପ୍ରଥମ ଅଧିଭାରିତ ବା ସର୍‌ଚାର୍ଜଡ୍ (Surcharged) ଟିକଟ । ଖୋଲା ଡାକ ବା ବୁକ୍ ପୋଷ୍ଟ (Book Post) ୧୮୯୮ରେ ପ୍ରଚଳନ ହେଲା, ଏଥିପାଇଁ ପଇସାଏ ମାସୁଲ ଧାର୍ଯ୍ୟ ହେଲା; ମାତ୍ର ୩ ପାହୁଲାର ଟିକଟ ନ ଥିବାରୁ ୧୮୯୯ରେ ପ୍ରଚଳିତ ଅଧଅଣା ଟିକଟ ଉପରେ ୧/୪ ବୋଲି ଅଧିଭାରିତ କରାଗଲା । ପରେ ୩ ପାହୁଲାର ଲାଲ ଟିକଟ ଛପା ହେଲା ।

ବିଶ୍ୱଡାକ ସଂସ୍ଥା (Universal Postal Union) ଆନ୍ତର୍ଜାତୀୟ ଡାକମାସୁଲ ପାଇଁ ବିଭିନ୍ନ ରଙ୍ଗ ନିର୍ଦ୍ଦିଷ୍ଟ କରିବାରୁ ୧୯୦୦ ରେ ସରକାର ପ୍ରଚଳିତ ଟିକଟର ରଙ୍ଗ ବଦଳାଇବାକୁ ବାଧ୍ୟ ହେଲେ । ୩ ପାହୁଲାର ଲାଲ ରଙ୍ଗ ଟିକଟଟି ପାଉଁଶିଆ ରଙ୍ଗ ହେଲା, ନୀଳ ସବୁଜ ଅଧଅଣା ଟିକଟ ହଳଦିଆ ସବୁଜ, ଖଇରିଆ (brown) ଅଣିକିଆ ଟିକଟ ଲାଲ, ଲୁଗାଧୂଆ ନୀଳରଙ୍ଗର ଦୁଇଅଣା ଟିକଟ ପାଣିଚିଆ ଲାଲ (mauve) ଏବଂ ସବୁଜ ୨½ ଅଣା । ଟିକଟ ଲୁଗାଧୂଆ ନୀଳ ରଙ୍ଗର ହେଲା । ରାଣୀ ଭିକ୍ଟୋରିଆ ଟିକଟମାଳାର ଶେଷ ପର୍ଯ୍ୟାୟ ଓ ସପ୍ତମ ଏଡ୍‌ୱାର୍ଡଙ୍କ ଟିକଟ ଏହି ପରିବର୍ତ୍ତିତ ରଙ୍ଗରେ ଛପାଗଲା ।

୧୯୦୬ ରେ ଅଣିକିଆ ଓ ଅଧଅଣା ଟିକଟଗୁଡ଼ିକୁ ମଧ୍ୟ ରସିଦ ଟିକଟ ଭଳି ବ୍ୟବହାର ହେବା ନିଷ୍ପତ୍ତି ନିଆ ହେବାରୁ ନକ୍‌ସାରେ India Postage and Revenue ଲେଖା ରଖାଗଲା । ୧୯୩୨ରେ ରସିଦ ଟିକଟ ସ୍ୱତନ୍ତ୍ରଭାବେ ଚାଲିବା ପର୍ଯ୍ୟନ୍ତ ଏହା ଚାଲୁ ରହିଲା ।

ଆଗରୁ ତାରବାର୍ତ୍ତା ପାଇଁ ସ୍ୱତନ୍ତ୍ର ଟିକଟ (ରାଜା ବା ରାଣୀଙ୍କ ଦୁଇମୁଣ୍ଡ ଛବି) ଚାଲୁଥିଲା, ୧୯୦୪ରେ ଡାକ ଟିକଟ ହିଁ ତାର ମାସୁଲ କାମ ଚଳାଇବ ବୋଲି ଠିକ୍ ହେବାରୁ ପ୍ରଥମଥରପାଇଁ ଉଚ୍ଚ ମୂଲ୍ୟର (ଟ୧୦, ଟ୧୫, ଟ୨୫) ଟିକଟ ପ୍ରଚଳନ ହେଲା । ଏସବୁ ଦୁଇରଙ୍ଗରେ ଛପା ହେଲା । ୧୮୯୩ରେ ଟଙ୍କାକିଆ ଓ ୧୮୯୬ରେ ଟ୨, ଟ୩, ଓ ଟ୫ ଟିକଟ ଦୁଇ ରଙ୍ଗରେ ମୁଦ୍ରିତ ହେଲା । ପଞ୍ଚମ ଜର୍ଜଙ୍କ ୧୯୧୧ର ଟିକଟ ସବୁର ନକ୍‌ସା ବଦଳିଲା । କେନ୍ଦ୍ର ନକ୍‌ସା (ରାଜାଙ୍କ ମୁଣ୍ଡ)କୁ ଧରି ରଖିଲା ଭଳି ଦୁଇଟି ହାତ ରହିଲେ ।

୧୯୨୫ Indian Security Printing Press "ଭାରତ ସୁରକ୍ଷା ମୁଦ୍ରଣାଳୟ" ସ୍ଥାପନ ହେଲା । ଏଠାରେ ୧୯୨୬ରୁ ଟିକଟ ଛପାଗଲା । ଏଥିପାଇଁ ବହୁ ତାରକା ଜଳଚିହ୍ନ ଥିବା ପାଟଖେ ଅଠା ଦିଆ-ହୋଇଥିବା ସ୍ୱତନ୍ତ୍ର କାଗଜ ବିଦେଶରୁ ଆମଦାନୀ ହେଲା ଓ ତହିଁରେ ପଞ୍ଚମଜର୍ଜଙ୍କ ଛବିର ଟିକଟ ମାଳା ନାସିକଠାରେ ମୁଦ୍ରିତ ହେଲା ।

ସାରା ବ୍ରିଟିଶ୍ ସାମ୍ରାଜ୍ୟରେ ବ୍ୟୋମ ଡାକ ଟିକଟ ୧୯୨୯ରେ ପ୍ରଥମେ ଭାରତ ପ୍ରକାଶ କରିଥିଲା । ସରକାରୀ ଉଦ୍ୟମରେ ପୃଥିବୀର ପ୍ରଥମ ବ୍ୟୋମଡାକ-ଚଳାଚଳ ଭାରତରେ ହିଁ ହୋଇଥିଲା; ୧୯୧୧ ଫେବୃୟାରୀରେ ଶ୍ରୀ ପିକ୍ୱେଟ ଆଲାହାବାଦ ଓ ନୈନି ଜଙ୍କସନ୍ ମଧ୍ୟରେ ୬୫୦୦ ଚିଠି ନେଇ ଉଡ଼ି ଯାଇଥିଲେ ।

୧୯୩୧ ରେ ନୂଆଦିଲ୍ଲୀ ଭାରତର ରାଜଧାନୀ ହେଲା; ଏହି ଉପଲକ୍ଷେ ନୂଆଦିଲ୍ଲୀର ଦୃଶ୍ୟାବଳୀ ଥାଇ ୬ଟି ସ୍ମାରକୀ ଟିକଟ ପ୍ରକାଶ ହେଲା । ଦୁଇଟି ଦିଗରୁ ଭାରତର ଟିକଟ ଇତିହାସରେ ଏହା

ପ୍ରଥମ ଘଟଣା । ସ୍ମାରକୀ ଟିକଟ, ପୁଣି ସଚଳ ଟିକଟ । ସ୍ମାରକୀ ଟିକଟ ପ୍ରକାଶନର ଦ୍ୱିତୀୟ ଅବସର ହେଲା ପଞ୍ଚମଜର୍ଜଙ୍କ ରଜତଜୁବୁଲି ( ୧୯୩୫ ) : ୭ଟି ଟିକେଟରେ ଦେଶର ପ୍ରସିଦ୍ଧ ସ୍ଥାପତ୍ୟ ଦିଆଗଲା ।

ଷଷ୍ଠଜର୍ଜଙ୍କ ଟିକଟ ୧୯୩୭ରେ ପ୍ରବର୍ତ୍ତିତ କରାଗଲା, ଟିକଟର ନକ୍ସା ବଦଳିଲା, ସ୍ମାରକୀ ନ ହୋଇ ମଧ୍ୟ ସଚଳ ହେଲା; ଡାକବହନର ବିଭିନ୍ନ ଉପାୟର ଚିତ୍ର ରହିଲା । ଦ୍ୱିତୀୟ ମହାଯୁଦ୍ଧ ଯୋଗୁଁ କାଗଜ ଅଭାବ ପଡ଼ିଲା, ଟିକଟଗୁଡ଼ିକର ନକ୍ସା ବଦଳାଇ ଛୋଟ କରିଦିଆଗଲା, ତେଣୁ ରଙ୍ଗ ମଧ୍ୟ ବଦଳାଗଲା । ବ୍ୟୋମ ଡାକ ମାସୁଲକୁ ଚାହିଁ ୧୳ ଅଣା ଓ ୧୪ ଅଣା ଟିକଟ ଛପାଗଲା । ଯୁଦ୍ଧ ସମୟରେ ଟିକଟଗୁଡ଼ିକ ଖୁଚୁରା ମୁଦ୍ରା ଅଭାବରେ ରେଜା କାମ ଚଳାଇଥିଲା । ଯୁଦ୍ଧସମାପ୍ତି ଓ ବିଜୟ ସ୍ମରଣ କରି ୧୯୪୬ ରେ ୪ଟି ଟିକଟ ପ୍ରକାଶ ପାଇଲା । ଭାରତୀୟ ଚିତ୍ରକାରଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇ ଏହି ନକ୍ସା ଅନୁମୋଦିତ ହେଲା ।

ସ୍ୱାଧୀନତା ପରେ :

୧୯୪୭ ଅଗଷ୍ଟ ୧୫ରେ ଆମ ଦେଶ ସ୍ୱାଧୀନ ହେଲା । ସାଙ୍ଗେ ସାଙ୍ଗେ ଟିକଟ ବାହାର ପାରିଲାନାହିଁ । ୩୳ ଅଣା ଜାତୀୟପତାକା ଟିକଟ ନଭେମ୍ବର ୨୧ରେ ଏବଂ ୧୳ଅଣାର ଅଶୋକସ୍ତମ୍ଭ ଓ ୧୨ଅଣାର ଉଡ଼ୁଥିବା ଜାହାଜ ଟିକଟ ଦୁଇଟି ଡ଼ିସେମ୍ବର ୧୫ରେ ପ୍ରକାଶ ହେଲା । ଭାରତ ବିଲାତ ମଧ୍ୟରେ ଯାତ୍ରୀବାହୀ ଭାରତୀୟ ବିମାନ ୧୯୪୮ ଜୁନ୍ ୮ରେ ପ୍ରଥମ ଯାତ୍ରା କରିବାରୁ ସେଦିନ ୧୨ ଅଣାର ଏକ ଟିକଟ ପ୍ରଚଳନ ହେଲା । ଜାତିପିତା ଗାନ୍ଧୀ ଜାନୁଆରୀ ୩୦ରେ ଗୁଳିଗ୍ରେଟରେ ନିହତ ହେଲେ; ତାଙ୍କୁ ସ୍ମରଣ କରି ସ୍ୱାଧୀନତା ପ୍ରଥମ ବାର୍ଷିକୀରେ ୪ଟି ଟିକଟ ପ୍ରକାଶିତ ପାଇଲା । ଏଗୁଡ଼ିକ ସୁଇଜରଲଣ୍ଡରେ ଛପା ହୋଇଥିଲା । ଏହି ଟିକଟ ଗୁଡ଼ିକରୁ କିଛି ବଡ଼ଲାଟଙ୍କ ବ୍ୟବହାର ପାଇଁ SERVICE ଅଧିମୁଦ୍ରଣ (overprinted) ହୋଇଥିଲା; ଅଧିମୁଦ୍ରିତ ୧୦ ଟଙ୍କିଆ ଟିକଟଟି ଖୁବ୍ ମୂଲ୍ୟବାନ ହୋଇପଡ଼ିଛି ।

୧୯୪୯ ଅଗଷ୍ଟ ୧୫ରେ ଦେଶର ପ୍ରତ୍ନତାତ୍ତ୍ୱିକ ତଥା ଐତିହାସିକ ବିଷୟ ଦର୍ଶାଇ ୩ ପାଇରୁ ୧୫-ଟଙ୍କା ପର୍ଯ୍ୟନ୍ତ ପ୍ରଥମ ନିରୂପିତ ଟିକଟମାଳା ପ୍ରଚଳନ ହେଲା । ବିଶ୍ୱ ଡାକ ସଂସ୍ଥାର ୭୫ ବାର୍ଷିକୀ ସ୍ମରଣ କରି ୧୯୪୯ ଅକ୍ଟୋବରରେ ୪ଟି ଟିକଟ ପ୍ରକାଶ ହେଲା ।

୧୯୫୦ ଜାନୁଆରୀ ୨୬ରେ ଆମେ ଏକ ସାର୍ବଭୌମ ସାଧାରଣତନ୍ତ୍ର ହେଲୁ; ଏହାର ସ୍ମରଣରେ ୪ଟି ଟିକଟ ପ୍ରଚଳନ ହେଲା ( ଉତ୍ସବ, ଶିକ୍ଷା, କୃଷି ଓ ବସ୍ତ୍ର ସଙ୍କେତ ଧରି ) । ୧୯୫୦ରେ ନିରୂପିତ ଟିକଟ ପର୍ଯ୍ୟାୟର ୧ ଅଣା (ବୋଧିସତ୍ତ୍ୱ) ଟିକଟର ନକ୍ସା ବଦଳି ସେ ଡାହାଣ ହାତରେ ଆଶୀର୍ବାଦ ଦେଉଥିବା ଦେଖାଗଲା; ୪ ଅଣା ଭୁବନେଶ୍ୱର ଟିକଟର ରଙ୍ଗ ବଦଳିଲା ଓ ନୂଆମୂଲ୍ୟ ୨୳ ଅଣା ଟିକଟ ବାହାରିଲା । ୧୯୫୧ ଜାନୁଆରୀ ୧୩ରେ ଭୂତତ୍ତ୍ୱପରିମାପ ଶତାବ୍ଦୀ ଉପଲକ୍ଷେ ପ୍ରାଗ୍ ଐତିହାସିକ ହାତୀ ଛବି ଥାଇ ଏକ ଟିକଟ ଓ ମାର୍ଚ୍ଚ ୪ରେ ପ୍ରଥମ ଏସୀୟ କ୍ରୀଡ଼ା ପ୍ରତିଯୋଗିତା ସ୍ମରଣ କରି ଦୁଇଟି ଟିକଟ ପ୍ରକାଶିତ ହେଲା ।

ଇତି ମଧ୍ୟରେ ସରକାର ଆଲେକଖୋଦାଇ ପ୍ରଣାଳୀରେ ଛାପିବା ପାଇଁ ନୂଆ ଯନ୍ତ୍ରଟିଏ କିଣିଲେ । ୧୯୫୨ ଅକ୍ଟୋବର ପହିଲାରେ ଛଅଜଣ ଭାରତୀୟ ଋଷି ଓ କବିଙ୍କୁ ସ୍ମରଣ କରି ଟିକଟ ଛପାଗଲା । ୧୯୫୩ ଅପ୍ରେଲ ୧୬ରେ ରେଳବାଇ ଶତାବ୍ଦୀ ପାଇଁ ୧ଟି, ମେ ୨୯ର ଏଭରେଷ୍ଟ ଶୃଙ୍ଗ ଜୟକୁ ସ୍ମରଣ କରି ଅକ୍ଟୋବର ୨ରେ ଦୁଇଟି ଟିକଟ; ଏବଂ ନଭେମ୍ବର ପହିଲାରେ ଭାରତୀୟ ତାର ସେବାର ଶତାବ୍ଦୀ ପାଇଁ (୧୯୫୧ରେ ଶତାବ୍ଦୀ ହେବା କଥା) ଦୁଇଟି ଟିକଟ ବାହାରିଲା ।

କୋରିଆରେ ଯୁଦ୍ଧ ହେବାରୁ ଭାରତୀୟ ସୈନ୍ୟମାନଙ୍କ ଉପସ୍ଥିତିରେ ଯୁଦ୍ଧବନ୍ଦୀ ବିନିମୟ ହେଲା; ସୈନ୍ୟମାନଙ୍କ ଡାକ ପାଇଁ ପ୍ରଜାତାନ୍ତ୍ରିକ ଟିକଟମାଳାର ପ୍ରଥମ ବାରଟି ଟିକଟ ( ୩୪ ଅଣା ବଦଳରେ ୨୪ ଅଣା ) ରେ "ଭାରତୀୟ ସୁରକ୍ଷା କଟକ, କୋରିଆ" ହିସାବରେ ଅଧିମୁଦ୍ରିତ ହୋଇ ସେଠାକୁ ପଠାଗଲା ।

୧୯୫୪ ଅକ୍ଟୋବର ପହିଲାରେ ଡାକ ଟିକଟ ଶତାବ୍ଦୀ ପାଇଁ ୪ଟି ଟିକଟ, ଅକ୍ଟୋବର ୨୪ରେ ଜାତିସଂଘ ଦିବସ ପାଇଁ ଗୋଟିଏ ଏବଂ ଡିସେମ୍ବର ୧୧ରେ ୪ର୍ଥ ବିଶ୍ୱବନ୍ୟ ସମ୍ମେଳନ ପାଇଁ ଗୋଟିଏ ଟିକଟ ପ୍ରକାଶିତ ହେଲା ।

ପ୍ରଥମ ପଞ୍ଚବାର୍ଷିକ ଯୋଜନାର ସଫଳତା ପ୍ରଚାର ଉଦ୍ଦେଶ୍ୟରେ ୧୯୫୫ ଜାନୁଆରୀ ୨୬ରେ ସରକାର ୩ ପାହୁଲାରୁ ୧୦ ଟଙ୍କା ପର୍ଯ୍ୟନ୍ତ ବିଭିନ୍ନ ମୂଲ୍ୟର ୧୮ଟି ଟିକଟ ପ୍ରଚଳନ କଲେ । ସ୍ୱାଧୀନ ଭାରତର ଏହା ହେଲା ନିରୂପିତ ଟିକଟମାଳାର ଦ୍ୱିତୀୟ ପର୍ଯ୍ୟାୟ । ୧୯୪୯ର ପ୍ରତ୍ନତତ୍ତ୍ୱ ପର୍ଯ୍ୟାୟ ବଦଳରେ ଏହା ଚାଲୁହେଲା । ସର୍ବୋଚ୍ଚ ମୂଲ୍ୟ ଟ୧୫ ନ ହୋଇ ଟ୧୦ଙ୍କା ହେଲା, ଏବଂ ଆନ୍ତର୍ଜାତୀୟ ବ୍ୟୋମଡାକକୁ ଚିହ୍ନି ୧୦ ଅଣା, ୧୪ ଅଣା, ୧ଟଙ୍କା ୨ଅଣା ଓ ୧ଟଙ୍କା ୮ଅଣାର ଟିକଟ ଚାଲୁହେଲା ।

ବୁଦ୍ଧଦେବଙ୍କ ୨୫୦୦ତମ ଜୟନ୍ତୀ ପାଇଁ ୧୯୫୬ ମେ ୨୪ରେ ଦୁଇଟି ଟିକଟ ଓ ବାଲ୍‌ଗଙ୍ଗାଧର ତିଲକଙ୍କ ଜନ୍ମଶତାବ୍ଦୀ ପାଇଁ ଜୁଲାଇ ୨୩ରେ ଗୋଟିଏ ଟିକଟ ବାହାରିଲା ।

ଅଣା ପାହି ବଦଳରେ ଦଶମିକ ମୁଦ୍ରା ଚାଲୁହେବାରୁ ୧୯୫୭ ଅପ୍ରେଲ ପହିଲାରେ ଭାରତ ମାନଚିତ୍ର ଛବି ଥାଇ ୧୧ଟି ଟିକଟ ନୂତନ ମୁଦ୍ରା ମୂଲ୍ୟରେ ଛପା ହେଲା, ପରେ ଖୋଲାଡାକ, ଲଫାପା ଚିଠି ଓ ରେଜିଷ୍ଟ୍ରୀ ଚିଠିର ମୂଲ୍ୟ ସହ ସମାନ କରି ୮ ନୂଆପଇସା, ୧୫ ନୂ:ପ ଓ ୯୦ ନୂ:ପ: ଟିକଟ ତିନୋଟି ପ୍ରକାଶ ହେଲା । ଅନ୍ୟ ଟିକଟରେ ନୂଆ ପଇସା N P ଲେଖାଥିଲା, କିନ୍ତୁ ଏ ତିନୋଟିରେ nP ଲେଖାହେଲା । କାଳକ୍ରମେ "ନୂଆପଇସା" ରୁ 'ନୂଆ' ଶବ୍ଦଟି ଉଠିଯାଇ କେବଳ 'ପଇସା' ଲେଖା ରହିବ ବୋଲି ନୂଆକୁ ଛୋଟ 'n'ରେ ସୂଚିତ କରାଗଲା ।

ସିପାହୀ ବିଦ୍ରୋହ ବା ପ୍ରଥମ ସ୍ୱାଧୀନତା ସଂଗ୍ରାମର ଶତବାର୍ଷିକୀ ଉପଲକ୍ଷେ ୧୯୫୭ ସ୍ୱାଧୀନତା ଦିବସରେ ଦୁଇଟି ସ୍ମାରକୀ ଟିକଟ ଓ ନୂଆଦିଲ୍ଲୀଠାରେ ହୋଇଥିବା ୧୯ଶ ଆନ୍ତର୍ଜାତୀୟ ରେଡ୍‌କ୍ରସ ସମ୍ମେଳନ

ଉପଲକ୍ଷେ ଅକ୍ଟୋବର ୨୮ରେ ଗୋଟିଏ ଟିକଟ ଛପା ହେଲା । ସ୍ମାରକୀ ଟିକଟର ଗୋଟିଏ ମୂଲ୍ୟ ଲଫାପା ବା ବନ୍ଦଚିଠି ମାସୁଲ ସହିତ ସମାନ ରହି ଆସୁଛି । ଆଗରୁ ଦୁଇଅଣା ବଦଳରେ ୧୫ ନ୍ୟୂ: ପ: ହେଲା ।

ନେହେରୁଙ୍କ ଜନ୍ମଦିନକୁ ଶିଶୁଦିବସ ରୂପେ ସାରା ଦେଶରେ ପାଳନ କରାଯିବାର ନିଷ୍ପତ୍ତି ୧୯୫୭ରୁ ନିଆଗଲା । ସେ ବର୍ଷ ନଭେମ୍ବର ୧୪ରେ ଏହି ଉପଲକ୍ଷେ ତିନୋଟି (୮, ୧୫, ୯୦ ପଇସା) ପ୍ରକାଶ ହେଲା । ଡିସେମ୍ବର ୩୧ରେ ବମ୍ବେ; କଲିକତା ଓ ମାନ୍ଦ୍ରାଜ ବିଶ୍ୱ-ବିଦ୍ୟାଳୟର ଶତାବ୍ଦୀ ପାଳନ ପାଇଁ ତିନୋଟି ୧୦ ନ୍ୟୂ:ପ: ଟିକଟ ବାହାରିଲା । ଏହା ଅନ୍ତର୍ଦେଶୀୟ ପତ୍ରର ମାସୁଲ ଥିଲା ।

୧୯୫୮ ମାର୍ଚ୍ଚ ୧ରେ ଇସ୍ପାତ୍ ଶିଳ୍ପର ଅର୍ଦ୍ଧଶତବାର୍ଷିକୀ, ଅପ୍ରେଲ ୧ରେ ଭାରତରତ୍ନ ଡି. କେ. କାର୍ଭେଙ୍କ ଜନ୍ମଶତବାର୍ଷିକୀ ଏବଂ ୩୦ରେ ବିମାନବାହିନୀର ରଜତଜୟନ୍ତୀ ସ୍ମାରକୀ ୧୫ ଓ ୯୦ ନ୍ୟୂ: ପ:ର ଦୁଇଟି ଟିକଟ ବାହାରିଲା । ତତ୍କାଳୀନ ବ୍ୟୋମଡାକର ମାସୁଲ ୯୦ ନ୍ୟୂ: ପ: ଥିଲା । ୧୯୫୮ ଅପ୍ରେଲ ୩୦ ପରେ ଜଳଚିହ୍ନ ବଦଳିଲା । ତାରକା ବଦଳରେ ଜାତୀୟ ସରକାରଙ୍କ ନିଦର୍ଶନ 'ଅଶୋକସ୍ତମ୍ଭ' ରହିଲା । ନୂଆ ଜଳଚିହ୍ନ କାଗଜରେ ପ୍ରଥମେ ମାନଚିତ୍ର ପର୍ଯ୍ୟାୟ ଟିକଟଗୁଡ଼ିକର ପୁନଃମୁଦ୍ରଣ ହେଲା । ପଞ୍ଚବାର୍ଷିକ ଯୋଜନା ପର୍ଯ୍ୟାୟର ୧, ୨, ୫ ଓ ୧୦ ଟଙ୍କା ମୂଲ୍ୟର ଟିକଟ ମଧ୍ୟ ଏହି ନୂଆ ଜଳଛବି କାଗଜରେ ଛପାହେଲା । ୧୯୫୮ର ଅନ୍ୟ ସ୍ମାରକୀ ଟିକଟଗୁଡ଼ିକ ହେଲା, ନଭେମ୍ବର ୭ରେ ବିପିନ ଚନ୍ଦ୍ର ପାଲ୍‌ଙ୍କ ଜନ୍ମ ଶତବାର୍ଷିକୀ, ନଭେମ୍ବର ୧୪ ଶିଶୁଦିବସ, ନଭେମ୍ବର ୩୦ରେ ଜଗଦୀଶଚନ୍ଦ୍ର ବୋଷଙ୍କ ଜନ୍ମଶତାବ୍ଦୀ ଏବଂ ଡିସେମ୍ବର ୩୦ରେ "ଭାରତ ୧୯୫୮ ପ୍ରଦର୍ଶନୀ" ।

୧୯୫୯ରେ ସ୍ମାରକୀ ଟିକଟଗୁଡ଼ିକର ନାମ ହେଲା - ଜାମସେଦ୍‌ଜୀ ଜିଜାଭାଇଙ୍କ ମୃତ୍ୟୁ ଶତାବ୍ଦୀ (ଅପ୍ରେଲ ୧୫), ଆନ୍ତର୍ଜାତୀୟ ଶ୍ରମ ସଂସ୍ଥାର ୪୦ତମ ବାର୍ଷିକୀ (ଜୁନ ୧୫), ଶିଶୁଦିବସ (ନଭେମ୍ବର ୧୪) ଓ ବିଶ୍ୱ କୃଷିମେଳା (ଡିସେମ୍ବର ୩୦) । ୧୯୬୦ର ବିଭିନ୍ନ ସ୍ମାରକୀ ଟିକଟ ହେଲା—କାଳିଦାସ ସ୍ମରଣ ୧୫ନ୍ୟୂ:ପ: ଓ ଟ ୧.୦୩ (ଜୁନ ୨୨), ଭାରତୀ ସ୍ମରଣେ (ସେପ୍ଟେମ୍ବର ୧୧), ବିଶ୍ୱେଶ୍ୱରାୟ । ଜନ୍ମଶତାବ୍ଦୀ (ସେପ୍ଟେମ୍ବର ୧୫), ଶିଶୁଦିବସ ଓ ଜାତିସଂଘ ଶିଶୁପାଣ୍ଠି (ଡିସେମ୍ବର ୧୧) । ୧୯୬୧ ଫେବୃଆରୀ ୧୮ରେ ପ୍ରଥମ ବ୍ୟୋମ ଡାକଉଡ଼ାଣର ଅର୍ଦ୍ଧଶତାବ୍ଦୀ ଉପଲକ୍ଷେ ୫ ନ୍ୟୂ:ପ:, ୧୫ ନ୍ୟୂ:ପ:, ୧ ଟଙ୍କାର ତିନୋଟି ଟିକଟ ପ୍ରକାଶ ହେଲା । ସେ ବର୍ଷ ଗୋଟିଏ ଲେଖାଏଁ ଟିକଟ ଶିବାଜୀଙ୍କ ସ୍ମରଣ (ଅପ୍ରେଲ ୧୭), ମୋତିଲାଲ ନେହେରୁ ଜନ୍ମଶତାବ୍ଦୀ (ମେ ୬), ରବୀନ୍ଦ୍ର ଠାକୁର ଜନ୍ମଶତାବ୍ଦୀ (ମେ ୭), ଆକାଶବାଣୀ ରଜତ ଜୟନ୍ତୀ (ଜୁନ ୮), ପ୍ରଫୁଲ୍ଲଚନ୍ଦ୍ର ରାୟ ଜନ୍ମଶତାବ୍ଦୀ (ଅଗଷ୍ଟ ୨), ସଙ୍ଗୀତଜ୍ଞ ଭାତଖଣ୍ଡେ ଜନ୍ମଶତାବ୍ଦୀ (ସେପ୍ଟେମ୍ବର ୧୧), ଶିଶୁଦିବସ, ଭାରତୀୟ ଶିଳ୍ପ-ମେଳା (ନଭେମ୍ବର ୧୪), ଜଙ୍ଗଲରକ୍ଷଣ ଶତାବ୍ଦୀ (ନଭେମ୍ବର ୨୧), ମଦନମୋହନ ମାଲବ୍ୟଙ୍କ ଜନ୍ମଶତାବ୍ଦୀ

(ଡିସେମ୍ବର ୨୪) ଉପଲକ୍ଷେ ପ୍ରକାଶନ ହେଲା । କିନ୍ତୁ ପ୍ରକୃତତ୍ତ୍ୱ ପରମାପର ଶତାବ୍ଦୀ ପାଇଁ ଡିସେମ୍ବରେ ୧୪ରେ ଦୁଇଟି (୧୫ ଓ ୯୦ ନୂ:ପ:) ଟିକଟ ବାହାରିଥିଲା ।

୧୯୬୨ରେ ପ୍ରକାଶିତ ସ୍ମାରକୀ ଟିକଟଗୁଡ଼ିକ ହେଲା— ଜାନୁୟାରୀ ୧ରେ ଗୌହାଟି ତୈଳ ଶୋଧନ କାରଖାନା ଉଦ୍‌ଘାଟନ, ୨୬ରେ ବିପ୍ଲବୀ ଶ୍ରୀମତୀ କାମାଙ୍କ ଜନ୍ମ ଶତାବ୍ଦୀ ଓ ପଞ୍ଚାୟତିରାଜ ସ୍ମରଣ, ମାର୍ଚ୍ଚ ୪ ଦୟାନନ୍ଦ ସରସ୍ୱତୀ; ୨୫ରେ ଗଣେଶ ଶଙ୍କର ବିଦ୍ୟାର୍ଥୀ, ଅପ୍ରେଲ ୭ ମାଲେରିଆ ନିରାକରଣ, ମେ ୧୩ ରାଜେନ୍ଦ୍ର ପ୍ରସାଦ, ଜୁଲାଇ ୧ କଲିକତା ହାଇକୋର୍ଟ; ଅଗଷ୍ଟ ୬ ମାନ୍ଦ୍ରାଜ ହାଇକୋର୍ଟ, ୧୪ରେ ବମ୍ବେ ହାଇ-କୋର୍ଟର ଶତାବ୍ଦୀ, ୧୫ରେ ଶ୍ରୀମତୀ ରାନାଡ଼େ ଜନ୍ମଶତାବ୍ଦୀ, ଅକ୍ଟୋବର ୧ ବନ୍ୟଜନ୍ତୁ ସଂରକ୍ଷଣ ସପ୍ତାହ, ନଭେମ୍ବର ୧୪ ଶିଶୁଦିବସ, ଡିସେମ୍ବର ୩ ନୂଆଦିଲ୍ଲୀରେ ଚକ୍ଷୁରୋଗ କଂଗ୍ରେସର ୧୯ଶ ଅଧିବେଶନ ଏବଂ ୨୨ରେ ଗଣିତଜ୍ଞ ରାମାନୁଜଙ୍କ ୭୫ ତମ ଜନ୍ମବାର୍ଷିକୀ ।

୧୯୬୦ ଜୁନ ୨୨ର ଟ ୧.୦୩ ମୂଲ୍ୟର କାଳିଦାସ ଟିକଟ ଅବିକ୍ରୀ ହୋଇ ରହିଥିଲା, ଏପରି ବେଢ଼ଙ୍ଗିଆ ମୂଲ୍ୟ ବିଲାତକୁ ଉଡ଼ାଜାହାଜ ଡାକପାଇଁ ଦରକାର ହେଉଥିଲେ ହେଁ ଲୋକେ କିଣିଲେ ନାହିଁ । ତେଣୁ ୧୯୬୩ ଫେବୃୟାରୀ ୨ରେ ଟ୧ ମୂଲ୍ୟକୁ କମାଇ ଏହାର ପ୍ରଚଳନ ହେଲା । ୧୯୬୩ର ଅନ୍ୟ ଟିକଟଗୁଡ଼ିକ ହେଲା— ମାର୍ଚ୍ଚ ୨୧ କ୍ଷୁଧାନିବାରଣ, ମେ ୮ ରେଡ଼୍‌କ୍ରସ ଶତାବ୍ଦୀ, ଅଗଷ୍ଟ ୧୫ ଦେଶରକ୍ଷା ଆହ୍ୱାନ (୧୫ ନୂ:ପ: ଓ ୧ ଟଙ୍କା) ସେପ୍‌ଟେମ୍ବର ୪ ଦାଦାଭାଇ ନାରୋଜୀ, ଅକ୍ଟୋବର ୧ ଶ୍ରୀମତୀ ଆନିବେସାନ୍ତ, ୭ରେ ୫ଟି ଟିକଟ (୧୦, ୧୫, ୩୦ ନୂ:ପ: ଓ ୧ ଟଙ୍କା) ବନ୍ୟଜନ୍ତୁ ସଂରକ୍ଷଣ, ନଭେମ୍ବର ୧୪ ଶିଶୁଦିବସ ଓ ଡିସେମ୍ବର ୧୦ ମାନବିକ ଅଧିକାର ଘୋଷଣାର ୧୫ ବର୍ଷ । ୧୯୬୪ର ପ୍ରଥମାର୍ଦ୍ଧରେ ପ୍ରକାଶିତ ଟିକଟଗୁଡ଼ିକରେ ମୂଲ୍ୟାଙ୍କନ ନୂ:ପ: ରହିଲା, ପରବର୍ତ୍ତୀ ଟିକଟଗୁଡ଼ିକ (ରାଜାରାମମୋହନ ଟିକଟ ବ୍ୟତୀତ) ଦଶମିକ ସଂଖ୍ୟାରେ ମୂଲ୍ୟାଙ୍କନ କରାଗଲା, ଏଥିରେ ପଇସା ବା ନୂ:ପ: ଶବ୍ଦ ରହିଲା ନାହିଁ । ପ୍ରଥମାର୍ଦ୍ଧର ଟିକଟ ହେଲା – ଜାନୁଆରୀ ୪ ପ୍ରାଚ୍ୟବିଦ୍ୟା ସମ୍ମେଳନ ଓ ଗୋପବନ୍ଧୁ ଦାଶ, ଜାନୁଆରୀ ୧୪ ସଙ୍ଗୀତଜ୍ଞ ପୁରନ୍ଦର ଦାସ; ଜାନୁଆରୀ ୨୩ ସୁବାଷଚନ୍ଦ୍ର ବୋଷଙ୍କ ୬୭ତମ ଜନ୍ମ ବାର୍ଷିକୀ (୧୫ ଓ ୫୫ ନୂ: ପ:), ଫେବୃୟାରୀ ୧୩ ସରୋଜିନୀ ନାଇଡୁ ୮୫ତମ ଜନ୍ମବାର୍ଷିକୀ, ଫେବୃଆରୀ ୨୨ କସ୍ତୁରବାଙ୍କ ୨୦ତମ ମୃତ୍ୟୁ ବାର୍ଷିକୀ ଓ ମାର୍ଚ୍ଚ ୧୬ ଡଃ ହଫକିନ । କେବଳ "0.15" ଲେଖାଥିବା ଟିକଟ ହେଲା – ଜୁନ ୧୨ ଜବାହାର ନେହେରୁଙ୍କ ମୃତ୍ୟୁ ପାଇଁ ରାଷ୍ଟ୍ରୀୟ ଶୋକ, ଜୁନ ୨୯ ଆଶୁତୋଷ ମୁଖାର୍ଜୀଙ୍କ ଜନ୍ମ ଶତାବ୍ଦୀ, ଅଗଷ୍ଟ ୧୫ ଶ୍ରୀ ଅରବିନ୍ଦଙ୍କ ୯୨ ଜନ୍ମବାର୍ଷିକୀ, ନଭେମ୍ବର ୯ ଆନ୍ତର୍ଜାତୀୟ ମାନନିର୍ଦ୍ଧାରଣ ସଂସ୍ଥାର ବମ୍ବେ ବୈଠକ, ନଭେମ୍ବର ୧୪ ଶିଶୁଦିବସ, ଡିସେମ୍ବର ୨ ସେଣ୍ଟଟୋମାସ ଓ ଡିସେମ୍ବର ୧୪ ଆନ୍ତର୍ଜାତୀୟ ଭୂତତ୍ତ୍ୱ ସଂସଦ । ସେପ୍‌ଟେମ୍ବର ୨୭ରେ ରାଜାରାମମୋହନ ରାୟଙ୍କ ଟିକଟରେ ୧୫ ନୂ:ପ: ବୋଲି ଲେଖାଥିଲା ।

0.15 ବା ଦଶମିକ ମୁଦ୍ରା ମୂଲ୍ୟାଙ୍କନ ୧୯୬୬ ଜୁନ ମାସ ପର୍ଯ୍ୟନ୍ତ ଚାଲିଲା । ଏହା ପରବର୍ତ୍ତୀ ଟିକଟ ଗୁଡ଼ିକରେ ପଇସା ସୂଚକ **P** ରହିଲା, ନୂଆ ସୂଚକ **n** ରହିଲା ନାହିଁ । **nP** ଆଉ **P** ମଧ୍ୟ ସମ୍ପୂର୍ଣ୍ଣ ଦଶମିକ ସୂତ୍ରରେ ଜଣାଇ ଦିଆଗଲା ।

୧୯୬୫ର ଟିକଟଗୁଡିକ ହେଲା—ଜାନୁଆରୀ ୭ ଟାଟା, ଜାନୁଆରୀ ୨୮ ଲାଲାଲଜପତ ରାୟ ଜନ୍ମ-ଶତାବ୍ଦୀ, ଫେବୃଆରୀ ୮ ବିଶ୍ୱ ବଣିକସଂସ୍ଥାର ବିଂଶ ଅଧିବେଶନ, ଅପ୍ରେଲ ୫ ରାଷ୍ଟ୍ରୀୟ ନୌଦିବସ, ଅପ୍ରେଲ ୧୫ ଆବ୍ରାହମ ଲିଙ୍କନ ମୃତ୍ୟୁ ଶତାବ୍ଦୀ, ମେ ୧୭ ଆନ୍ତର୍ଜାତୀୟ ଟେଲିଫୋନ ୟୁନିଅନ ଶତାବ୍ଦୀ, ମେ ୨୭ ନେହେରୁ ମୃତ୍ୟୁବାର୍ଷିକୀ, ଜୁନ ୨୬ ଆନ୍ତର୍ଜାତୀୟ ସମବାୟ ବର୍ଷ, ଅଗଷ୍ଟ ୧୫ ଭାରତୀୟ ଏଭରେଷ୍ଟ ଶୃଙ୍ଗ ବିଜୟ, ସେପ୍ଟେମ୍ବର ୧୦ ଗୋବିନ୍ଦ ବଲ୍ଲଭ ପନ୍ଥ, ଅକ୍ଟୋବର ୩୧ ବଲ୍ଲଭଭାଇ ପଟେଲଙ୍କ ୯୦ ଜନ୍ମ ବାର୍ଷିକୀ; ନଭେମ୍ବର ୫ ଚିତ୍ତରଞ୍ଜନ ଦାଶଙ୍କ ୯୫ ଜନ୍ମ ବାର୍ଷିକୀ ଓ ନଭେମ୍ବର ୧୭ ବିଦ୍ୟାର୍ଥୀ । ଏ ବର୍ଷ ଶିଶୁଦିବସ ଟିକଟ ବାହାରିଲା ନାହିଁ । ୪ର୍ଥ ନିରୂପିତ ଟିକଟମାଳାର ୧୫ ପ: (ଗୃହାଚ୍ଛୋଲା) ଏହି ବର୍ଷ ଅଗଷ୍ଟ ୧୫ରେ ୧୦ ଟଙ୍କା ପରମାଣୁ ରିଆକ୍ଟର ନଭେମ୍ବର ୧୪ରେ ପ୍ରକାଶିତ ହେଲା ।

୪ର୍ଥ ନିରୂପିତ ଟିକଟମାଳାରେ ୧ ପଇସା ଟିକଟ ରହିଲା ନାହିଁ । ୨, ୩, ୪, ୫, ୬, ୮, ୧୦, ୧୫, ୨୦, ୩୦, ୪୦, ୫୦, ୬୦, ୭୦ ପଇସା ୧, ୨, ୫ ଓ ୧୦ ଟଙ୍କା—ଏଭଳି ୧୮ଟି ଟିକଟ ବାହାରିଲା । ୬ପ, ୧୦ପ, ଓ ୧ ଟଙ୍କା ଟିକଟ ୧୯୬୬ ଜୁଲାଇ ପହିଲାରେ ୮, ୩୦, ୫୦, ୭୦ ପ: ୨ ଓ ୫ ଟଙ୍କାର ଟିକଟ । ୧୯୬୭ ମାର୍ଚ୍ଚ ୧୫ରେ ୨, ୩, ୫, ୨୦ ଓ ୬୦ପ: ଟିକଟ ୧୯୬୭ ଅକ୍ଟୋବର ୧୬ରେ, ୪ପ: ଟିକଟ ୧୯୬୮ ମେ ୧୫ରେ ଏବଂ ୪୦ପ ଟିକଟ ୧୯୬୮ ଅକ୍ଟୋବର ୨ରେ ପ୍ରକାଶିତ ହେଲା ।

୧୯୬୪ ଓ ୬୫ରେ କେତୋଟି ସ୍ମାରକୀ ଟିକଟରେ ଜଳଚିହ୍ନ ନାହିଁ । କିନ୍ତୁ ୧୯୬୬ର କୌଣସି ସ୍ମାରକୀ ଟିକଟରେ ଜଳଚିହ୍ନ ନାହିଁ । ୧୯୬୬ର ଟିକଟଗୁଡ଼ିକ ହେଲା—ଜାନୁୟାରୀ ୨୪ରେ ପ୍ରଶାନ୍ତମହାସାଗରୀୟ ପର୍ଯ୍ୟଟନ ସମ୍ମେଳନ, ୨୬ରେ ଜୟ ଜବାନ ଓ ଶାସ୍ତ୍ରୀଙ୍କ ପାଇଁ ରାଷ୍ଟ୍ରୀୟ ଶୋକ, ଅପ୍ରେଲ ୫ କାମ୍ବର, ୧୪ରେ ଆମ୍ବେଦକର ୭୫ ଜନ୍ମ ବାର୍ଷିକୀ, ୨୩ରେ କନଓ୍ୱର ସିଂହ, ମେ ୯ ଗୋଖଲେ ଜନ୍ମ ଶତାବ୍ଦୀ, ୧୫ରେ ଦ୍ୱିବେଦୀ, ଜୁନ ୨୮ ରଞ୍ଜିତସିଂହ, ଅଗଷ୍ଟ ୪ ହୋମିବାବା, ନଭେମ୍ବର ୧୧ ଆବୁଲକାଲାମ ଆଜାଦ ଓ ରାମତୀର୍ଥ, ୧୪ରେ ଶିଶୁଦିବସ, ୨୫ରେ ଆଲ୍ଲାହାବାଦ ହାଇକୋର୍ଟ ଶତାବ୍ଦୀ ଏବଂ ଡିସେମ୍ବର ୧୨ ପରିବାର ନିୟୋଜନ ଓ ୩୧ରେ ହକି ବିଜୟ ।

୧୯୬୭ର ସ୍ମାରକୀ ଟିକଟଗୁଡ଼ିକ ହେଲା—ଜୟକିସାନ ବା ଶାସ୍ତ୍ରୀଙ୍କ ୧ମ ମୃତ୍ୟୁ ବାର୍ଷିକୀ ଜାନୁଆରୀ ୧୧, ସାଧାରଣ ନିର୍ବାଚନ ପ୍ରଚାର ଜାନୁଆରୀ ୧୩, ଗୁରୁଗୋବିନ୍ଦ ସିଂହ ୩୦୦ ଜନ୍ମବାର୍ଷିକୀ ଜାନୁଆରୀ ୧୭, ଆନ୍ତର୍ଜାତୀୟ ପର୍ଯ୍ୟଟନ ବର୍ଷ ମାର୍ଚ୍ଚ ୧୯, ନନ୍ଦଲାଲବୋଷ ମୃତ୍ୟୁ ବାର୍ଷିକୀ ଅପ୍ରେଲ ୧୬, ଭାରତୀୟ ଭୂମାପ ଦ୍ୱିଶତାବ୍ଦୀ ମେ ୧, ବାସବେଶ୍ୱର ୮୦୦ ବାର୍ଷିକୀ ମେ ୧୧, ନରସିଂହ ମେହେଟା ମେ ୩୦, ମହାରାଣା ପ୍ରତାପ ଜୁନ ୧୧, ନାରାୟଣ ଗୁରୁ ଅଗଷ୍ଟ ୨୧, ରାଧାକୃଷ୍ଣନ ସେପ୍ଟେମ୍ବର ୯, ଭାରତ ଛାଡ଼ ଆନ୍ଦୋଳନ ୨୫ ବାର୍ଷିକୀ ଅକ୍ଟୋବର ୧, ଭାରତ ୟୁରୋପୀୟ ଟେଲିଗ୍ରାଫ୍ ସେବା ନଭେମ୍ବର ୯, ବିଶ୍ୱ କୁସ୍ତି ପ୍ରତିଯୋଗିତା ନଭେମ୍ବର ୧୨, ନେହେରୁ ଓ ନାଗାଲାଣ୍ଡ ଡ଼ିସେମ୍ବର ୧, ରାସ ବିହାରୀ ବାସୁ ଡ଼ିସେମ୍ବର ୧୯ ଓ ବାଲଚର ଆନ୍ଦୋଳନ ଡ଼ିସେମ୍ବର ୨୭ ।

୧୯୬୮ର ଟିକଟଗୁଡ଼ିକର ତାଲିକା ଏ ପ୍ରକାରର—ଜାନୁଆରୀ ୧ ମାନବିକ ଅଧିକାର ବର୍ଷ, ୩ ତାମିଲ ସାହିତ୍ୟର ଆନ୍ତର୍ଜାତୀୟ ସମ୍ମେଳନ, ଫେବୃୟାରୀ ୧ ଆନ୍ତର୍ଜାତୀୟ ବାଣିଜ୍ୟ ଓ ବିକାଶ ସମ୍ମେଳନ,

୨୦ରେ ଅମୃତ ବଜାର ପତ୍ରିକା ଶତାବ୍ଦୀ, ମାର୍ଚ୍ଚ ୨୮ ମାକ୍ସିମ୍‌ଗର୍କିଙ୍କ ଜନ୍ମ ଶତାବ୍ଦୀ ଓ ୩୧ରେ ପ୍ରଥମ ତ୍ରୈବାର୍ଷିକ କଳା ସମ୍ମେଳନ ( ଏହା ପରଠାରୁ ଟିକଟର ମୂଲ୍ୟ ୨୦ ପଇସା ହେଲା—ଲଫାପା ଚିଠିର ମାସୁଲ ବଢ଼ିଥିବାରୁ ) ଜୁଲାଇ ୧ରେ ୧୦ ଲକ୍ଷ ଡାକଘର, ଜୁଲାଇ ୧୭ ଗହମ ବିପ୍ଳବ, ସେପ୍‌ଟେମ୍ବର ୧୭ ନଗେନ୍ଦ୍ର ନାଥ ଠାକୁର, ଅକ୍ଟୋବର ୫ ଲକ୍ଷ୍ମୀନାରାୟଣ ବେଜବରୁଆ, ୧୨ରେ ମେକ୍ସିକୋ ଅଲିମ୍ପିକ ( ୨୦ପ: ଓ ୧ଟଙ୍କା) ୧୯ରେ ଭଗବତସିଂହ, ୨୧ରେ ଆଜାଦହିନ୍ଦ ସରକାରର ୨୫ ବର୍ଷ, ୨୭ରେ ନିବେଦିତା, ନଭେମ୍ବର ୬ ମାରିକୁରି, ଡିସେମ୍ବର ୧ ଆନ୍ତର୍ଜାତୀୟ ଭୌଗୋଳିକ କଂଗ୍ରେସ, ୧୫ରେ ନୌବାହିନୀ ଦିବସ କୋଚିନ ସିନାଗୋଗ ୪ର୍ଥ ଶତାବ୍ଦୀ ଏବଂ ୩୧ରେ ପକ୍ଷୀମାଳା (୨୦ ଓ ୫୦ ପଇସା, ୧ ଓ ୨ ଟଙ୍କା) । ଏବର୍ଷ ତାମିଲ ସାହିତ୍ୟ ସମ୍ପର୍କୀୟ ଟିକଟ ପ୍ରକାଶନରେ ଏକ ବ୍ୟତିକ୍ରମ କରାଗଲା, ଇଂରାଜୀ ଓ ହିନ୍ଦୀ ବ୍ୟତୀତ ତାମିଲ ଅକ୍ଷର ମଧ୍ୟ ନକ୍ସାରେ ବ୍ୟବହାର ହେଲା ।

୧୯୬୬, ୬୭ ଓ ୬୮ ଭଳି ୧୯୬୯ର ସ୍ମାରକୀ ଟିକଟଗୁଡ଼ିକ ବିନା ଜଳଚିହ୍ନ କାଗଜରେ ଛପା ହେଲା । ଜାନୁଆରୀ ୧ ବଙ୍କିମଚନ୍ଦ୍ର; ୧୨ରେ ଭଗବାନ ଦାସ, ୨୫ରେ ମାର୍ଟିନ ଲୁଥର କିଙ୍ଗ, ଫେବୃଆରୀ ୧୭ ଗାଲିବ ମୃତ୍ୟୁଶତାବ୍ଦୀ, ମାର୍ଚ୍ଚ ୧୫ ଓସମାନିଆ ବିଶ୍ୱ ବିଦ୍ୟାଳୟ ସୁବର୍ଣ୍ଣଜୟନ୍ତୀ, ଅପ୍ରେଲ ୧ ବ୍ୟୋମ ଡାକ ଚଳାଚଳର ୨୦ ବର୍ଷ, ୧୧ରେ ଆନ୍ତର୍ଜାତୀୟ ଶ୍ରମ ସଙ୍ଗଠନର ସୁବର୍ଣ୍ଣଜୟନ୍ତୀ; ୧୩ରେ ଜାଲିଆନା ବାଗ୍‌ସ୍ମୃତି, ମେ ୧ ନାଗେଶ୍ୱର ରାଓ ପାନ୍ତୁଲୁ, ୨୭ରେ କର୍‌ସେଟଜୀ ୱାଦିଆ, ଜୁନ ୭ ଶ୍ରୀରାମପୁର କଲେଜ, ୧୧ରେ ଜାକିର ହୁସେନ ଚେଲମ ଉତ୍ସବ, ୨୦ରେ କର୍ଲୋସ୍କାର, ଅକ୍ଟୋବର ୨ ଗାନ୍ଧୀ ଜନ୍ମ ଶତାବ୍ଦୀର ୪ଟି ଟିକଟ ୨୦ ପଇସା, ୭୫ ପଇସା, ଓ ୫ ଟଙ୍କା, ଅକ୍ଟୋବର ୧୪ ଆନ୍ତର୍ଜାତୀୟ ସାମୁଦ୍ରିକ ପରାମର୍ଶ ସଙ୍ଗଠନର ୧୦ବର୍ଷ ଓ ଆନ୍ତଃସଂସଦୀୟ ସମ୍ମେଳନ, ନଭେମ୍ବର ୧୯ ଆପୋଲୋ ୧୨ ଚନ୍ଦ୍ର ପୃଷ୍ଠରେ, ନଭେମ୍ବର ୨୩ ନାନକଙ୍କ ୫୦୦ ଜନ୍ମବାର୍ଷିକୀ; ୨୪ରେ ପ୍ରକୃତି ଓ ପ୍ରାକୃତିକ ସାଧନ ସଂରକ୍ଷଣ, ୨୫ରେ ସାଧୁ ଭାସ୍ୱାନୀ, ଓ ୨୯ରେ ଠକର ବାପା । ୧୯୭୦ ଜାନୁଆରୀ ୨୧ ଆନ୍ତର୍ଜାତୀୟ ବେତାର ପରାମର୍ଶଦାତା ପରିଷଦ, ଫେବୃୟାରୀ ୨ ଆନ୍ନାଦୁରାଇ, ୧୯ରେ ନେୱାଲ କିଶୋର, ମାର୍ଚ୍ଚ ୨୭ ନାଳନ୍ଦା କଲେଜ ଶତାବ୍ଦୀ, ୩୦ରେ ଶ୍ରଦ୍ଧାନନ୍ଦ, ଅପ୍ରେଲ ୨୨ ଲେନିନ ଜନ୍ମଶତାବ୍ଦୀ, ମେ ୨୦ ବିଶ୍ୱ ଡାକ ସଂସ୍ଥା କାର୍ଯ୍ୟାଳୟ, ୨୨ରେ ଶେରଶାହ, ୨୮ରେ ସାଭରକର, ଜୁନ ୨୬ ରାଷ୍ଟ୍ରସଂଘର ୨୫ ବର୍ଷ, ଅଗଷ୍ଟ ୧୮ ଏସିଆ ଉତ୍ପାଦିକତା ବର୍ଷ, ୩୧ରେ ମଣ୍ଟେସରି ଶତାବ୍ଦୀ, ସେପ୍ଟେମ୍ବର ୯ ବାଘାଯତୀନ; ୨୨ରେ ଶ୍ରୀନିବାସ ଶାସ୍ତ୍ରୀ, ୨୯ରେ ବିଦ୍ୟାସାଗର, ଅକ୍ଟୋବର ୧୪ ରାମାୟଣ ଜୟନ୍ତୀ, ୧୭ରେ କଲିକତା ବନ୍ଦର ସଂସ୍ଥା, ୨୯ରେ ଯାମିଆମିଲ ଆଇସ୍‌ଲାମିଆ, ନଭେମ୍ବର ୩ ଯମୁନାଲାଲ ବଜାଜ, ୫ରେ ଭାରତୀୟ ରେଡ଼କ୍ରସର ୫୦ ବର୍ଷ, ୯ରେ ସନ୍ଥନାମଦେବ, ଡିସେମ୍ବର ୨୩ ଜାତୀୟ ଡାକଟିକଟ ପ୍ରଦର୍ଶନୀ (୨୦ପ ଓ ୧ ଟଙ୍କା) ଓ ଡିସେମ୍ବର ୨୭ ବାଳିକାଗାଇଡ଼ ଆନ୍ଦୋଳନ ୬୦ ବର୍ଷ ।

୧୯୭୧ରେ ସ୍ମାରକୀ ଟିକଟ ସଂଖ୍ୟା ୧୮କୁ କମି ଆସିଲା । ଜାନୁଆରୀ ୧୧ ଜୀବନବୀମା ଶତାବ୍ଦୀ, ଫେବୃୟାରୀ ୧୦ ସନ୍ଥ ରବି ଦାସ ଓ କାଶୀ ବିଦ୍ୟାପୀଠ ସୁବର୍ଣ୍ଣଜୟନ୍ତୀ, ୧୨ରେ ଆଣ୍ଡ୍ରୁଜ, ୧୯ରେ ନରେନ୍ଦ୍ରଦେବ, ମାର୍ଚ୍ଚ ୧୦ ଜନଗଣନା ଶତାବ୍ଦୀ, ଅପ୍ରେଲ ୧୪ ରମଣ ମହର୍ଷିଙ୍କ ୨୧ ମୃତ୍ୟୁବାର୍ଷିକୀ, ୨୯ରେ ରାଜା ରବି ବର୍ମା;

୩୦ରେ ଦାଦା ସାହେବ ଫାଲକେ, ଅଗଷ୍ଟ ୭ ଅବନୀନ୍ଦ୍ର ନାଥଠାକୁର ଜନ୍ମଶତାବ୍ଦୀ, ସେପ୍ଟେମ୍ବର ୨୪ ବିରଜାନନ୍ଦ, ଅକ୍ଟୋବର ୧୨ ସୁରୁଶଙ୍ଖଘୋଷଣା ପତ୍ରର ୨୫୦୦ ବର୍ଷ, ୩୧ରେ ବିଶ୍ୱମିତବ୍ୟୟିତା ଦିବସ, ନଭେମ୍ବର ୪ ୟୁନେସ୍କୋର ୨୫ ବର୍ଷ, ୧୪ରେ ଶିଶୁଦିବସ, ୨୧ରେ ଚନ୍ଦ୍ରଶେଖର ଭେଙ୍କଟରମଣ, ଡିସେମ୍ବର ୨୪ ବିଶ୍ୱଭାରତୀ ସ୍ୱର୍ଣ୍ଣ ଜୟନ୍ତୀ ଓ ୩୦ରେ କ୍ରିକେଟ ବିଜୟ ।

**ଶରଣାର୍ଥୀ ସାହାଯ୍ୟ ଟିକଟ :**

୧୯୭୧ରେ ଗୋଟିଏ ନୂଆ ଘଟଣା ଘଟିଲା । ପୂର୍ବ ଓ ପଶ୍ଚିମ ପାକିସ୍ଥାନ ମଧ୍ୟରେ ରାଜନୈତିକ ଦଳାଦଳରୁ ଗୃହଯୁଦ୍ଧ ଲାଗିଗଲା । ପଶ୍ଚିମ ପାକିସ୍ଥାନୀ ସୈନ୍ୟମାନଙ୍କ ଅତ୍ୟାଚାର ଯୋଗୁ ପୂର୍ବ ପାକିସ୍ଥାନରୁ ବହୁତ ଶରଣାର୍ଥୀ ଭାରତ ଚାଲି ଆସିଲେ । ଏମାନଙ୍କ ଥଇଥାନରେ ସରକାର ବହୁତ ଖର୍ଚ୍ଚ କଲେ । ଅତିରିକ୍ତ କର ରୂପେ ସରକାର କିଛି ଅର୍ଥ ଲୋକଙ୍କଠାରୁ ଆଦାୟ କଲେ । ନଭେମ୍ବର ୧୫ ଠାରୁ ଡାକମାସୁଲ ଉପରେ ମଧ୍ୟ କର ପଡ଼ିଲା । ପୋଷ୍ଟକାର୍ଡ଼ ଓ ସମ୍ବାଦପତ୍ର ବାଂଛିତ ଅନ୍ୟ ସମସ୍ତ ଡାକ ଜିନିଷ ଉପରେ ମାସୁଲ ସାଙ୍ଗକୁ ୫ ପଇସାର ଶରଣାର୍ଥୀ ସହାୟତା ବା **Refugee Relief** ଟିକସର ଟିକଟ ଲଗାଇବାକୁ ପଡ଼ିଲା । ଏହା ନ ଦେଲେ ଚିଠି ପତ୍ରକୁ ବିଅରିଙ୍ଗ (**Bearing**) ଧରାଯାଇ ପ୍ରାପ୍ତକର୍ତ୍ତା ଠାରୁ ଦୁଇଗୁଣ ବା ୧୦ ପଇସା ଆଦାୟ କରାଯାଉଥିଲା । ନୂଆ ଟିକଟ ବାହାରି ସବୁ ଡାକଘରେ ମିଳିବା ପର୍ଯ୍ୟନ୍ତ ପରିବାର ନିୟୋଜନ (ପାଞ୍ଚପଇସିଆ) ଟିକଟ ଉପରେ **Refugee Relief** ଓ ହିନ୍ଦିରେ "ଶରଣାର୍ଥୀ ସହାୟତା" ଅଧିମୁଦ୍ରିତ ହୋଇ ବା ରବର ମୋହର ବସି ବିକ୍ରି କରାଯାଇଥିଲା । କେତେକ ସ୍ଥାନରେ ୩ପ ଓ ୨ପ ଟିକଟ ଦୁଇଟି ସାମିଲ କରି ମଧ୍ୟ ହାତ ମୋହର ମରା ହୋଇ ଚାଲୁହେଲା । ୧୯୭୩ ଅପ୍ରେଲ ପହିଲାରୁ ଏହି ଅତିରିକ୍ତ ମାସୁଲ ଡାକ ବ୍ୟବସ୍ଥାରୁ ଉଠାଇ ନିଆଗଲା ।

# ॥ ୭ ॥

୧୯୭୨ ମାର୍ଚ୍ଚରେ ଭାରତୀୟ ସୁରକ୍ଷା ମୁଦ୍ରଣାଳୟରେ ବହୁରଙ୍ଗ ମୁଦ୍ରଣ ପାଇଁ ଯନ୍ତ୍ର ଖଞ୍ଜାଗଲା ଓ ରେଳବାଇ ସଂଘର ସ୍ୱର୍ଣ୍ଣଜୟନ୍ତୀ ଟିକଟ ଟି ଏଥିରେ ପ୍ରଥମ ମୁଦ୍ରଣ । ୧୯୭୨ରେ ପ୍ରକାଶିତ ଟିକଟ ସଂଖ୍ୟା ୧୭ । ଫେବୃଆରୀ ୨୬ ଅର୍ଦ୍ଧ ଉପଗ୍ରହ, ଭୂମିକେନ୍ଦ୍ର, ମେ ୨୯ I, S I ର ୨୫ ବର୍ଷ, ଜୁନ ୩୦ ଆନ୍ତର୍ଜାତୀୟ ରେଳବାଇ ସଂଘ, ଅଗଷ୍ଟ ୧୦ରେ ମ୍ୟୁନିକ୍ ଅଲିମ୍ପିକ ପାଇଁ ୨୦ପ· ଓ ୧· ୪୫ ଟ·ର ଦୁଇଟି ଟିକଟ (ଆନ୍ତର୍ଜାତୀୟ ଡାକମାସୁଲ ୧ ଟଙ୍କା ୪୫ ପଇସାକୁ ବଢ଼ିଗଲା), ଅଗଷ୍ଟ ୧୫ରେ ୩ଟି ଟିକଟ—ସ୍ୱାଧୀନତାର ୨୫ବର୍ଷ, ଅରବିନ୍ଦ ସଙ୍କେତ ଓ ସେନାମାନଙ୍କୁ ଅଭିନନ୍ଦନ, ସେପ୍ଟେମ୍ବର ୫ ଚିଦାମ୍ବରମ୍ ପିଲ୍ଲାଇ, ଅକ୍ଟୋବର ୨୬ରେ ଶତାବ୍ଦୀ ଟିକଟମାଳାରେ ୪ଟି ଟିକଟ ବେମନା, ଟି. ପ୍ରକାଶମ୍ ଓ ଭାଇ ବୀରସିଂହ (୨୦ ପ· ଲେଖାଏଁ) ଏବଂ ରସେଲ ଟ୧-୪୫, ନଭେମ୍ବର ୩ ଏସିଆ ୭୨ ମେଳା ଉପଲକ୍ଷେ ୨୦ ପ. ଓ ଟ୧. ୪୫ ପଇସା, ଡିସେମ୍ବର ୩୦ ଡଃ ସରାଭାଇ ୧ମ ମୃତ୍ୟୁବାର୍ଷିକୀ ଏବଂ ସୋଭିଏତ୍ ରୁଷିଆର ୫୦ ବର୍ଷ ।

୧୯୭୩ରେ ଏକ ଆନ୍ତର୍ଜାତୀୟ ଡାକଟିକଟ ପ୍ରଦର୍ଶନୀ (ନଭେମ୍ବର ୧୪ରେ) ହେବ ବୋଲି ପ୍ରଚାର ସ୍ୱରୂପ ଜାନୁଆରୀ ୮ରେ ପ୍ରଦର୍ଶନୀ ସଙ୍କେତ 'INDIPEX-73' ଲେଖା ଓ ଆଲଙ୍କାରିକ ମୟୂର ଛବି ଥାଇ ଟ୧-୪୫ର ଏକ ଟିକଟ ପ୍ରକାଶ କରାଗଲା । ପରବର୍ତ୍ତୀ ଟିକଟଗୁଡ଼ିକ ହେଲା—ଜାନୁଆରୀ ୨୬ ସ୍ୱାଧୀନତାର ରଜତଜୟନ୍ତୀ (୨୦ ପଇସା ଓ ଟ୧. ୪୫), ଫେବୃଆରୀ ୧୮ ରାମକୃଷ୍ଣ ପରମହଂସ, ମାର୍ଚ୍ଚ ୧ ସେନା ଡାକ ସଂସ୍ଥା, ଅପ୍ରେଲ ୧୦ ବାଙ୍ଗଲାଦେଶ ସମ୍ମାନେ, ୧୨ରେ କବି କୁମାରନ୍ ଆସନ, ୧୩ରେ ଶହୀଦ ଶ୍ରଦ୍ଧାଞ୍ଜଳି, ୧୪ରେ ଅମ୍ବେଦକର, ମେ ୫ ଭାରତୀୟ ସୂକ୍ଷ୍ମ କଳାଚିତ୍ର (୨୦ ପ., ୫୦ପ, ଟ୧ ଓ ୨ଟଙ୍କା) ୧୫ରେ ଭାରତୀୟ ପର୍ବତାରୋହଣ, ଜୁନ ୮ ଏଆର ଇଣ୍ଡିଆର ଦରଆପାର ସେବାର ୨୫ ବର୍ଷ, ଜୁଲାଇ ୩ ସେଣ୍ଟଟମାସ୍ ୧୯୦୦ ବର୍ଷ, ଜୁଲାଇ ୨୧ ମାଇକେଲ ମଧୁସୂଦନ ଦତ୍ତ ୨୦ ପଇସା, ଦିଗମ୍ବର ପାଲୁସ୍କର ୩୦ ପ., ଡଃ ଅର-ମାଉଆର୍.ହାନ୍ସେନ୍ ୫୦ ପଇସା ଓ ନିକୋଲାଇ କୋପରନିକସ୍ ୧ ଟଙ୍କା, ଜୁଲାଇ ୩୧ ଆଲନ ଅକ୍ଟାଭିଆନ ହ୍ୟୁମ୍, ଅଗଷ୍ଟ ୧୫ ନେହେରୁ ଓ ଗାନ୍ଧୀ, ସେପ୍ଟେମ୍ବର ୨୬ ରମେଶଚନ୍ଦ୍ର ଦତ୍ତ ୨୦ପ, ରଞ୍ଜିତ୍ ସିଂହଜୀ ୩୦ ପଇସା ଓ ଭିଠଲ ଭାଇ ପଟେଲ ୫୦ ପଇସା, ୩୦ରେ ରାଷ୍ଟ୍ରପତିଙ୍କ ଶରୀରରକ୍ଷୀ, ଅକ୍ଟୋବର ୯ ଆନ୍ତର୍ଜାତୀୟ

ପୋଲିସ; ୧୭ରେ ସାର୍‌ସୟଦ ଅହମ୍ମଦ, ନଭେମ୍ବର ୧୪ INDIPEX-73 ୨୦ ପଇସା, ୧ ଟଙ୍କା, ଟ୧-୪୫ ଓ ଟ୨ଙ୍କା ଓ ଶିଶୁଦିବସ, ୨୫ରେ ଏନ୍.ସି.ସିର ୨୫ ବର୍ଷ ଏବଂ ଡିସେମ୍ବର ୨୫ ଚକ୍ରବର୍ତ୍ତୀ ରାଜଗୋପାଳାଚାରି ।

୧୯୭୨ ଓ ୧୯୭୩ରେ ସରକାର ଦୁଇଟି ନୂଆ ବ୍ୟବସ୍ଥା କଲେ । ବ୍ୟକ୍ତିବିଶେଷ ପ୍ରକାଶନ ବା ଶତାବ୍ଦୀ ସୂଚକ ପ୍ରକାଶନ ଏକାଧିକ ଥିଲେ, ସବୁଗୁଡ଼ିକୁ ଗୋଟିଏ ଦିନରେ ପ୍ରକାଶ କରାଗଲା । ଉଦ୍ଦେଶ୍ୟ ଥିଲା, ଟିକଟ ସଂଗ୍ରାହକମାନେ ବାରମ୍ବାର ଡାକଘରକୁ ନ ଦୌଡ଼ି ଦିନକରେ ପ୍ରକାଶିତ ୩ ବା ୪ଟି ଟିକଟ ଏକାଥରକେ ପ୍ରଥମଦିବସ ଲଫାପା ସହିତ କିଣିନେଇ ପାରିବେ । ୧୯୭୩ର ସୂକ୍ଷ୍ମ ଚିତ୍ରକଳା ଟିକଟ ୪ଟିକୁ ଏକସଙ୍ଗରେ ଗୋଟିଏ ଫର୍ଦ୍ଦରେ ମଧ୍ୟ ପ୍ରକାଶ କରାଗଲା—ଏ ପ୍ରକାର ପ୍ରକାଶକୁ ଟିକଟର ଛୋଟ ଫର୍ଦ୍ଦ ବା Miniature sheet କହନ୍ତି । ମେ ୫ରେ ପ୍ରଥମଥର ଏହା ଭାରତ ସରକାର ପ୍ରଚଳନ କଲେ । ୧୯୭୪ରେ ଭାରତୀୟ ମୁଖା ଟିକଟ ୪ଟିର ଛୋଟ ଫର୍ଦ୍ଦ ଏବଂ ବିଶ୍ୱ ଡାକ ସଂସ୍ଥା ଶତାବ୍ଦୀ ପାଇଁ ପ୍ରକାଶିତ ୩ଟି ଟିକଟ ମଧ୍ୟ ଏକ ଛୋଟ ଫର୍ଦ୍ଦ (miniature sheet) ରେ ପ୍ରକାଶ ହୋଇଥିଲା ।

୧୯୭୪ର ପ୍ରକାଶିତ ଟିକଟଗୁଡ଼ିକ ହେଲା—ଅପ୍ରେଲ ୧୫ ଭାରତୀୟ ମୁଖା ୨୦ ପ: ୫୦ ପ., ୧ ଓ ୨ ଟଙ୍କା, ଜୁନ୍ ୨ ଛତ୍ରପତି ଶିବାଜୀ, ଜୁଲାଇ ୩ ବ୍ୟକ୍ତିବିଶେଷ ପର୍ଯ୍ୟାୟରେ ଉତ୍କଳ ଗୌରବ ମଧୁସୂଦନ, ମୈଥିଲି ଶରଣ ଗୁପ୍ତ ଓ ଜୟନାରାୟଣ ବ୍ୟାସ, ଜୁଲାଇ ୧୫ ପର୍ଯ୍ୟାୟରେ ଥିରେସାଲିଙ୍ଗମ୍ (୨୫ ପ:) ଟିପୁସୁଲତାନ (୫୦ ପ:) ଓ ମାକ୍ସମୁଲର (୧ ଟଙ୍କା), ଅଗଷ୍ଟ ୧ କମଳା ନେହେରୁ, ୧୪ରେ ବିଶ୍ୱଜନ ସଂଖ୍ୟା-ବର୍ଷ, ୨୪ରେ ଭି.ଭି. ଗିରି, ଅକ୍ଟୋବର ୩ ବିଶ୍ୱଡାକସଂସ୍ଥା ଶତାବ୍ଦୀ (୨୫ ପ: ୧ ଓ ୨ ଟଙ୍କା), ୯ରେ ମଥୁରା ପ୍ରତ୍ନତତ୍ତ୍ୱ ଯାଦୁଘର (ଦୁଇଟି ୨୫ ପଇସିଆ), ଓ ନିକୋଲାଇ ରୋଇରିଚ (ଏକଟଙ୍କା), ନଭେମ୍ବର ୧୩ ମହାବୀର ଜୟନ୍ତୀ, ୧୪ରେ ୟୁନିସେଫ୍ ଓ ଶିଶୁଦିବସ, ୧୬ରେ ଆଞ୍ଚଳିକ ବାହିନୀ, ଡିସେମ୍ବର ୨ ଅନ୍ତର୍ଜାତୀୟ ଦୁଗ୍ଧ ଉତ୍ପାଦନ ସମ୍ମେଳନ, ଡିସେମ୍ବର ୧୨ ମାନସିକ ଅକ୍ଷମଙ୍କୁ ସାହାଯ୍ୟ, ୨୪ରେ ମାର୍କୋନିଙ୍କ ଜନ୍ମ ଶତାବ୍ଦୀ (ଦୁଇଟଙ୍କା) ଓ ୨୫ରେ ସେଣ୍ଟ ଫ୍ରାନ୍‌ସିସ୍ ଜାଭିଅର ।

୧୯୭୪ ଅପ୍ରେଲରୁ ସରକାର ଚିଠି ମାସୁଲ ୨୦ ପଇସାରୁ ୨୫ ପଇସାକୁ ବଢ଼ାଇଦେଲେ । ତେଣୁ ଜୁନ ୨ ଛତ୍ରପତି ଶିବାଜୀଙ୍କ ଟିକଟଠାରୁ ଆରମ୍ଭକରି ସବୁ ସ୍ମାରକୀ ଟିକଟ ସାଧାରଣତଃ ୨୫ ପଇସା ମୂଲ୍ୟରେ ଛପାଗଲା । ୧୯୭୪ରେ ମଧ୍ୟ ପଞ୍ଚମ ନିରୂପିତ ପର୍ଯ୍ୟାୟର ଟିକଟ ପ୍ରଚଳନ ଆରମ୍ଭ ହେଲା । ଅଗଷ୍ଟ ୨୦ରେ ୨୫ ପଇସା (ହରିଣ) ଅକ୍ଟୋବର ୧ରେ ୧୫ ପ: (ବାଘ); ଓ ୧ ଟଙ୍କା (ୱୀଣା) ପ୍ରକାଶ ହେଲା । ୧୯୭୫ ଆରମ୍ଭରୁ ସରକାର ନିଷ୍ପତ୍ତି ନେଲେ ଯେ ଟିକଟଗୁଡ଼ିକର ମୂଲ୍ୟାଙ୍କନରେ ପଇସା ବା ଟଙ୍କା ଲେଖାଯିବ ନାହିଁ; କେବଳ ସଂଖ୍ୟା ଦ୍ୱାରା ପଇସା ଅର୍ଥରେ ମୂଲ୍ୟ ସୂଚନା ରହିବ । ଯଥା '20' ହେବ ୨୦ ପଇସା, କିନ୍ତୁ 200 (2 ବଡ଼ ଓ 00 ଛୋଟ) ହେବ ଦୁଇଟଙ୍କା । ତଦନୁଯାୟୀ ୧୯୭୫ରେ ଓ ପରେ ସବୁ ଟିକଟରେ (ସ୍ମାରକୀ ବା ନିରୂପିତ) ଏଭଳି ମୂଲ୍ୟ ସୂଚନା ରହିଲା । ୧୯୭୫ରେ ୫ମ ନିରୂପିତ ପର୍ଯ୍ୟାୟର ୩ଟି ନୂଆ ଟିକଟ ୨୦, ୫୦ ଓ ୨୦୦ ଜୁଲାଇ ୧୫ରେ ପ୍ରକାଶ ହେଲାବେଳେ ପୂର୍ବ ପ୍ରକାଶିତ ୧୫ ପଇସା ଓ ୧ ଟଙ୍କାକୁ ନୂତନ ମୂଲ୍ୟ ସୂଚନା ସହିତ ପ୍ରକାଶ କରାଗଲା । କିନ୍ତୁ ୨୫ ପଇସା ହରିଣ (ଚିତଲ୍) ପୂର୍ବବତ୍ ରହିଲା ।

—ଏକତ୍ରିଂଶ—

୧୯୭୫ର ସ୍ମାରକୀ ଟିକଟଗୁଡ଼ିକ ହେଲା—ଜାନୁଆରୀ ୧୦ ବିଶ୍ୱହିନ୍ଦୀ ସମ୍ମେଳନ, ୨୬ରେ ସଂସଦଭବନ, ଫେବୃଆରୀ ୬ ବିଶ୍ୱଟେବୁଲ ଟେନିସ୍, ୧୬ରେ ଆନ୍ତର୍ଜାତୀୟ ମହିଳା ବର୍ଷ, ଅପ୍ରେଲ ୮ ଗୋଳାବାରୁଦ ବାହିନୀ, ୧୧ରେ ଆର୍ଯ୍ୟ ସମାଜ; ୧୨ରେ ବିଶ୍ୱ ତେଲୁଗୁ ସମ୍ମେଳନ, ୨୦ରେ ଆର୍ଯ୍ୟଭଟ୍ଟ ଉପଗ୍ରହ ପ୍ରେରଣ (୧୯ ତାରିଖର ଘଟଣା ସ୍ମରଣରେ), ୨୮ରେ ପକ୍ଷୀମାଳା (୨୫, ୫୦, ୧୦୦ ଓ ୨୦୦), ମେ ୨୪ ରାମଚରିତମାନସ, ଜୁନ ୨୦ ୟଙ୍ଗ ଉଇମେନସ୍ କ୍ରିଷ୍ଟିଆନ ଆସୋସିଏସନ, ୨୮ରେ ମାଇକେଲ ଆଞ୍ଜେଲୋ ଚିତ୍ର (୫୦ ପଇସିଆ ୪ଟି), ଜୁଲାଇ ୨୮ ଆନ୍ତର୍ଜାତୀୟ ଜଳସେଚନ ତଥା ନିଷ୍କାସନ ଆୟୋଗ, ଅଗଷ୍ଟ ୧ ଶିକ୍ଷକ ଉପଗ୍ରହ (SITE), ୧୪ରେ ସନ୍ଥ ଅରୁଣଗିରି ନାଥେର, ୩୦ରେ ନାମିବିଆ ଦିବସ, ସେପ୍ଟେମ୍ବର ୪ ଅହଲ୍ୟାବାଇ ହୋଲକାର ଓ ମିଶ୍ରଅନସ, ଅକ୍ଟୋବର ୨୦ ନୃତ୍ୟପର୍ଯ୍ୟାୟରେ ୨୫, ୫୦, ୭୫, ୧୦୦, ୧୫୦ ଓ ୨୦୦, ଅକ୍ଟୋବର ୨୪ ନିଷ୍ଟମେନନ (୨୫), ଅମୀରଖୁସ୍ରୁ (୫୦) ଓ ବାହାଦୁରସାହା ଜାଫର (୧୦୦), ୨୮ରେ ଏକବିଂଶ ସଂସଦୀୟ ସମ୍ମେଳନ, ୩୧ରେ ବଲ୍ଲଭଭାଇ ପଟେଲ, ନଭେମ୍ବର ୩ ବର୍ଦ୍ଧୋଲଇ, ୧୪ରେ ଶିଶୁଦିବସ, ଡିସେମ୍ବର ୧୩ ଭାରତ ସୁରକ୍ଷା (ପ୍ରତିଭୂତି) ମୁଦ୍ରଣାଳୟ, ୧୬ରେ ଗୁରୁ ତେଗ୍ ବାହାଦୁର, ୨୦ରେ ଥିଓସଫିକାଲ ସୋସାଇଟି, ୨୪ରେ ପାଗ ପର୍ଯ୍ୟବେକ୍ଷଣ ଓ ୨୫ରେ ଭାରତୀୟ ଡାକଟିକଟ ପ୍ରଦର୍ଶନୀ ୨୫ ଓ ୨୦୦ ।

୧୯୭୪ର ନୂଆ କଥା ହେଲା—ମଥୁରା ମ୍ୟୁଜିଅମ୍ ସମ୍ବନ୍ଧୀୟ ଦୁଇଟି ଟିକେଟ ହଳେ ଲେଖାଏଁ ଫର୍ଦ୍ଦରେ ଛପା ହେଲା । ଏପ୍ରକାର ହଳ ହଳ ବିଭିନ୍ନ ଟିକଟକୁ Se-tenant block କହନ୍ତି । ଦୁଇ ଟିକଟ ଯଦି ବିପରୀତ ମୁହାଁ ହୋଇ ଛପା ହୋଇଥାଏ, ସେ ଯୋଡ଼ିକୁ Tete-beche pair କହନ୍ତି । Se-tenant ବ୍ଲକରେ ଦୁଇ ବା ଅଧିକ ଟିକଟ ସିଧା ଛବି ଥାଇ ଛପା ହୋଇଥାନ୍ତି । ୧୯୭୫ରେ ମାଇକେଲ ଆଞ୍ଜେଲୋ ଆଙ୍କିଥିବା ଗୋଟିଏ ଛବିକୁ ଚାରୋଟି ଟିକଟ କରି ଛପାଯାଇଛି । ଏହା ଏକ ନୂଆକଥା । Se-tenant ବ୍ଲକରେ ଥିବା ଟିକଟଗୁଡ଼ିକର ଆକାର ବା ଆୟତନ ସମାନ, କିନ୍ତୁ ମାଇକେଲ ଆଞ୍ଜେଲୋ ଟିକଟ ବ୍ଲକରେ ଦୁଇଯୋଡ଼ି ଟିକଟର ଆକାର ଭିନ୍ନ । ଏହାକୁ Quartet କହନ୍ତି । ୧୯୭୫ରେ ଆଉ ଗୋଟିଏ ନୂଆ ଘଟଣା ହେଉଛି—ଆମଦାନି କାଗଜ ବଦଳରେ ଦେଶୀ କାଗଜର ବ୍ୟବହାର । ପଇସା ଓ ୫ ପଇସା (ପରିବାର ନିୟୋଜନ) ଟିଟାଗଡ଼ କାଗଜ କଳରେ ତିଆରି ବଡ଼ ବଡ଼ ତାରା ଓ ଭାରତ ସରକାର ଲେଖା ଜଳଚିହ୍ନ ଥିବା କାଗଜରେ ଛପାହେଲା—(ମାର୍ଚ୍ଚ ୧-୧୯୭୫) । ଆମଦାନୀ କାଗଜର ଦାମ ବେଶୀ ପଡ଼ୁଥିବାରୁ ଏହା କରାଗଲା । ପୂର୍ବର ୨୦ ପଇସିଆ ଲଫାପାରେ ଏବେ ୫ ପଇସିଆ ଟିକଟ ଲଗାଇବାକୁ ପଡ଼ୁଥିବାରୁ ଅଧିକ ଟିକଟ ଛପାଇବା ଦରକାର ହେଲା । ୧୯୬୮ ମେ ୧୫ରେ ୪ ପଇସିଆ (କଫିଫଳ) ଟିକଟ ଛପା ହୋଇଥିଲା—୬ ପଇସିଆ କାର୍ଡ଼କୁ ୧୦ ପଇସିଆ କରିବାପାଇଁ । କିନ୍ତୁ ସେଥିରେ ବିଦେଶୀ କାଗଜ ଲାଗିଥିଲା ।

॥ ୮ ॥

ଭାରତୀୟ ଟିକଟ ସଂଗ୍ରହର କେତେଗୁଡ଼ିଏ ବିଶେଷ ଦିଗ ଅଛି । ବ୍ରିଟିଶ ସାମ୍ରାଜ୍ୟରେ ଥିବାବେଳେ ଭାରତର ଟିକଟଗୁଡ଼ିକ ସାମ୍ରାଜ୍ୟର କେତେକ ଉପନିବେଶରେ ମଧ୍ୟ ବ୍ୟବହାର ହୋଇଥିଲା, ପୂର୍ବରେ ବର୍ମା, ଷ୍ଟ୍ରେଟ୍‌ସ୍ ସେଟେଲମେଣ୍ଟ (ବର୍ତ୍ତମାନର ମାଲୟେସିଆ ଓ ସିଙ୍ଗାପୁର), ପଶ୍ଚିମରେ ଆଡେନ, ଜାଞ୍ଜିବର ଆଦି । ଏଗୁଡ଼ିକୁ 'ବିଦେଶରେ ଭାରତ ବ୍ୟବହାର' (India Used Abroad) ଶ୍ରେଣୀରେ ସଂଗ୍ରହ କରାଯାଏ ।

ସ୍ୱାଧୀନତା ପରେ ମଧ୍ୟ ଆମର ସେନାବାହିନୀ ବିଦେଶରେ କାମ କରିଛନ୍ତି । ସେମାନଙ୍କ ଡାକରେ ବ୍ୟବହାର ପାଇଁ ସ୍ୱତନ୍ତ୍ରଭାବେ ଅଧିମୁଦ୍ରିତ (Overprinted) ଟିକଟ ପ୍ରଚଳିତ ହୋଇଛି । କୋରିଆରେ ଶାନ୍ତିରକ୍ଷା ପାଇଁ ଆମ ସେନାବାହିନୀକୁ ଭାଗ ନେବାକୁ ପଡ଼ିଥିଲା; ସେମାନଙ୍କ ବ୍ୟବହାର ପାଇଁ ୧୯୫୩ରେ "ଭାରତୀୟ ସଂରକ୍ଷା କଟକ" ହିନ୍ଦିରେ ଅଧିମୁଦ୍ରିତ ହୋଇ ପ୍ରତ୍ନତତ୍ତ୍ୱ ପର୍ଯ୍ୟାୟର ଟିକଟ ଯୋଗାଯାଇଥିଲା । (୩ ପାହୁଲାରୁ ୧ ଟଙ୍କା ପର୍ଯ୍ୟନ୍ତ ୧୨ଟି ଟିକଟ) । କଙ୍ଗୋରେ ଜାତିସଂଘର ସେନାବାହିନୀର ଅଙ୍ଗ ରୂପେ କାମ କରୁଥିବା ଭାରତୀୟ ସୈନ୍ୟଙ୍କ ପାଇଁ ୧୯୬୨ ଜାନୁୟାରୀ ୧୫ରେ ମାନଚିତ୍ର ଟିକଟମାଳାର ୧, ୨, ୫, ୮, ୧୩ ଓ ୫୦ ପ: (୬ଟି ଟିକଟ) ଉପରେ U. N. Force (India) Congo ଅଧିମୁଦ୍ରିତ ହୋଇଥିଲା । ମିଶର ଇସ୍ରାଏଲ ସୀମାରେ ଗାଜା ଅଞ୍ଚଳରେ ଜାତିସଂଘ ବାହିନୀର ଅଂଶ ରୂପେ ଆମ ସେନାମାନେ ଶାନ୍ତିରେ ସୁରକ୍ଷା ବ୍ୟବସ୍ଥା ତଦାରଖ କରିଥିଲେ, ସେମାନଙ୍କ ବ୍ୟବହାର ପାଇଁ ୧୯୬୫ ଜାନୁଆରୀ ୧୫ରେ UNEF ଅଧିମୁଦ୍ରିତ ହୋଇ ୧୯୬୪ ଶିଶୁଦିବସ ଟିକଟଟି ଚାଲୁହେଲା ।

ବହୁଦିନ ଧରି ଇଣ୍ଡୋଚୀନରେ କ୍ରମାଗତ ଗଣ୍ଡଗୋଳ ଲାଗି ରହିଥିଲା । ସେଠାରେ ଶାନ୍ତିରକ୍ଷାପାଇଁ ଆନ୍ତର୍ଜାତୀୟ କମିଶନର ଉପସଭାପତି ରୂପେ ଆମ ଦେଶ କାର୍ଯ୍ୟ କରିଥିଲା । ଏଥିପାଇଁ ଲାଓସ୍, କାମ୍ବୋଜ ଓ ଭିଏତନାମରେ ଆମ ଜବାନ ତଥା କର୍ମଚାରୀମାନେ ଥିଲେ । ସେମାନଙ୍କ ଡାକ ବ୍ୟବହାର ପାଇଁ ପ୍ରଥମେ

୧୯୫୪ ଡିସେମ୍ବର ପହିଲାରେ ପ୍ରନ୍ନତତ୍ତ୍ୱ ପର୍ଯ୍ୟାୟର ୩ ପାହୁଲା ୧, ୨, ୮ ଓ ୧୨ ଅଣା ଟିକଟଗୁଡ଼ିକରେ ହିନ୍ଦରେ 'ଅନ୍ତର୍ରାଷ୍ଟ୍ରୀୟ ଆୟୋଗ ଲାଓସ' 'ଅନ୍ତର୍ରାଷ୍ଟ୍ରୀୟ ଆୟୋଗ କାଂବୋଜ' ଓ 'ଅନ୍ତର୍ରାଷ୍ଟ୍ରୀୟ ଆୟୋଗ ଭିଏତନାମ' ପୃଥକ ଭାବରେ ଅଧିମୁଦ୍ରିତ ହୋଇଥିଲା । ପରେ ୧୯୫୭ ଅପ୍ରେଲ ପହିଲାରେ ମାନଚିତ୍ର ପର୍ଯ୍ୟାୟର ୨, ୬, ୧୩ ୫୦ ଓ ୭୫ ନୂଆପଇସା (ଭାରତ ଜଳଚିହ୍ନ) ଟିକଟ ଉପରେ ସେହିଭଳି ଅଧିମୁଦ୍ରିତ ହୋଇଥିଲା । ଏ ପ୍ରକାର ଟିକଟ ପୁଣି ଦରକାର ହେବାରୁ ୧୯୬୨ରୁ ୧୯୬୫ ମଧ୍ୟରେ ଅଶୋକସ୍ତମ୍ଭ ଜଳଚିହ୍ନ ଥିବା ମାନଚିତ୍ର ଟିକଟରେ ମଧ୍ୟ ଏପ୍ରକାର ଅଧିମୁଦ୍ରଣ କରାଗଲା । କାମ୍ବୋଡ଼ିଆରେ ୬ ନୂ.ପ, ଲାଓସ୍‌ରେ ୨, ୩, ୫, ୫୦ ଓ ୭୫ ନୂ.ପ. ଏବଂ ଭିଏତନାମରେ ୧, ୨, ୩, ୫, ୫୦ ଓ ୭୫ ନୂ: ପ: ବ୍ୟବହାର ପାଇଁ ଅଧିମୁଦ୍ରିତ ହୋଇଥିଲା । ୧୯୬୫ ଜାନୁଆରୀ ୧୫ରେ ଗାଜାରେ ବ୍ୟବହାର ପାଇଁ ଯେପରି ନେହେରୁ ଟିକଟ ଉପରେ UNEF ଲେଖା ଥିଲା, ସେହିପରି ଲାଓସ୍ ଓ ଭିଏତନାମରେ ଆନ୍ତର୍ଜାତୀୟ ଆୟୋଗ ପାଇଁ 'ICC' ଛପା ହୋଇଥିଲା । ୧୯୬୫ର ୪ର୍ଥ ନିରୂପିତ ଟିକଟମାଳାର ୨, ୩, ୫, ୧୦, ୧୫, ୬୦ ପଇସା ୧ ଓ ୨ ଟଙ୍କାର ଟିକଟ ୧୯୬୮ ଅକ୍ଟୋବର ୨ରେ ICC ଅଧିମୁଦ୍ରିତ ହୋଇ ଲାଓସ୍ ଓ ଭିଏତ୍‌ନାମରେ ବ୍ୟବହାର ହୋଇଥିଲା ।

ବ୍ରିଟିଶ ରାଜତ୍ୱ ସମୟରେ ସେନାବାହିନୀ ବ୍ୟବହାର ପାଇଁ ମଧ୍ୟ ଟିକଟ ଅଧିମୁଦ୍ରିତ ହେଉଥିଲା, କିନ୍ତୁ ଉଦ୍ଦେଶ୍ୟ ଥିଲା ଯୁଦ୍ଧ ଚାଲୁ ରଖିବା – ଶାନ୍ତିସ୍ଥାପନ ନୁହେଁ । ୧୯୦୦ରେ ଚୀନରେ ଯୁଦ୍ଧ ଚଳାଉଥିବା ସେନା-ବାହିନୀର ବ୍ୟବହାର ପାଇଁ ଭିକ୍ଟୋରିଆଙ୍କ ୩ ପାହୁଲା, ଅଧଅଣା, ୧, ୨, ୨½, ୩, ୪, ୮, ୧୨ ଅଣା ଓ ୧ ଟଙ୍କା ଟିକଟ ଉପରେ C.E.F ଅଧିମୁଦ୍ରିତ ହୋଇଥିଲା । ଅଣାକିଆ ଦୁଇରଙ୍ଗର (ଧୂସର ଓ ଲାଲ) ବ୍ୟବହାର ହୋଇଥିଲା । ୧୯୦୪ରେ ଏହି ଉଦ୍ଦେଶ୍ୟରେ ସପ୍ତମ ଏଡ଼ୱାର୍ଡ଼ଙ୍କ ଟିକଟ ୩ ପାହୁଲା, ୧, ୨, ୨½, ୩, ୪, ୮, ୧୨ ଅଣା ଓ ୧ ଟଙ୍କା ମଧ୍ୟ C.E.F. ଅଧିମୁଦ୍ରିତ ହେଲା । ୧୯୦୯ ଆଉ ଦୁଇଟି ଟିକଟ ଅଧଅଣା ଓ ୧ ଅଣା (ଉଭୟରେ Postage & Revenue ଲେଖାଅଛି) ମଧ୍ୟ ଅଧିମୁଦ୍ରିତ ହେଲା । ୧୯୧୩ରୁ ୨୧ ମଧ୍ୟରେ ପଞ୍ଚମଜର୍ଜଙ୍କ ଟିକଟ ୩ ପାହୁଲା, ଅଧଅଣା, ୧, ୧½, ୨, ୨½, ୩, ୪, ୮, ୧୨ ଅଣା ଓ ୧ ଟଙ୍କା ମଧ୍ୟ ଭାରତ ସାମ୍ରାଜ୍ୟର ବିଭିନ୍ନ ଅଞ୍ଚଳରେ ଯୁଦ୍ଧରତ ସୈନ୍ୟବାହିନୀ ପାଇଁ ୧୯୧୪ରେ "I.E.F." ଅଧିମୁଦ୍ରିତ ହୋଇଥିଲା ।

ସରକାରୀ (SERVICE) ଟିକଟ ସଂଗ୍ରହ ନ କଲେ କୌଣସି ଦେଶର ଟିକଟ ସଂଗ୍ରହ ସମ୍ପୂର୍ଣ୍ଣ ହୁଏ ନାହିଁ । ୧୮୬୬ ଅଗଷ୍ଟ ପହିଲାରେ ପ୍ରଥମେ Service ପୁନର୍ମୁଦ୍ରିତ ହୋଇ ତତ୍କାଳୀନ ଅଧଅଣା, ୧ ଅଣା, ୮ ଅଣା ଟିକଟ ଚାଲୁ ହେଲା । ପରେ ହାତୀମୁଣ୍ଡ ଜଳଚିହ୍ନ ଥିବା ଅଧଅଣା, ୧, ୨ ଓ ୪ ଅଣା ଟିକଟ ମଧ୍ୟ ପୁନର୍ମୁଦ୍ରିତ ହେଲା । ୧୮୭୨ରେ ୮ ପାହୁଲା ଟିକଟ ମଧ୍ୟ Service ପୁନର୍ମୁଦ୍ରିତ ହେଲା । ୧୮୬୬ରୁ ୧୮୭୩ ମଧ୍ୟରେ ହାତୀମୁଣ୍ଡ ଜଳଛବି ଥିବା ଅଧଅଣା, ୧, ୨, ୪, ଓ ୮ ଅଣାର ଟିକଟ ସରକାରୀ ଟିକଟ ରୂପେ ପୁନର୍ମୁଦ୍ରିତ ହୋଇଥିଲା ।

—ଚଉସଠି—

୧୮୬୬ରେ ରସିଦ ବା ରାଜସ୍ୱ ପାଇଁ ବ୍ୟବହୃତ ଟିକଟ (**Receipt** ବା **revenue**) ପୁନର୍ମୁଦ୍ରିତ ହୋଇ ସର୍ଭିସ୍ ଟିକଟ ରୂପେ ବ୍ୟବହାର ହେଲା । ଏଗୁଡ଼ିକ ଅଧଅଣା ୨, ୪ ଓ ୮ ଅଣାର ଥିଲା । ଡାକ ଟିକଟ-ରୂପେ ବ୍ୟବହାର ନହୋଇ ରାଜସ୍ୱ ବା ରସିଦ ଅର୍ଥରେ ବ୍ୟବହୃତ ହୋଇଥିଲେ ଏଗୁଡ଼ିକୁ **Fiscals** (ଫିସ୍କାଲ୍) କୁହାଯାଇଥାନ୍ତା । ୧୮୬୬ ଜୁନ ୨୬ରେ ସାଧାରଣ ଟିକଟ ରୂପେ ୬ଅଣିଆ ଫିସ୍କାଲ ମଧ୍ୟ ଡାକଟିକଟ ରୂପେ ପୁନର୍ମୁଦ୍ରିତ ହୋଇ ସର୍ବସାଧାରଣରେ ଡାକମାସୁଲ ରୂପେ ବ୍ୟବହାର ହୋଇଥିଲା । ଉପଯୁକ୍ତ ମୂଲ୍ୟର ଟିକଟ ଯଥେଷ୍ଟ ନ ମିଳିଲେ ସାମୟିକ ଚାହିଦା ପୂରଣ କରିବାକୁ ଏ ଉପାୟ କରାଯାଏ ।

୧୮୭୪ରୁ ୧୮୮୨ ମଧ୍ୟରେ ଅଧଅଣା, ୧, ୨, ୪ ଓ ୮ ଅଣା ଟିକଟରେ On *H. M. S.* ଲେଖା ହୋଇ ଚାଲୁହେଲା । ୧୮୮୩ ଓ ୧୮୯୯ ମଧ୍ୟରେ ରାଣୀ ଭିକ୍ଟୋରିଆଙ୍କ ୩ ପାହୁଲା, ଅଧଅଣା, ୧, ୨, ୪ ଓ ୮ଅଣା ଏବଂ ୧ ଟଙ୍କା ଟିକଟ **On** ***H. M. S.*** ପୁନର୍ମୁଦ୍ରିତ ହୋଇ ଚାଲୁ ହୋଇଥିଲା । ୧୯୦୦ରେ ରାଣୀଭିକ୍ଟୋରିଆଙ୍କ ତତ୍କାଳୀନ ଅଧଅଣା, ୧ ଓ ୨ଅଣା ଟିକଟ ତଦ୍ରୂପ ଛପାହୋଇ ବ୍ୟବହାର ହେଲା । ୧୯୦୨ରୁ ୧୯୦୫ ମଧ୍ୟରେ ସପ୍ତମ ଏଡ଼ୱାର୍ଡ଼ଙ୍କ ୩ ପାହୁଲା, ଅଧଅଣା ୧, ୨, ୪, ୬, ୮ ଅଣା ଓ ୧ ଟଙ୍କା ଟିକଟ On *H. M. S.* ଛପା ହୋଇ ସରକାରୀ ଚିଠିପତ୍ରରେ ବ୍ୟବହାର ହେଲା । ୧୯୦୬ରେ ଅଧଅଣା ଓ ଏକଅଣା ଏଡ଼ୱାର୍ଡ଼ ଟିକଟ ମଧ୍ୟ ପୁନର୍ମୁଦ୍ରିତ ହୋଇ ସରକାରୀ ଟିକଟ ହୋଇଥିଲା । ଏ ଯାବତ୍ ଟଙ୍କାକରୁ ବେଶି ମୂଲ୍ୟର ଟିକଟ ସରକାରୀ ବ୍ୟବହାରରେ ଲାଗି ନଥିଲା । ୧୯୦୯ରେ ପ୍ରଥମକରି ଏଡ଼ୱାର୍ଡ଼ ଟିକଟର ୨, ୫, ୧୦, ୧୫ ଓ ୨୫ ଟଙ୍କା ଟିକଟ ଉପରେ On *H. M. S.* ଛପାହୋଇ ବ୍ୟବହାର ହେଲା ।

ପଞ୍ଚମଜର୍ଜଙ୍କ ଟିକଟ ଉପରେ On *H. M.* S. ଲେଖା ନ ହୋଇ କେବଳ **Service** ଲେଖା ହେଲା—୩ ପାହୁଲାରୁ ୨୫ ଟଙ୍କା ପର୍ଯ୍ୟନ୍ତ ଟିକଟ ଉପରେ । ୧୯୨୧ରେ ଅଣିକିଆ ଟିକଟକୁ ନଅପଇସା (**Nine pice**) ଅବମୂଲ୍ୟାୟନ (**Surcharged**) କରାଗଲା । ୧୯୨୨ରେ ଚକୋଲେଟ ରଙ୍ଗର ଅଣିକିଆ ଟିକଟରେ **SERVICE** ପୁନର୍ମୁଦ୍ରିତ ହେଲା । ୧୯୨୫ରେ ୧୫ଟଙ୍କା ଓ ୨୫ ଟଙ୍କା ଉପରେ ୧ଟଙ୍କା ଏବଂ ୧୦ ଟଙ୍କା ଉପରେ ୨ଟଙ୍କା ଅଧିମୁଦ୍ରିତ ହୋଇ ଚାଲୁ ହେଲା । ୧୯୨୬ରେ ସରକାରୀ ବ୍ୟବହାର ପାଇଁ ଅଣିକିଆ ଟିକଟ ଅଭାବ ହେବାରୁ ୬ଅଣା, ୧୳ ଅଣା ଓ ୨୳ ଅଣା ଟିକଟ ଉପରେ ସର୍ଭିସ ପୁନର୍ମୁଦ୍ରିତ ଓ ଏକଅଣା ଅଧିମୁଦ୍ରିତ ହେଲା । ଏହି ସମୟ ମଧ୍ୟରେ ପଞ୍ଚମଜର୍ଜଙ୍କ ବହୁତାରକା ଜଳଚିହ୍ନ ଥିବା ୩ ପାହୁଲାରୁ ୧୦ ଟଙ୍କା ପର୍ଯ୍ୟନ୍ତ ଟିକଟ ସରକାରୀକାମରେ **SERVICE** ପୁନର୍ମୁଦ୍ରିତ ହୋଇ ୧୯୩୬ ପର୍ଯ୍ୟନ୍ତ ଚାଲୁ ହେଲା । ୧୯୩୭ରୁ ୧୯୩୯ ମଧ୍ୟରେ ଷଷ୍ଠ ଜର୍ଜଙ୍କ ସମୟର ବିଭିନ୍ନ ଟିକଟ ପୁନର୍ମୁଦ୍ରିତ ହେଲା । ବଳକା ହୋଇ ପଡ଼ିଥିବା ୧୳ଅଣା ଟିକଟଟି **SERVICE 1A** ପୁନର୍ମୁଦ୍ରିତ ହୋଇ ଚାଲୁହେଲା ।

୧୯୩୯ ଜୁନ ୨ରେ ସ୍ୱତନ୍ତ୍ର ସର୍ଭିସ ଟିକଟ (ଷଷ୍ଠଜର୍ଜଙ୍କ ଛବି ଥାଇ) ପ୍ରକାଶ ହେଲା । ଏଗୁଡ଼ିକର ମୂଲ୍ୟ ହେଲା ୩ ପାହୁଲା, ଅଧଅଣା, ନଅ ପାହୁଲା, ୧ ଅଣା, ୧ଅଣା ୩ ପାହୁଲା, ୧୳ ଅଣା, ୨ ୨୳, ୪ ଓ ୮ ଅଣା ।

ସ୍ୱାଧୀନତାପରେ ୧୯୪୮ ଅଗଷ୍ଟରେ ମହାତ୍ମାଗାନ୍ଧୀଙ୍କ ଟିକଟ (୪ଟି) ଉପରେ **SERVICE** ପୁନର୍ମୁଦ୍ରିତ ହୋଇ ସରକାରୀ ବ୍ୟବହାର ପାଇଁ ଯୋଗାଇ ଦିଆଗଲା । ଏ ଟିକଟଗୁଡ଼ିକ ଏବେ ଦୁଷ୍ପ୍ରାପ୍ୟ ହୋଇ

ପଡ଼ିଛି । ୧୯୫୦ ଜାନୁଆରୀ ୨ରେ ଅଶୋକସ୍ତମ୍ଭ ଛବି ଥିବା ସର୍ଭିସ୍ ଟିକଟ ପ୍ରଥମ ପର୍ଯ୍ୟାୟ ଟଙ୍କା ଓ ଉପର ମୂଲ୍ୟର ପ୍ରକାଶ ହେଲା । ଜୁଲାଇ ୧ରେ ୪ଅଣା ବ୍ୟତୀତ ଅନ୍ୟସବୁ ଅଣା ମୂଲ୍ୟର ଏବଂ ୧୯୫୧ରେ ୪ଅଣା ମୂଲ୍ୟର ଟିକଟ ପ୍ରକାଶ ହେଲା । ସେହି ଛବି ଥାଇ ମୂଲ୍ୟ ନୂଆପଇସାରେ ଉଲ୍ଲେଖହୋଇ ୧୯୫୭ ଅପ୍ରେଲ ପହିଲାରେ ୧୦ଟି ଟିକଟ (୧, ୨, ୩, ୫, ୬, ୧୩, ୧୫, ୨୦, ୨୫, ୫୦ ନୂ : ପ) ବାହାରିଲା । ୧୯୫୮ରେ ସେହି ଟିକଟ-ଗୁଡ଼ିକ ଅଶୋକସ୍ତମ୍ଭ ଜଳଚିହ୍ନ ଥିବା କାଗଜରେ ଛପାହେଲା ଟଙ୍କା ଓ ବେଶି ମୂଲ୍ୟର ଟିକଟ ସବୁ (୧, ୨, ୫ ଓ ୧୦ ଟଙ୍କା) ମଧ୍ୟ ଅଶୋକସ୍ତମ୍ଭ ଜଳଚିହ୍ନ ଥିବା କାଗଜରେ ପୁଣିଥରେ ଛପାଗଲା ।

୧୯୬୭ରେ ଦ୍ୱିତୀୟ ପର୍ଯ୍ୟାୟରେ ନୂଆନକ୍ସାର ଅଶୋକସ୍ତମ୍ଭ ସର୍ଭିସ୍ ଟିକଟ ଚାଲୁ ହେଲା । ସେ ବର୍ଷ ଏକଟଙ୍କାର ଓ ୧୯୬୮ରେ ପଇସା ମୂଲ୍ୟର ସବୁଟିକଟ ୨, ୩, ୫; ୬, ୧୦, ୧୫, ୨୦, ୩୦ (ଓ ୫୦ ପ) ପ୍ରକାଶ ହେଲା ।

୧୯୭୧ ନଭେମ୍ବର ୧୫ରୁ ଜାରି ହୋଇଥିବା **Refugee relief** ବା ଶରଣାର୍ଥୀ ସହାୟତା ଟିକସ ପାଇଁ ଗୋଟିଏ ୫ ପଇସିଆ ସର୍ଭିସ୍ ଟିକଟ ପ୍ରକାଶ ହେଲା । ସାମୟିକ ଚାହିଦା ମେଣ୍ଟାଇବା ପାଇଁ ଚଳୁଥିବା ଦୁଇ ପ୍ରକାରର ପାଞ୍ଚ ପଇସିଆ ସର୍ଭିସ୍ ଟିକଟ ଉପରେ ଶରଣାର୍ଥୀ ସହାୟତା ପୁନର୍ମୁଦ୍ରିତ ହୋଇ ପ୍ରଚଳିତ ହୋଇଥିଲା । ହାତ ମୋହର ବା ରବର ମୋହର ଲଗା ପାଞ୍ଚପଇସିଆ ଟିକଟ ମଧ୍ୟ ପ୍ରଚଳିତ ହୋଇଥିଲା ।

୧୯୭୬ ଅପ୍ରେଲ ୧ରୁ ଅଶୋକସ୍ତମ୍ଭ ସର୍ଭିସଟିକଟର ନୂଆ ସଂସ୍କରଣ ହେଲା, ଏଥିରେ ମୂଲ୍ୟ କେବଳ ସଂଖ୍ୟା ଆକାରରେ ଲେଖାଗଲା । ଯଥା ୨, ୫, ୧୦, ୧୫, ୨୦, ୨୫, ୩୦, ୩୫, ୫୦, ୧୦୦, ୨୦୦, ୫୦୦, ୧୦୦୦ । ଶେଷ ତିନୋଟି ବଡ଼ ସାଇଜର ।

୧୯୮୧ ଫେବୃୟାରୀରେ ୨୦୦, ୫୦୦ ଓ ୧୦୦୦ ମୂଲ୍ୟର ସର୍ଭିସ ଟିକଟର ଧଡ଼ିଡ଼ିଜାଇନ ବଦଳା-ଗଲା; ଖିଲାଣ ଥିବା ଖମ୍ବ ମଝିରେ ଅଶୋକସ୍ତମ୍ଭ ।

୧୯୭୬ ଓ ୧୯୮୧ ସିରିଜ୍‌ରେ ସର୍ଭିସ ଟିକଟସବୁ "ବଡ଼ ତାରକା ଓ INDIA GOVT" ଜଳଚିହ୍ନଥିବା କାଗଜରେ ଛପା ହେଲା ।

୧୯୮୧ ଡିସେମ୍ବର ୧୦ ପରଠାରୁ ଛପା ହୋଇଥିବା ସର୍ଭିସ୍ ଟିକଟରେ ଜଳଚିହ୍ନ ରହିଲା ନାହିଁ, ଅଠା ଦିଆଗଲା ନାହିଁ, ଛିଦ୍ର ବି ରହିଲା ନାହିଁ । କ୍ରିମ୍ କାଗଜରେ ଛପା ଏହି ଟିକଟ ଗୁଡିକର ମୂଲ୍ୟଥିଲା ୫, ୧୦, ୧୫, ୨୦, ୨୫, ୩୫, ୫୦, ୧୦୦, ୨୦୦, ୫୦୦, ଓ ୧୦୦୦ ।

୧୯୮୨ ନଭେମ୍ବର ୨୨ରୁ ପୁଣି ସେହି ଟିକଟଗୁଡ଼ିକ ସାଙ୍ଗରେ ୩୦ ପଇସା ବି ବଡ଼ ତାରକା ଓ INDIA GOVT ଜଳଚିହ୍ନ ଥିବା କାଗଜରେ ୧୨୪ × ୧୩ ଛିଦ୍ରମାପରେ ଛପା ହେଲା । ଜଳଚିହ୍ନ ପାର୍ଶ୍ୱନ୍ତର ଭାବେ ଥିବା କାଗଜରେ ୫, ୧୦, ୧୫, ୨୦, ୩୦, ୩୫, ୫୦, ୧୦୦, ୨୦୦, ୫୦୦, ଓ ୧୦୦୦ (କିନ୍ତୁ ୨୫ ପଇସା ନାହିଁ) ଟିକଟ ୧୯୮୪ ଅପ୍ରେଲ ୧୬ରେ ଛପାହେଲା ।

—ଛପ୍ୟାଳିଶି—

## ॥ ୯ ॥

ଟିକଟ ସଂଗ୍ରହ ସମ୍ପର୍କରେ ଆଉ କେତେଗୁଡ଼ିଏ ଜାଣିବାର କଥା ଅଛି । ପ୍ରଥମ କଥା ହେଉଛି ଯେ ଆମେ ଯେଉଁ ଟିକଟ ରଖୁଛୁ, ସେ ବିଷୟରେ ଅଧିକ ଜ୍ଞାନ କିପରି ମିଳିବ । ଟିକଟଟିକୁ ସବୁ ଦିଗରୁ ଭଲ ଭାବେ ପଢ଼ । ଅସ୍ପଷ୍ଟ ଥିଲେ ବର୍ଦ୍ଧକ କାଚ (magnifying glass) ଦେଇ ପଢ଼ । କେଉଁ ଦେଶର ଟିକଟ, କେଉଁ ଉଦ୍ଦେଶ୍ୟରେ ଟିକଟ ବାହାରିଛି, ଛବିଟିରେ କ'ଣ କୁହାଯାଇଛି, ଟିକଟଟି କେଉଁ କେଉଁ ରଙ୍ଗରେ ଛପା ଯାଇଛି, ଟିକଟଟିର ପୂରା ଆୟତନ (Overall size) କ'ଣ, ତା'ର ମୁଦ୍ରିତ ଅଂଶର ପରିମାଣ (Printing size) କେତେ, ଟିକଟର ଧାରର ପ୍ରତି ଦୁଇ ସେଣ୍ଟିମିଟରରେ କେତୋଟି ଛିଦ୍ର ଅଛି, (Perforation), କେଉଁ ପ୍ରଣାଳୀରେ ଛପା ହୋଇଛି, କି ପ୍ରକାର କାଗଜ ବ୍ୟବହାର ହୋଇଛି, କାଗଜରେ ଜଳଚିହ୍ନ କ'ଣ ଓ କିପରି ଅଛି, ପ୍ରତି ସିଟରେ କେତୋଟି ଟିକଟ ଅଛି ଓ ମୋଟ ଛପା ଟିକଟ ସଂଖ୍ୟା କେତେ, ଇତ୍ୟାଦି ଇତ୍ୟାଦି ।

ପ୍ରତି ଟିକଟ ପ୍ରକାଶ ହେବା ମୂଳରେ ସରକାରଙ୍କ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ଓ ଅନୁମୋଦିତ ମୁଦ୍ରଣ ମାନ ଥାଏ । ଏହା ସରକାରଙ୍କ ଦ୍ୱାରା ପ୍ରକାଶିତ ପ୍ରଚାର ପୁସ୍ତିକାରେ ଛପା ହୋଇଥାଏ । ଟିକଟ ପ୍ରକାଶନ ଦିନ ପ୍ରଥମ ଦିବସ ଲଫାପା (First day cover) ସହିତ ପ୍ରଚାର ପୁସ୍ତିକା ମଧ୍ୟ ଡାକଘରେ କିଣିବାକୁ ମିଳେ ।

ପ୍ରଚାର ପୁସ୍ତିକା ପ୍ରତ୍ୟେକ ଟିକଟ ପାଇଁ ପାଇବା କଷ୍ଟକର । ଡାକ ଟିକଟ ବିକ୍ରି କରୁଥିବା ବଡ଼ ବଡ଼ ଦୋକାନୀମାନେ ସୂଚୀ ପୁସ୍ତକ ବା କାଟ୍‌ଲଗ୍ (Catalogue) ପ୍ରକାଶ କରିଥାନ୍ତି । ଏହି ପୁସ୍ତକର ମୂଳ ଉଦ୍ଦେଶ୍ୟ ହେଲା, ସେ ଦୋକାନରେ କେଉଁ କେଉଁ ଟିକଟ ବା ଟିକଟ ସଂଗ୍ରହ ସମ୍ପର୍କୀୟ ଜିନିଷ ମିଳୁଛି, ଏବଂ ସେଗୁଡ଼ିକର ମୂଲ୍ୟ ପୁସ୍ତକ ଛପା ହେବା ତାରିଖରେ କେତେ ଥିଲା । ସାଧାରଣତଃ ଏହି ମୂଲ୍ୟରେ ଦୋକାନୀ ସମ୍ପୃକ୍ତ ଜିନିଷଟିକୁ ବିକ୍ରି କରିବ । Stanley Gibbons (ଷ୍ଟାନ୍‌ଲି ଗିବନ୍‌ସ୍) କ୍ୟାଟ୍‌ଲଗ ଏ ପ୍ରକାର ପୁସ୍ତକର ଏକ ପ୍ରସିଦ୍ଧ ଉଦାହରଣ । ଆମେରିକାରେ ସ୍କଟ୍ (Scott) କ୍ୟାଟ୍‌ଲଗ ଖୁବ୍ ଲୋକପ୍ରିୟ । ମନେରଖ, କାଟ୍‌ଲଗ୍‌ରେ ଥିବା ଦାମ ଦୋକାନୀ ନିଜେ ଧାର୍ଯ୍ୟ କରିଛି । ଏହାଠାରୁ ଶସ୍ତାରେ ଅନ୍ୟ ଦୋକାନରୁ ବା ଲୋକ-ଠାରୁ ମିଳିପାରେ । ବଡ଼ ବଡ଼ ବା ବିଶେଷଜ୍ଞ ସଂଗ୍ରାହକମାନେ ତାଙ୍କ ପାଖରେ ନ ଥିବା ଗୋଟିଏ ଗୋଟିଏ

ଟିକଟକୁ କ୍ୟାଟଲଗରେ ଉଲ୍ଲେଖ ଥିବା ଦାମଠାରୁ ଅଧିକ ଦେଇ କଣିଥାନ୍ତି । ସାଧାରଣତଃ ଟିକଟର ଦୁଷ୍ପ୍ରାପ୍ୟ ଅବସ୍ଥା ନେଇ ନିଲାମରେ ବେଶି ଦାମ ଉଠିଥାଏ । ଟିକଟର ମୂଲ୍ୟ ସମ୍ପର୍କରେ କାଟଲଗ ଏକ ସୂଚକ ବା Guide ମାତ୍ର । ବେଦର ଗାର ନୁହେଁ । ତାଲିକାରେ ନ ଥିବା କୌଣସି ପ୍ରକାର (Variety) ର ଟିକଟ ଯଦି ତୁମେ ପାଅ, ସେଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ । ଏହାର ଅର୍ଥ ଯେ ସେ ପ୍ରକାର ଟିକଟ କମ୍ପାନୀର ନଜରକୁ ଆସିନାହିଁ । ପ୍ରମାଣ ଦେଇ ଜଣାଇଲେ କମ୍ପାନୀ ପରବର୍ତ୍ତୀ ସଂସ୍କରଣରେ ଏହାକୁ ତାଲିକାଭୁକ୍ତ କରିପାରନ୍ତି । ତେଣୁ Uncatalogued (ସୂଚୀ ପୁସ୍ତକ ଭୁକ୍ତ ହୋଇ ନ ଥିବା) ଟିକଟ ଯେ ବେଶି ଦାମ ହେବ ଏହାର କିଛି କାରଣ ନାହିଁ । ଟିକଟର ଦୁଷ୍ପ୍ରାପ୍ୟ ଅବସ୍ଥା ଉପରେ ତା'ର ଦାମ ନିର୍ଭର କରେ ।

ଷ୍ଟାନ୍‌ଲି ଗିବନ୍‌ସ କମ୍ପାନୀ ଦୁଇ ପ୍ରକାର ସୂଚୀ ପୁସ୍ତକ କରନ୍ତି । ପୃଥିବୀର ସବୁଦେଶ ଟିକଟର ଏକ ସରଳ ତାଲିକା Simplified Catalogue ବା **STAMPS OF The WORLD** ପୁସ୍ତକ ଆକାରରେ ପ୍ରକାଶ ପାଏ । କିମ୍ବା କେତେଗୁଡ଼ିଏ ଦେଶକୁ ଏକ ଏକ ଅଞ୍ଚଳ ଧରି ପ୍ରତି ଅଞ୍ଚଳ ପାଇଁ ସରଳ ସୂଚୀ ପୁସ୍ତକ ପ୍ରକାଶ ପାଏ । ଅନ୍ୟ ପ୍ରକାର ସୂଚୀ ପୁସ୍ତକ ବଡ଼ ବଡ଼ ବା ବିଶେଷଜ୍ଞ ସଂଗ୍ରାହକମାନଙ୍କ ପାଇଁ । ବ୍ରିଟିସ ରାଜ୍ୟଗୋଷ୍ଠୀ କ୍ୟାଟଲଗ୍ ବା ଏଲିଜାବେଥାନ୍ କ୍ୟାଟଲଗ୍ ଆଦି ଏହି ଶ୍ରେଣୀର । ପ୍ରତି ଟିକଟ ବିଷୟରେ ବିଶେଷ ବିବରଣୀ ଏ ପୁସ୍ତକରେ ଥାଏ ।

୪ର୍ଥ ପୃଷ୍ଠାରେ ଇସରାଏଲର ଗୋଟିଏ ଟିକଟର ଛବି ଅଛି । ସେଥିରେ ଆଇନଷ୍ଟାଇନଙ୍କ ଛବି ଓ $E=mc^2$ ସମୀକରଣ ଅଛି । ଏଇ ସମୀକରଣଟି କ'ଣ ଜାଣିବା ପାଇଁ କାଟଲଗ୍ ଯଥେଷ୍ଟ ନୁହେଁ । ଏଥିପାଇଁ ସାଧାରଣଜ୍ଞାନ ସମ୍ବନ୍ଧୀୟ ପୁସ୍ତକ ବା କୌଣସି ଜ୍ଞାନକୋଷରେ ଖୋଜିବାକୁ ପଡ଼ିବ । ଆଇନ ଷ୍ଟାଇନଙ୍କ ଜୀବନୀ ମଧ୍ୟ ସେଠି ବିବୃତ୍ତି ମିଳିବ । E ହେଉଛି Energy, m ହେଉଛି Mass (ବସ୍ତୁର ଓଜନ) ଏବଂ c ହେଉଛି ଆଲୋକର ଗତି ବା ସେକଣ୍ଡ ପ୍ରତି ୩୦୦୦ କୋଟି ସେଣ୍ଟିମିଟର । ଏହା ଆଣବିକ ବିଜ୍ଞାନର ବୀଜମନ୍ତ୍ର । ୫ କିଲୋ ଓଜନର ଆଣବିକ ବୋମା ନାଗାସାକି ଭଳି ଲକ୍ଷାଧିକ ଅଧିବାସୀଙ୍କ ନଗରକୁ ଧ୍ୱଂସ କରିବା ପାଇଁ ଏତେ ଶକ୍ତି କିପରି ପାଇଲା, ଏହି ସମୀକରଣ ବୁଝାଇ ଦିଏ ।

ସେଠାରେ ଚୀନର ୪ଟି ଟିକଟ ଛବି ମଧ୍ୟ ଦିଆଯାଇଛି । ୧୯୪୭ରେ ପ୍ରକାଶିତ ସନ୍‌ୟାତ୍‌ ସେନ୍‌ଙ୍କ ସମାଧି ଉପରେ ଉଡ଼ାଜାହାଜ ଛବିଥିବା ଟିକଟଟି ୨୭ ଡଲାର ଦାମରେ ଛପା ହୋଇଥିଲା ଏବଂ ୧୯୩୨ରେ ପ୍ରକାଶିତ ବ୍ୟୋମଡାକଟିକଟଟି (Airmail) ଚୀନରମହାପ୍ରାଚୀର ଉପରେ ବ୍ୟୋମଯାନ ଛବିଥିବା ଟିକଟଟି—୩୦ସେଣ୍ଟ ମୂଲ୍ୟ ଥିଲା । ୧୯୪୪-୪୯ ଗୃହଯୁଦ୍ଧ ତଥା ଅନ୍ୟ କାରଣରୁ ମୁଦ୍ରାସ୍ଫୀତି ଘଟିଲା, ଜିନିଷପତ୍ରର ଦାମ ଖୁବ୍ ବଢ଼ିଗଲା । ଚୀନ ସରକାର ଡାକମାସୁଲ ହାର ମଧ୍ୟ ବଢ଼ାଇଲେ । ଆନ୍ତର୍ଜାତିକ ବ୍ୟୋମଡାକ ଚଳାଚଳ ପାଇଁ ସର୍ବୋଚ୍ଚ ଡାକଟିକଟର ଦାମ ୫ ଲକ୍ଷ ଡଲାର କରାଗଲା । ପୂର୍ବରୁ ସର୍ବୋଚ୍ଚ ଟିକଟର ମୂଲ୍ୟ ୨୦ ଡଲାର ଥିଲା (ଆମ ଦେଶରେ ଏବେ ସର୍ବୋଚ୍ଚ ଟିକଟଟିର ଦାମ ୫୦ ଟଙ୍କା) । ୧୯୪୮ ମୁଦ୍ରାସ୍ଫୀତି ଯୋଗୁ ୧୯୩୨ ଚୀନପ୍ରାଚୀର ତଥା ୧୯୪୭ର ସନ୍‌ୟାତ୍‌ ସେନ୍ ସମାଧି ଟିକଟ ଦୁଇଟିର ଦାମ ବଢ଼ାଇ ୫୦୦୦ ଡଲାର କରାଗଲା । ମୁଦ୍ରାସ୍ଫୀତି ଯୋଗୁ ସରକାରଙ୍କ ଉପରେ ଲୋକଙ୍କ ଆସ୍ଥା ତୁଟିଗଲା । ୧୯୫୫ରେ ନୂତନ ଚୀନ ସରକାର ନୂଆ ମୁଦ୍ରା (ସେଣ୍ଟ ବଦଳରେ ଫେନ୍) ଚଳାଇ ଜିନିଷପତ୍ର ଶସ୍ତାରେ ଯୋଗାଇଲେ ଓ ଲୋକମାନଙ୍କ ଆସ୍ଥା ଭାଜନ ହେଲେ ।

—ଅଡ଼ଗୁଳକଣି—

ଯେଉଁମାନେ ବିଷୟମୂଳକ (**Thematic**) ସଂଗ୍ରହ କରନ୍ତି, ସେମାନେ ଏହିଭଳି ତଥ୍ୟ ସଂଗ୍ରହ କରି ସଂଗ୍ରହ ପୁସ୍ତିକା (ଆଲବମ)ରେ ଟିକଟ ଲଗାଇବା ପୂର୍ବରୁ ବିବରଣୀ ବା ଟିପ୍‌ପଣି (**write-up**) ଲେଖିନେବା ଭଲ । ଏପ୍ରକାର ସଂଗ୍ରହ ଜ୍ଞାନର ଏକ ଗନ୍ତାଘର (**Reference library**)s ସଂଗ୍ରାହକ ନିଜର ଜ୍ଞାନ ବଢ଼ାଇବା ସଙ୍ଗେ ସଙ୍ଗେ ଦର୍ଶକ ସହିତ ଜ୍ଞାନ ବିନିମୟ କରିଥାଏ । ଏପ୍ରକାରର ବିବରଣୀ ଲେଖା କିପରି ହେବ ତାହାର ଏକନମୁନା ଏହି ବହିର ଆରମ୍ଭରେ ଦିଆଯାଇଛି ।

ଆଜିକାଲି ଟିକଟ ସଂଗ୍ରହର କେତୋଟି ନୂଆ ଦିଗ ପ୍ରତି ସଂଗ୍ରାହକମାନେ ଧ୍ୟାନ ଦେଉଛନ୍ତି । ସେ-ଗୁଡ଼ିକ ବିଷୟରେ ପଦେଅଧେ କହିବା ଦରକାର ।

ଡାକ ଇତିହାସ (**Postal history**) ଗୋଟିଏ ଦିଗ । ଡାକ ବ୍ୟବସ୍ଥାର କ୍ରମବିକାଶ ସୂଚକ ଯେକୌଣସି ଡାକଜିନିଷ (ଲଫାପା, କାର୍ଡ଼, ଟିକଟ, ଡାକମୋହର ଆଦି) ସଂଗ୍ରହ କରି ଶୃଙ୍ଖଳିତ ଭାବରେ ସଂଗ୍ରହ ପୁସ୍ତିକାରେ ସଜାଇବାକୁ ପଡ଼େ ।

ଡାକ ମୋହର ସଂଗ୍ରହ ମଧ୍ୟ ଏକ ସ୍ୱତନ୍ତ୍ର ଦିଗ । କାଳକ୍ରମେ ଡାକମୋହରର ସ୍ୱରୂପ ଓ ନକ୍‌ସାର ବିଭିନ୍ନ ଅଂଶର କ୍ରମପରିବର୍ତ୍ତନ କିପରି ହୋଇଛି ସେଗୁଡ଼ିକର ଅନୁଧ୍ୟାନ ଏ ପ୍ରକାର ସଂଗ୍ରହର ଉଦ୍ଦେଶ୍ୟ । ପ୍ରଥମେ ହାତଲେଖା ଦ୍ୱାରା ମାସୁଲ ଦିଆହୋଇଛି ବୋଲି ଲେଖାହେଉଥିଲା । ପରେ ଗୁଡ଼ାଏ ବିନ୍ଦୁ ବା ରେଖା ଦ୍ୱାରା ଟିକଟକୁ ମାରି (**Obliteration**) କରାଗଲା । କିଛିଦିନ ପରେ ବିଭିନ୍ନ ଅଞ୍ଚଳ ସୂଚାଇଦେବାପାଇଁ ଇଂରାଜୀ ଅକ୍ଷର ବା ସଂଖ୍ୟା ସଙ୍କେତ ଥାଇ ଡାକମୋହର ବ୍ୟବହାର ହେଲା । ଡାକଘର ସଂଖ୍ୟା ଖୁବ୍ ବଢ଼ିଯିବାରୁ ଡାକଘର ନାମଥାଇ ମୋହର ତିଆରିହେଲା । ଏପ୍ରକାର ମୋହର ମଧ୍ୟ ବିଭିନ୍ନ ଜ୍ୟାମିତିକ ଆକାରରେ ବିଭିନ୍ନ ଅର୍ଥରେ ଓ ବିଭିନ୍ନ ଉଦ୍ଦେଶ୍ୟ ସୂଚକ (ଯଥା—ରେଜିଷ୍ଟ୍ରେସନ, ପୋଷ୍ଟେଜ୍ ଡ୍ୟୁ, ସେଭିଂସ୍ ବ୍ୟାଙ୍କ, ନାଇଟ୍ ସର୍ଟିଂ ଅଫିସ୍ ଆଦି) ।

ଡାକମୋହର ମାଧ୍ୟମରେ ସରକାରଙ୍କ ବିଭିନ୍ନ କାର୍ଯ୍ୟକ୍ରମ ବା ବାର୍ତ୍ତା ମଧ୍ୟ ପ୍ରଚାର କରାଯାଏ ।— ଯଥା : ଜରୁରୀ ପରିସ୍ଥିତି ଜାରି ହୋଇଥିବା ସମୟରେ **Emergency for stronger more Prosperous Future** ବା ଠିକ୍ ଠିକଣା ଲେଖିବାକୁ ଆହ୍ୱାନ କରି **Correct address what a Blessing saves us Guessing** ଡାକମୋହର ଏ ଗୁଡ଼ିକୁ slogan post mark ବା ପ୍ରଚାର ଡାକ ମୋହର କୁହାଯାଏ । ଏସବୁ କାରଣରୁ କୌଣସି ଚିଠିରୁ ଟିକଟ ଛଡ଼ାଇବା ପୂର୍ବରୁ ଲଫାପାଟି ପୁରାପୁରି ରଖିବା କି ନାହିଁ ବିଚାର କରିବା ଦରକାର । ଟିକଟ ଧୋଇବା ସମ୍ପର୍କରେ ଏକଥା କୁହାଯାଇଛି ।







କୁଏତ୍ ଦେଶର ଗୋଟିଏ ସ୍ଲୋଗାନ ମୋହର

—ଅଣଗୃହ—

## ପ୍ରତିଯୋଗିତାରେ କିପରି ବିଚାର ହୁଏ !

ନିଜ ଖୁସି ଓ ନିଜ ଜ୍ଞାନ ବଢ଼ାଇବା ପାଇଁ ଟିକଟ ସଂଗ୍ରହ କରାଯାଏ । କିନ୍ତୁ ଟିକଟ ପ୍ରଦର୍ଶନୀରେ ପୁରସ୍କାର ପାଇବା ପାଇଁ କେତେଗୁଡ଼ିଏ ଜିନିଷ ପ୍ରତି ଲକ୍ଷ୍ୟ ରଖିବାକୁ ପଡ଼ିବ ।

ପ୍ରଦର୍ଶନୀରେ ଦିଆଯିବା ଜିନିଷକୁ ଇଂରାଜୀରେ ଏଗ୍‌ଜିବିଟ୍ (exhibit) କହନ୍ତି । ୪ଟି ଦିଗରୁ ଏହାର ବିଚାର କରାଯାଏ ।

**(୧) ରଚନା ବା ଗଠନ :**

ପୁରା ସଂଗ୍ରହଟି ଗୋଟିଏ ସୁଚିନ୍ତିତ ଯୋଜନା ଅନୁସାରେ କର । ପ୍ରଦର୍ଶିତ ବିଷୟରେ ଯେପରି ଗୋଟିଏ ବହି ପଢ଼ିଲା ପରି ମନେ ହେବ । ଏହି ବହିର ୧୨ ପୃଷ୍ଠାରେ କିପରି ଟିପ୍‌ପଣି ଲେଖାହେବ, କହିଛି । ପ୍ରତି ଏଗ୍‌ଜିବିଟ୍‌ର ଆରମ୍ଭ ପୃଷ୍ଠାଟିରେ ଏଗ୍‌ଜିବିଟ୍‌ର ନାମ ରହିବ । ଆଉ ଗୋଟିଏ ପୃଷ୍ଠାରେ ଯୋଜନା ଅନୁଯାୟୀ ସୂଚୀପତ୍ର ଲେଖ । ତୁମେ କଣ ଦେଖାଇବାକୁ ଯାଉଛ, ତାହା ଯେପରି ଏହି ସୂଚୀପତ୍ରରୁ ଜାଣିହେବ । ଟିପ୍‌ପଣି ଯେପରି ବିଷୟର ନାମ ବା ଇତିହାସକୁ ବୁଝାଉଥିବ । ନୂଆ ନୂଆ ବିଷୟରେ ସଂଗ୍ରହ ଦେଖାଇଲେ ବେଶୀ ପସନ୍ଦ କରାଯାଏ । କେତେ କଷ୍ଟରେ ସଂଗ୍ରହ କରାଯାଇଛି ତାହା ଯେପରି ଜଣାପଡ଼ିବ ।

**(୨) ଜ୍ଞାନ :**

ଟିକଟ ସଂଗ୍ରହ କିପରି କରାଯାଏ ତା ସହିତ ପ୍ରଦର୍ଶିତ ବିଷୟ ବା ଦେଶର ଟିକଟ ସମ୍ପର୍କରେ ବିଶେଷ ଜ୍ଞାନ ବା ଗବେଷଣାର ଫଳ ଦେଖାଅ । ଡାକମୋହର ଓ ବ୍ୟବହାର ହୋଇଥିବା ଚିଠି ବା ଖୋଲ ଏଗ୍‌ଜିବିଟ୍‌ର ମୂଲ୍ୟ ବଢ଼ାଏ; କିନ୍ତୁ ବିଷୟବସ୍ତୁ ପ୍ରତି ଆବଶ୍ୟକ ହୋଇଥିବା ଉଚିତ ।

**(୩) ସାମଗ୍ରୀ :**

ପ୍ରଦର୍ଶିତ ଟିକଟ, ଚିଠି ବା ଖୋଲ, ଡାକମୋହର ଆଦି ଖୁବ୍ ସଫାସୁତୁରା, କିନ୍ତୁ ପଡ଼ିହେଉଥିବା ଉଚିତ । ଡାକଘରେ କହି ବୋଲି ମୋହର ଦେଇ ଆଣିଥିଲେ (cancelld to order ବରାଦିଆ ମୋହର) ତାହା ଗ୍ରହଣ ଯୋଗ୍ୟ ନୁହେଁ । ଗୋଟିଏ ପୃଷ୍ଠାରେ ବ୍ୟବହୃତ ଓ ନୂଆ ଟିକଟ ଏକାସାଙ୍ଗରେ ଦେଖାଇବା ଉଚିତ ନୁହେଁ । ପ୍ରଦର୍ଶନର ପ୍ରତି ପୃଷ୍ଠା ସମାନ ରକମର ଦେଖାଯିବା ଉଚିତ, ଯେପରି ଗୋଟିଏ ବହିର ପୃଷ୍ଠା ଦିଶେ ।

**(୪) ଆଖିକୁ ଭଲଦିଶିବା ଦରକାର :**

ସାରା ଏଗ୍‌ଜିବିଟ୍‌ଟା ଓ ତାହାର ପ୍ରତି ପୃଷ୍ଠା ଭାରସାମ୍ୟ ରଖିଥିବା ଦରକାର । ପୃଷ୍ଠାର ମାର୍ଜିନ, ପୃଷ୍ଠାରେ ଟିକଟ ଓ ଚିଠିର ସଜା, ଟିକଟ ବା ଚିଠି ଚାରିପଟେ ଟଣା ହେଉଥିବା କଳାଗାର ବା ମାଉଣ୍ଟ, ଆଦି ସମାନ ଭାବରେ ଦିଶିବା ଦରକାର । ଲେଖା ଏକା ରକମର ଓ ଆଖିକୁ ଭଲ ଦିଶିବା ଦରକାର ।

# ଟିକଟ ପରିଚୟ

ଅନେକ ସମୟରେ ଟିକଟକୁ ଦେଖି ତାହା କେଉଁ ଦେଶରୁ ଆସିଛି କହିହୁଏ ନାହିଁ । କିନ୍ତୁ ଟିକଟର କୌଣସି ଗୋଟିଏ ଶବ୍ଦ ବା ସଙ୍କେତ ଦେଖି ଟିକଟଟି ଚିହ୍ନିହେବ । ସାଧାରଣ ଲୋକେ ଜାଣି ନ ଥିବା ଏପରି କୁଛିଏ ଶବ୍ଦ ବା ସଙ୍କେତ ତଳେ ଦିଆଯାଇଛି । ଇଂରାଜୀ ବର୍ଣ୍ଣାନୁକ୍ରମରେ ସଜା ହୋଇଥିବା ଏହି ତାଲିକାରେ ନକ୍ସା ମଧ୍ୟ ଦିଆ ଯାଇଛି । ଟିକଟରେ ଲେଖାଥିବା ଶବ୍ଦଗୁଡ଼ିକୁ ଗୋଟିକ ପରେ ଗୋଟିଏ ଖୋଜ ଦେଶଟିର ନାମ ଜାଣିବା ପର୍ଯ୍ୟନ୍ତ ଖୋଜୁଥାଅ ।

## A

A C. C. P. ଆଜର ବାଇଜାନ୍ Azerbaijan.
ACObHbI A TPAA ରୁଷିଆ ।
ACORES ଆଜୋର୍ସ Azores.
A. E. F. ଫରାସୀ ବିଷୁବମଣ୍ଡଳୀୟ ଆଫ୍ରିକା
Atrique Equatorial Francaise.
AFGHANES ଆଫଗାନସ୍ଥାନ
ALGERIE ଅଲଜେରିଆ
ALLEMAGNE DUETSCHLAND
ବେଲଜିଅମ ଅଧିକାରରେ ଥିବା ଜର୍ମାନୀ
ବେଲଜିଅମ୍ ଟିକଟ ଉପରେ ଛପା ହୋଇଥାଏ ।
A M POST : ଯୁକ୍ତରାଷ୍ଟ୍ର ଆମେରିକା,
ଜର୍ମାନୀରେ ମିତ୍ରଶକ୍ତିର ସାମରିକ ସରକାର ।
ANNA ମୁଦ୍ରା) ଇଂଲଣ୍ଡ ଟିକଟରେ ଛପା ହୋଇଥିଲେ
ତାହା ବାହାରିନ୍ ଦେଶର ବା ଜାଞ୍ଜିବରର ।
ଫ୍ରାନ୍ସ ଟିକଟରେ ଛପା ହୋଇଥିଲେ ତାହା
ଜାଞ୍ଜିବରରେ ଥିବା ଫରାସୀ କାର୍ଯ୍ୟାଳୟ ପାଇଁ ।
ANTANANARIVO ମାଡ଼ାଗାସ୍କର (ମାଲଗାସି)
A PAYER TE BETALEN :
(Postage Due) ବେଲଜିଅମ୍ ।
ATT, ATTS (ମୁଦ୍ରା) ଶ୍ୟାମଦେଶ ।
AUR (ମୁଦ୍ରା) ଆଇସ୍‌ଲଣ୍ଡ ।
AVISPORTO : ଡେନ୍‌ମାର୍କ
AVO, ମାକାଓ
AVOS ଟିମୋର
AYUNTAMIENTO DE
BARCELONA ସ୍ପେନ୍
AZERBAIDJAN ଆଜର ବାଇଜାନ (ରୁଷିଆ) ।

## B

BADEN ଫରାସୀ ଅଧିନରେ ଜର୍ମାନୀ ।
B A ERITREA,
B A SOMALIA,
B. A TRIPOLITANIA
} ଇଂଲଣ୍ଡ ଟିକେଟରେ ପୁନର୍ମୁଦ୍ରଣ । ସମ୍ପୃକ୍ତ ଦେଶରେ ପ୍ରଚଳିତ ।
bAKY ଆଜର ବାଇଜାନ୍‌ର ବାକୁ ପ୍ରଦେଶ ।
BASEL ସୁଇଜରଲଣ୍ଡ
BATAAN ଜାପାନ ଅଧିକାରରେ ଫିଲିପାଇନ୍‌ସ ।
BAYERN, BAYR ବାଭାରିଆ ।
BEHAEHCKAR ରୁଷିଆ ।

BELGIE
BELGIEN
BELGIQUE | ବେଲଜିଅମ୍

BENADIR ଇଟାଲୀୟ ସୋମାଲିଲାଣ୍ଡ

BERLIN ଜର୍ମାନ ଟିକଟରେ ପୁନର୍ମୁଦ୍ରଣ ହୋଇଥିଲେ, ତାହା ବର୍ଲିନ ସେକ୍ଟରରେ ଆମେରିକାନ, ବ୍ରିଟିଶ୍ ଓ ଫରାସୀ କର୍ତ୍ତୃତ୍ୱରେ ବ୍ୟବହାର ହେବା ପାଇଁ ।

BOARD OF EDUCATION – ଇଂଲଣ୍ଡ ଟିକଟ ଉପରେ ଛାପା ହୋଇଥିଲେ ତାହା ସରକାରୀ (Service ଟିକଟ ।

BOHMEN UND MAHREN ଚେକୋସ୍ଲୋଭାକିଆର ବୋହେମିଆ ଓ ମୋରାଭିଆ ।

BOLIVAR କଲମ୍ବିଆ ।

BOLO POSTALE ସାନ୍ ମାରିନୋ ।

BOYACA କଲମ୍ବିଆ ।

BRASIL ବ୍ରାଜିଲ (Brazil)

BRIEFPOST ଫରାସୀ କର୍ତ୍ତୃତ୍ୱରେ ଜର୍ମାନୀ ।

BRITISH CONSULAR MAIL ମାଡ଼ାଗାସ୍କରରେ ବ୍ରିଟିଶ ଦୂତାବାସଦ୍ୱାରା ପ୍ରଚଳିତ ।

BULGARIE ବୁଲଗେରିଆ ।

BUSSAHIR ଭାରତର ଏକ ଗଡ଼ଜାତ ରାଜ୍ୟ । (ଏବେ ନାହିଁ)

## C

CABO ନିକାରାଗୁଆ ।

CABO VERDE କେପ୍ ଭର୍ଡ ଦ୍ୱୀପ ।

CAHATOPH' Mb ବୁଲଗେରିଆ ।

CAMB AUST SIGILLUM NOV : ନିଉ ସାଉଥ୍ ୱେଲ୍ସ ।

CAMPECHE ମେକ୍ସିକୋ ।

CANTON ଇଣ୍ଡୋଚୀନ ଟିକଟ ଉପରେ ଛାପା ହୋଇଥିଲେ ତାହା ଚୀନର କାଣ୍ଟନ ନଗରୀରେ ବ୍ୟବହାର ପାଇଁ ଫରାସୀ ସରକାରଙ୍କ ଟିକଟ ।

CAVALLE ତୁରସ୍କରେ ଫରାସୀ କାର୍ଯ୍ୟାଳୟ ପାଇଁ ଫରାସୀ ଟିକଟ ।

C C C P ରୁଷିଆ—U. S. S. R. ର ରୁଷୀୟ ରୂପାନ୍ତର (Union of Socialist Soviet Republics).

C. E. F. (Chinese Expeditionary Force) ଭାରତୀୟ ଟିକଟ ଉପରେ ପୁନର୍ମୁଦ୍ରିତ—ସାମରିକ ବ୍ୟବହାର ପାଇଁ ।

CENTIMOS (ମୁଦ୍ରା) କୌଣସି ଦେଶର ନାମ ନଥିବା ଟିକଟ ଲେଖା ଥିଲେ—ସ୍ପେନ ।
ଫ୍ରାନସ ଟିକଟ ଉପରେ ପୁନର୍ମୁଦ୍ରଣ ହୋଇଥିଲେ ମରକକୋରେ ବ୍ୟବହାର ପାଇଁ ଫରାସୀ ଟିକଟ ।

CESKO-SLOVENSKO – ଚେକୋସ୍ଲୋଭାକିଆ ।

대한민국우표 ଦକ୍ଷିଣ କୋରିଆ

CHEMINS DE FER SPOOR WEGEN ବେଲଜିଅମ ।

CHIFFRE TAXE ଦେଶ ନାମ ନ ଥିଲେ—
ଛିଦ୍ରଯୁକ୍ତ ଟିକଟ – ଫ୍ରାନ୍ସର
ଅଛିଦ୍ର ଟିକଟ—ଫରାସୀ ଉପନିବେଶର ।

COLIS POSTAL ବେଲଜିଅମ ।

COLONIES POSTES ଫରାସୀ ଉପନିବେଶର ।

COMMISSION DE CONTROIE PROVISOIRE – ଆଲବାନିଆ ।

COMMUNICACIONES ସ୍ପେନ

CONFED. CHANADINA କଲମ୍ବିଆ ।

CONFEDERATIO HELVETICA (Helvetic Confederation ସୁଇଜରଲାଣ୍ଡ

CONGRESS DE LOS DIPUTADOS ସ୍ପେନ ।

COREE, COREAN କୋରିଆ ।

CORREIO ଦେଶର ନାମ ନ ଥିଲେ—ପର୍ତ୍ତୁଗାଲ ।
CORREIOS, CORREIOS E
TELEGRAPHOS—ପର୍ତ୍ତୁଗାଲ ।
CORREO CHANADINA କଲମ୍ବିଆ ।
CORREOS ଦେଶ ନାମ ନ ଥାଇ ଯଦି ମୁଦ୍ରା
CUARTOS, REALES, CS ବା CTOS
(Centimos ଅର୍ଥ) ଲେଖାଥାଏ,
ତାହା ସ୍ପେନ ଦେଶର ।
କେବଳ REAL ଶବ୍ଦ ଲେଖାଥିଲେ ତାହା
ଡମିନିକାନ୍ ରିପବ୍ଲିକ୍ର ।
କ୍ୟୁବା, ଫିଲିପାଇନ୍ ଦେଶ ମଧ୍ୟ ଏହି ଶବ୍ଦ
ସେମାନଙ୍କ ଟିକଟରେ ବ୍ୟବହାର କରନ୍ତି ।
CORREOS INTERIOR ଫିଲିପାଇନ୍ ।
CORREOS NACIONALES କଲମ୍ବିଆ ।
CORREOS OXACA ମେକ୍ସିକୋ
ଓକ୍ସାକା ପ୍ରଦେଶ ।
CORREOS Y TELEGS ସ୍ପେନ୍ ।
CORRIENTES ଆର୍ଜେଣ୍ଟିନା ରିପବ୍ଲିକ
(କରଏଣ୍ଟିସ ରାଜ୍ୟ) ।
COSTA ATLANTICA ନିକାରାଗୁଆ ।
COTE D' IVOIRE—ଆଇଭୋର କୋଷ୍ଟ ।
COTE DE SOMALIS କିମ୍ବା
COTE FRANCAIS DES
SOMALIS ସୋମାଲି କୋଷ୍ଟ ।
CPbNJA କିମ୍ବା CPNCKA ସର୍ବିଆ ।
CRVENI KRST ଯୁଗୋସ୍ଲାଭିଆର ବୈଦେଶିକ
କାର୍ଯ୍ୟାଳୟ ପାଇଁ ।
CROISSANT ROUGE TURC ତୁରସ୍କ ।
CUERNAVACA ମେକ୍ସିକୋ ।
C. T. କିମ୍ବା CTOT କିମ୍ବା CTOTNHKN
(ମୁଦ୍ରା)—ବୁଲଗେରିଆ ।
CUNDINAMARCA କଲମ୍ବିଆ ।
CUZCO ପେରୁ ।
C. X. C. 'Serbs Croats' ଓ 'Slovenes'
ଯୁଗୋସ୍ଲାଭିଆ ।

# D

DAMAS ଡାମାସ୍କସ୍—ସିରିଆ ।
DANMARK ଡେନମାର୍କ (Denmark) ।
DANSK-VESTINDISKE
କିମ୍ବା VESTINDIEN } Danish West Indies
DEFICIT ପେରୁ ।
D ELEGACOES ପର୍ତ୍ତୁଗାଲ ।
DE GOLFO DE GUINEA
ସ୍ପେନ୍ ଅଧିକୃତ ଗିନି ।
DERECHOS DE FIRMA ଫିଲିପାଇନ୍ସ ।
DEUTSCHE REICH ଜର୍ମାନ ସାମ୍ରାଜ୍ୟ ।
DEUTSCH OSTER REICH ଅଷ୍ଟ୍ରିଆ ।
DEUTSH ଜର୍ମାନ ।
—NEU GUINEA ଜର୍ମାନ ନବଗିନି ।
—OSTAFRIKA ଜର୍ମାନ ପୂର୍ବ ଆଫ୍ରିକା ।
—SUDUESTAFRIKA ଜର୍ମାନ ଦକ୍ଷିଣ ପଶ୍ଚିମ
ଆଫ୍ରିକା ।
DEUTSHE DEMOKRATISCHE
REPUBLIK ଜର୍ମାନ ଗଣତାନ୍ତ୍ରିକ ସାଧାରଣତନ୍ତ୍ର
(D. D. R. ବା ପୂର୍ବଜର୍ମାନୀ କମ୍ୟୁନିଷ୍ଟ ରାଷ୍ଟ୍ର)
DEUTSCHE FELDPOST
ଜର୍ମାନୀର ସାମରିକ ପାର୍ସଲ ଡାକ ଟିକଟ ।
DEWTSCHES REICH ଜର୍ମାନୀ ।
DIENSTMARKE ଜର୍ମାନୀ, ବାଭାରିଆ,
ପ୍ରୁସିଆ, ଡାନଜିଗ୍; ସାର୍ ।
DIENST SACHE ଉରଟେମ୍ବର୍ଗ
(Wurttemberg)ର ସରକାରୀ ଟିକଟ ।
DILIGENCIA ଉରୁଗୁଏ ।
DINAR (ମୁଦ୍ରା) ପର୍ସିଆ ବା ଇରାନ୍ ।
DINERO (ମୁଦ୍ରା) ପେରୁ ।
DIOS PATRIA LIBERTADO
ଡମିନିକାନ୍ ରିପବ୍ଲିକ୍ ।
DOPLATIT କିମ୍ବା DOPLATNE
ଜେକୋସ୍ଲୋଭାକିଆ ।
DRZAVA କିମ୍ବା DRZAVNA ଯୁଗୋସ୍ଲୋଭିଆ ।

## E

ΕΛΛΑΣ, ଗ୍ରୀସ୍ ।

E. E. F.—Egyptian Expeditionary Force—ପାଲେଷ୍ଟାଇନ୍ ।

EESTI ଇଷ୍ଟୋନିଆ ରାଜ୍ୟ—ରୁଷିଆ ।

EE, UU. DE C କଲମ୍ବିଆ ।

EGYPTE ଇଜିପ୍ଟ—ମିଶର ।

EIRE ଆୟର୍ଲାଣ୍ଡ ।

EJERCITO RENOVADOR ମେକ୍ସିକୋ (ସିନାଓଲା ରାଜ୍ୟ)

EL PARLAMENTO A CERVANTES ସ୍ପେନ୍‌ର ସରକାରୀ ଟିକଟ ।

ELUA KENETA ହାୱାଇ ।

EM ଗ୍ରୀସ୍ । EC ଗ୍ରୀସ୍ ।

EMIRL ITES ଆଲବାନିଆ ।

EMP. OTTOMAN ଓଟୋମନ ସାମ୍ରାଜ୍ୟ—ତୁରସ୍କ ।

ENAPIOMON—ଗ୍ରୀସ୍ ।

EONIKH ଗ୍ରୀସ୍ ।

EPMAKb ଦକ୍ଷିଣ ରୁଷିଆ ।

EQUATEUR ଇକୁଏଡ଼ର ।

ESCUELAS ଭେନେଜୁଏଲା ।

ESPANA ସ୍ପେନ୍ ।

ESTADO DA INDIA ପର୍ତ୍ତୁଗୀଜ ଇଣ୍ଡିଆ—ଗୋଆ, ଡାମନ, ଡିଉ ପାଇଁ ପର୍ତ୍ତୁଗୀଜ ଟିକଟ ।

ESTADO ESPANOL ("Spanish State") ସ୍ପେନ୍ ।

ESTADOS UNIDOS DE NUEVA GRANADA (United States of New Granada) କଲମ୍ବିଆର ପୂର୍ବ ନାମ ।

ESTERO ଇଟାଲିର ବୈଦେଶିକ କାର୍ଯ୍ୟାଳୟ ପାଇଁ ଟିକଟ ।

ETABLISSEMENTS DANS L' INDE (କିମ୍ବା DE L' INDE) ଫରାସୀ ଇଣ୍ଡିଆ । ପଣ୍ଡିଚେରୀ, କରିକଲ, ମାହେ ।

ETABEISSMENTS DE L' OCEANIE ଫରାସୀ ଓସିଆନିଆ ।

ETAT FRANCAIS ଫ୍ରାନ୍ସ ।

ETIOPIA କିମ୍ବା ETHIOPIENNES ଏଥିଓପିଆ ବା ଆବିସିନିଆ ।

ΕΛΛΑC କିମ୍ବା ΕΛΛΑΣ (Hellas) ଗ୍ରୀସ୍ ।

ΕΛΛΗΝΙΚΗ ଗ୍ରୀସ ।

## F

FILIPAS କିମ୍ବା FILIPINAS ଫିଲିପିନ୍ସ ବା ଫିଲିପାଇନ୍ସ ।

FILLER (ମୁଦ୍ରା) ହଙ୍ଗେରୀ ।

FLORIDA ଉରୁଗୁଏ

FLUGPOST (Airmail) ଜର୍ମାନ, ଡାନଜିଗ ବା ଅଷ୍ଟ୍ରିଆ ଦେଶର ।

FRANCA ପେରୁ ।

FRANQUICIA ସ୍ପେନ୍ ।

FREI DURCH ABLOSUNG ("Free because of prepayment")
—NR 16 ବାଡେନ୍ (Baden) | ସରକାରୀ ଟିକଟ ।
NR 21 ପ୍ରୁସିଆ

FREIMARKE ଦେଶର ନାମ ନ ଥିଲେ, ଜର୍ମାନୀ ସାମ୍ରାଜ୍ୟ ମଧ୍ୟରେ ଠର୍ଣ୍ଣ ଓ ଟାକ୍ସିସ୍ ପରିବାରର ଡାକସେବା ।

FRIMARKE ଡେନ୍‌ମାର୍କ, ନରୱେ, ସ୍ୱିଡେନ୍ ।

FRIMARKE KGL POST ଡେନ୍‌ମାର୍କ ।

## G

GARZON କଲମ୍ବିଆ ।

G E. A. German East Africa ଉଗାଣ୍ଡା, କେନିଆ, ଟାଙ୍ଗାନାଇକା ।

GENERAL GOVERNEMENT
ଜର୍ମାନ ଅଧିନରେ ପୋଲଣ୍ଡ ।

GENEVE ସୁଇଜରଲାଣ୍ଡ ।
GEORGIE କମ୍ବା
GEORGIENNE ଜର୍ଜିଆ (ରୁଷିଆ)
GERUSALEMME ଇଟାଲି ଟିକେଟରେ ପୁନର୍ମୁଦ୍ରଣ
—ଜେରୁସାଲେମ୍‌ରେ ଇଟାଲିର ସରକାରୀ ଟିକଟ ।
G. F. B ପୁନର୍ମୁଦ୍ରଣ—ଟାଙ୍ଗାଦେଶ ।
GOYA ସ୍ପେନ୍ ।
G. P. E କମ୍ବା G & D.
ଗୁଆଡେଲୁପ୍ (Guadeloupe)
GRONLAND ଗ୍ରୀନ୍‌ଲାଣ୍ଡ ।
GUADALAJARA ମେକ୍‌ସିକୋ (ଏକ ରାଜ୍ୟ)
GUANACASTE କୋଷ୍ଟାରିକା (ଏକ ରାଜ୍ୟ)
GUINE ପର୍ତ୍ତୁଗୀଜ ଗିନି ।
GUINEE FRANCAIS ଫରାସୀ ଗିନି ।
GUY କମ୍ବା GUYANE FRANC ବା
FRANCISE ଫରାସୀ ଗିନି ।

# H

HARPER—ଲାଇବେରିଆ ।
HAUTE VOLTA—ବର୍କିନା ଫାସୋ
Upper Volta ଅପର ଭୋଲ୍‌ଟା ।
H. E H. THE NIZAM'S ହାଇଦ୍ରାବାଦ ।
HEJAZ & NEJD
HEDJAZ & NEDJDE
ସାଉଦି ଆରବଆର ପୁରୁଣା ନାମ ।
HELVETIA ସୁଇଜରଲାଣ୍ଡ ।
H. H. NAWAB SHAH JAHAN
BEGAM ଭୋପାଲ (ଭାରତ)
HIRLAPJEGY ହଙ୍ଗେରୀ ।
H J. & U. S. ହାୱାଇ ।
HOLKAR STATE ଇନ୍ଦୋର (ଭାରତ)
HRVATSKA ଯୁଗୋସ୍ଲାଭିଆ (କ୍ରୋସିଆ)

# I

I. E. F. Indian Expeditionary
Force (ଭାରତ)
I. E. F. 'D' ମେସୋପଟାମିଆ ।
IIOYTA ରୁଷିଆ ।
IMPTO. DE GUERRA ସ୍ପେନ୍ ।
INDE, INDIE ଫରାସୀ ଭାରତ ।
INDO CHINE ଇଣ୍ଡୋଚୀନ ।
INLAND ଲାଇବେରିଆ ।
INSELPOST ଜର୍ମାନ ସାମରିକ ଟିକଟ ।
INSTRUCAO ପର୍ତ୍ତୁଗୀଜ ଭାରତ ଟିକଟ ଉପରେ
ଛପା ହୋଇଥିଲେ—ଟିମୋର ଦ୍ୱୀପ ।
INSTRUCCION ଭେନେଜୁଏଲା ।
IRANIENNES ଇରାନ୍
ISLAND ଆଇସ୍‌ଲାଣ୍ଡ Iceland
ISTRA କମ୍ବା ISTRIA ଯୁଗୋସ୍ଲାଭିଆ ।
ITALIA କମ୍ବା ITALIANE ଇଟାଲି ।

# J

JAVA ଇଣ୍ଡୋନେସିଆ
JOHOR ମାଲୟେସିଆ (ଜୋହୋର ରାଜ୍ୟ)
JUGOSLAVIJA ଯୁଗୋସ୍ଲାଭିଆ ।

JУГОСЛАВИЈА ଯୁଗୋସ୍ଲାଭିଆ

# K

KAMERU କାମେରୁନ୍ Cameroon
KARLFONDS ଅଷ୍ଟ୍ରିଆ (ବସ୍‌ନିଆ)
KEDAH ମାଲୟେସିଆ (ଏକ ରାଜ୍ୟ)
KELANTAN ମାଲୟେସିଆ (ଏକ ରାଜ୍ୟ)
KEMAHKGTAAN କମ୍ବା

KETAHKOTAAN ମାଲୟସିଆର କୋହୋର ।
K. G. L. କମ୍ବା KONGELIGT
ଡେନ୍‌ମାର୍କ ବା ଡାନସ୍ ଓ୍ବେଷ୍ଟ ଇଣ୍ଡିକ୍ ।
KISHANGARH ଭାରତ (ଏକ ପୂର୍ବତନ ରାଜ୍ୟ)
KORCA କମ୍ବା KORCE ଆଲବାନିଆ ।
KOWEIT କୁ୍ଏଟ୍ (ଭାରତ ଟିକେଟରେ ପୁନର୍ମୁଦ୍ରଣ)

ΚΥΠΡΟΣ ସାଇପ୍ରସ୍

## L

LANDPOST PORTO-MARKE
ବାଡ଼େନ (Baden) ଜର୍ମାନୀ ।
LAND STORMEN ସୁଇଡେନ୍ ।
LAS BELA ପାକିସ୍ଥାନରେ ମିଶିଥିବା ଏକ ରାଜ୍ୟ ।
LIBAN କମ୍ବା LIBANAISE ଲେବାନନ୍
LIETUVA କମ୍ବା LIETVOS
ଲିଥୁନାନିଆ (ରୁଷିଆ)
LIRE (ମୁଦ୍ରା) ଇଟାଲି ।
ଅଷ୍ଟ୍ରିଆ ଟିକଟ ହୋଇଥିଲେ, ଅଷ୍ଟ୍ରିଆ ଅଧିକୃତ ଇଟାଲି ।
LOKALBRFE ସୁଇଡେନ୍ ।
LOSEN ସୁଇଡେନ୍ ।
LUFTFELD POST ଜର୍ମାନୀ ସାମରିକ
ବ୍ୟୋମ ଡାକ ଟିକଟ ।
LUXEMBURG ଲକସେମ୍ବର୍ଗ, Luxembourg ।

## M

MACAU ବା MACAV ମାକାଓ Macao
MAGYAR ("Hungarian") ହଙ୍ଗେରି
MAROC ଫ୍ରାନସର ମରକ୍‌କୋରେ
ବ୍ୟବହାର ପାଇଁ ଟିକଟ ।
MAROCCO ବା MAROKKO
ଜର୍ମାନୀ ଟିକଟରେ ପୁନର୍ମୁଦ୍ରଣ, ମରକକୋରେ ବ୍ୟବହାର ପାଇଁ ।

MARRUECOS ମରକକୋରେ ସ୍ପେନର ଟିକଟ ।
MARSHALL INSELN ମାର୍ସାଲ ଦ୍ୱୀପପୁଞ୍ଜ ।
MAURITANIE ମାଉରିଟାନିଆ ।
MBBETNIJA SHQIPTARE ଆଲବାନିଆ ।
MEDELLIN କଲମ୍ବିଆ ।
MEJICO ମେକ୍‌ସିକୋ ।
MOCAMBIQUE ମୋଜାମ୍ବିକ Mozambique
MONROVIA ଲାଇବେରିଆ ।
MONTEVIDEO ଉରୁଗୁଏ ।
MOQUEA ପେରୁ (ଏକ ରାଜ୍ୟ)
MORA ଯୁକ୍ତାଏକ (ରୁଷିଆ)
MORELIA ମେକ୍‌ସିକୋ (ଏକ ପ୍ରଦେଶ)

## N

NEDERLAND ହଲଣ୍ଡ Netherland.
NEGRI SEMBILAN ମାଲୟସ୍ଥିଆ(ଏକରାଜ୍ୟ ।
NIEUWE GUINEA ଡଚ୍ ନିଉଗିନି ।
NIGER ନାଇଜେରିଆ ।
NORGE ନରୱେ ।
NOYTA ("Postage") ରୁଷିଆ ।
NOYTOBAR MAPKA ଫିନ୍‌ଲାଣ୍ଡ ।
N. S. W.—New South Wales(ଅଷ୍ଟ୍ରେଲିଆ) ।
NUEVA GRANADA କଲମ୍ବିଆ ।
NYASSA ନ୍ୟାସାଲାଣ୍ଡ ।
N. Z. ନିଉଜିଲାଣ୍ଡ Newzealand.

## O

OAHAMAPKA ଫିନ୍‌ଲାଣ୍ଡ ।
OCEANIE—Oceania ଓସିଆନିଆ ।
OESTERR POST ଅଷ୍ଟ୍ରିଆ ।
OFFENTLIG SAK ନରୱେ ।
OFTERREICH ଅଷ୍ଟ୍ରିଆ ।
OIL RIVERS ନାଇଜେରିଆ ଉପକୂଳ ଉପନିବେଶ ।
OKCA ରୁଷିଆ ।

ORANJE VRIJ STAAT
— Orange Free State (ଦକ୍ଷିଣ ଆଫ୍ରିକା)
ORTS-POST ସ୍ୱିଜରଲାଣ୍ଡ ।
OSTER REICH ଅଷ୍ଟ୍ରିଆ ।
— ଡ଼ାକଘୁଣ୍ଟି ଛବିତଲେ ଲେଖାଥିଲେ ତାହା ଅଷ୍ଟ୍ରିଆରେ ଯୁକ୍ତରାଷ୍ଟ୍ରର ସାମରିକ ଶାସନରେ ବ୍ୟବହାର ପାଇଁ ।
OSTERR-POST ଅଷ୍ଟ୍ରିଆ ।
OSTLAND ("Eastland")
ଜର୍ମାନୀ ଟିକଟରେ ପୁନର୍ମୁଦ୍ରଣ — ଜର୍ମାନ କର୍ତ୍ତୃତ୍ୱରେ ଥିବା ରୁଷିଆର ଅଞ୍ଚଳ ପାଇଁ ।
OΛYMΠ ଗ୍ରୀସ ।
OZ ପେରୁ ।

# P

P.—ଅର୍ଦ୍ଧଚନ୍ଦ୍ର ଓ ବୃତ୍ତ ମଧ୍ୟରେ ତାରକାସହ 'P' ଥିଲେ, ମାଲୟ୍ସିଆର ପେରାକ୍ ରାଜ୍ୟ ।
PACCHI POSTALI ଇଟାଲି, ସାନ୍ ମାରନୋ ।
PAHANG ମାଲୟ୍ସିଆ (ଏକ ରାଜ୍ୟ)
P C C P "Russian Socialist Soviet Republics" ରୁଷିଆ ।
PERSANE ଇରାନ୍ ।
PERUANA ପେରୁ ।
P. G. S. "Perak Government Service" ପେରାକ୍-ମାଲୟ୍ସିଆ ।
PILIPINAS ଫିଲିପିନ୍ସ ।
P. M. ଇଟାଲିର ସାମରିକ ଟିକଟ ।
POCCIR ଦକ୍ଷିଣ ରୁଷିଆ ।
POCZTA ପୋଲାଣ୍ଡ ।
POLSKA ପୋଲାଣ୍ଡ ।
PONCE ପୋର୍ଟରିକୋ ।
PORT CANTONAL ସ୍ୱିଜରଲାଣ୍ଡ ।
PORTEADO ପର୍ତ୍ତୁଗାଲ ।
PORTE DE CONDUCCION ପେରୁ ।
PORTE DE MAR ମେକ୍ସିକୋ ।
PORTE FRANCO ପେରୁ, ପର୍ତ୍ତୁଗାଲ ।
POSTEKHEOEUIEEGIZIANE
ଇଜିପ୍ଟ (ମିଶର ଦେଶ)
POSTE LOCALE ସ୍ୱିଜରଲାଣ୍ଡ ।
PREUSSEN ପ୍ରୁସିଆ (ଜର୍ମାନୀ)
P S. N C. ଟିକଟର ଚାରି କୋଣରେ ଚାରୋଟି ଅକ୍ଷର, କେନ୍ଦ୍ରରେ ଜାହାଜ ଛବି — ପେରୁ ଦେଶ ।

# Q

QARKU ଆଲବାନିଆ ।

# R

RAYON ସ୍ୱିଜରଲାଣ୍ଡ ।
RECARGO ସ୍ପେନ୍ ।
REICH POST ଜର୍ମାନୀ ।
R. F. ("Republic of France") ଫ୍ରାନ୍ସ ।
R H. ("Republic of Haiti") ହାଇତି ।
ROBERT SPORT ଲାଇବେରିଆ ।
ROMANA, ROMANIA
ROHANIA }
ରୁମାନିଆ Roumania
ROYAUME DE L'ARABIE SOUDITE (Kingdom of Saudi Arabia) ସାଉଦି ଆରବିଆ ।
ROYAUME DU CAMBODGE
କାମ୍ବୋଡ଼ିଆ ।
" " LAOS ଲାଓସ ।
R S M ସାନ୍ ମାରନୋ ।

RUMANIEN ରୁମାନିଆ ।
RYUKUS ରୁୟୁକୁ ଦ୍ୱୀପପୁଞ୍ଜ ।

# S

S ଅର୍ଦ୍ଧଚନ୍ଦ୍ର ଓ ବୃତ୍ତ ମଧ୍ୟରେ ତାସ୍ର ସହିତ "S" ପୁନର୍ମୁଦ୍ରିତ ହୋଇଥିଲେ ମାଲୟସ୍ଥିଆର Selangor ରାଜ୍ୟ ।

SAARE—ସାର Saar), ଜର୍ମାନୀ ।

SAHARA ESPANOL—
ସ୍ପେନ କର୍ତ୍ତୃତ୍ୱରେ ପଶ୍ଚିମ ସାହାରା ।

SALONICCO—ସାଲୋନିକା-ତୁରସ୍କ ।
ଇଟାଲିର ସରକାରୀ ବ୍ୟବହାର ପାଇଁ ଟିକଟ ।

SALONIQUE—ସାଲୋନିକ—Turkey
(ତୁରସ୍କ)—ରୁଷିଆ (ଏଜେନ୍) ।

SAORSTAT EIREANN
(Free State of Ireland) ଇଂଲଣ୍ଡ ଟିକଟ ଉପରେ ପୁନର୍ମୁଦ୍ରିତ ହୋଇଥିଲେ—ଆଇରିଶ ଫ୍ରି ଷ୍ଟେଟ ।

SCINDE DISTRICT DAWK
ସିନ୍ଧୁ ଅଞ୍ଚଳର ଡାକ—ଭାରତ ।

S D. N. BUREAU
INTERNATIONAL du TRAVAIL
ସୁଇଜରଲଣ୍ଡ (ଆନ୍ତର୍ଜାତିକ ଶ୍ରମସଂଗଠନର ସରକାରୀ ବ୍ୟବହାର ପାଇଁ )

SEGNA TASSA }
SEGNA TASSE } ଇଟାଲି ।

SEVILLA BARCELONA ସ୍ପେନ୍ ।

SHQIPNI—ଆଲବାନିଆ ।

SHQIPNIJA—ଆଲବାନିଆ

SHQIPONIES—ଆଲବାନିଆ

SHQUIPENIA—ଆଲବାନିଆ

SHQYPTARE—ଆଲବାନିଆ ।

S. H S. (Serba, Hivata, Slovena)
ଯୁଗୋସ୍ଲାଭିଆ ।

SIEGE OF MAFEKING—
ଉତ୍ତମାଶା ଅନ୍ତରୀପ Cape of Good Hope.

SLOVENSKO
SLOVENSKY
SLOVENSKENO | Czechoslovakia ଚେକୋସ୍ଲୋଭାକିଆ ।

SIMARINO—San Marino ସାନ୍ ମାରିନୋ ।

SOBREPORTE କଲମ୍ବିଆ ।

SOCIETE DES NATIONS
(League of Nations) ସ୍ୱିଜରଲଣ୍ଡ ।

SONORA ମେକ୍ସିକୋ ।

SOUDAN- ସୁଦାନ ।

SOUDAN FRANCAIS ଫରାସୀ ସୁଦାନ ।

S. THOME E PRINCIPE
ସେଣ୍ଟ ଟୋମାସ ଆଣ୍ଡ ପ୍ରିନ୍ସାଇପ୍ ଆଇଲଣ୍ଡସ୍ ।

SUIDAFRIKA—ଦକ୍ଷିଣ ଆଫ୍ରିକା ।

SUIDWES AFRIKA ଦକ୍ଷିଣ ପଶ୍ଚିମ ଆଫ୍ରିକା ।

SUOMI—ଫିନ୍‌ଲଣ୍ଡ ।

SURINAME—Surinam ଡଚ୍ ଗିନି ।

SVERIGE—ସ୍ୱିଡେନ୍ ।

S. W. A. ସାଉଥ୍ ୱେଷ୍ଟ ଆଫ୍ରିକା ।

SWAZIELAND—ସ୍ୱାଜିଲଣ୍ଡ (ଆଫ୍ରିକାରେ)

SYRIE
SYRIENNE | ସିରିଆ ।

# T

TAKCA ବୁଲଗେରିଆ ।

TAKSE—ଆଲବାନିଆ ।

TANGER—ଫରାସୀ ଟିକେଟରେ ଲେଖାଥିଲେ, ମରକ୍କୋରେ ଫରାସୀ କାର୍ଯ୍ୟାଳୟ । ସ୍ପେନ୍ ଟିକଟରେ ଲେଖାଥିଲେ, ମରକ୍କୋରେ ସ୍ପେନ୍‌ର କାର୍ଯ୍ୟାଳୟ ।

TANGIER — ଇଂଲଣ୍ଡର ସରକାରୀ ବ୍ୟବସ୍ଥାର ମରକ୍କୋରେ ।

T. E. C. K. ତୁରସ୍କ ।

TCHAD - Chad ଚାଦ୍ (ଆଫ୍ରିକାରେ)

T. C. POSTALARI — ତୁରସ୍କ ।

TE BETALEN — ହଲାଣ୍ଡ, ଡଚ୍ ଇଣ୍ଡିଜ, କୁରାକାଓ ଓ ସୁରନାମ । (କିନ୍ତୁ A PAYER ସାଙ୍ଗରେ ଲେଖାଥିଲେ — ବେଲଜିଅମ୍)

TELEGRAFOS — ଫିଲିପାଇନ୍ସ ।

TOGA — ଟଙ୍ଗା ।

TOUVA ଟାନୁଟୁଭା

T. T. T. T. (ପ୍ରତି କୋଣରେ ଗୋଟିଏ T) — ଡମିନିକାନ୍ ରିପବ୍ଲିକ୍ ।

TUMACO — କଲମ୍ବିଆ ।

TUNIS }
TUNISIE } ଟ୍ୟୁନିସିଆ ।

TURKIYE,
TURK POSTALARI } ତୁରସ୍କ ।

# U

UAPCTBO ବୁଲଗେରିଆ ।

U. G. (ସଂଖ୍ୟା, ଟାଇପ୍ ଲେଖା) ଉଗାଣ୍ଡା ।

# V

VALLES D' ANDORRE — ଆଣ୍ଡୋରା Andorra

VALPARAISO MULTADA — ଚିଲି Chile

VANCOUVER ISLAND — କଲମ୍ବିଆ (ବ୍ରିଟିଶ କର୍ତ୍ତୃତ୍ୱାଧୀନ)

VAN DIEMEN'S LAND — Tasmania (ଟାସମାନିଆ) ଅଷ୍ଟ୍ରେଲିଆ ।

VATCANE — ଭାଟିକାନ ନଗର (ଇଟାଲିରେ)

V C. P. P. ସୋଭିଏଟ୍ ରୁଷିଆ ।

VENEZ., VENEZOLANO — Venezuela (ଭେନେଜୁଏଲା) ।

VETEKEVERRIA — ଆଲବାନିଆ ।

# W

WIPA ଅଷ୍ଟ୍ରିଆ ।

WURTTEMBERG — ଫରାସୀ ଅଧିକୃତ ଜର୍ମାନୀ ।

# X

XEJEPA କିମ୍ବା XEΛEP — ମଣ୍ଟେନେଗ୍ରୋ ।

XAPTOΣHMON — ଗ୍ରୀସ୍ ।

# Y

Y. C. C. P. — ସୋଭିଏଟ୍ (ରୁଷିଆ)

YCTAB — ମଣ୍ଟେନେଗ୍ରୋ ।

# Z

Z A. R.—ଉତ୍ତମାଶା ଅନ୍ତରୀପ ।

ZEGELREGT—ଟ୍ରାନ୍ସଭାଲ (Transvaal) ଦକ୍ଷିଣ ଆଫ୍ରିକା ।

ZUIDWEST AFRIKA—ଦକ୍ଷିଣ ପଶ୍ଚିମ ଆଫ୍ରିକା ।

ZURICH—ସ୍ୱିଜରଲଣ୍ଡ ।

ORISSA BOOK STORE
CUTTACK-753002

## ବିଦେଶୀ ଭାଷା

日本郵便

ଜାପାନ

ПОЧТА

ରୁଷିଆ

中国人民邮政

ଚୀନ

中華民國郵票

ଫର୍ମୋଜା

琉球郵便

ରୁସୁକୁ ଦ୍ୱୀପ


조선우표

ଉତ୍ତର କୋରିଆ


БЪЛГАРИЯ

ବୁଲଗେରିଆ

ଛିଦ୍ରମାପକ




ଜଳଚିହ୍ନ ଦେଖିବାର
କଳାପଟି




10
10
SERVICE
INDIA POSTAGE
INDIA
1R